NITIDIN
ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20
8 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
SATURDAY 15 NOVEMBER 2025
ଶନିବାର ୧୫ ନଭେମ୍ବର ୨୦୨୫
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 179 BHUBANESWAR I BERHAMPUR I SAMBALPUR I BALASORE I JAJPUR
ବର୍ଷ ୧୧ • ସଂଖ୍ୟା ୧୭୯ ଭୁବନେଶ୍ୱର। ବ୍ରହ୍ମପୁର। ସମ୍ବଲପୁର। ବାଲେଶ୍ୱର। ଯାଜପୁର

## କାମ ଦେଲାନି ନବୀନଙ୍କ ଡବଲ୍ ରାଲି

# ନୂଆପଡ଼ାରେ 'ଜୟ' ଜୟକାର

### ୮୩,୭୪୮ ଭୋଟ୍ ବ୍ୟବଧାନରେ ଜୟ ଢୋଲକିଆ ବିଜୟୀ






**ଭୁବନେଶ୍ୱର,୧୪।୧୧/ଏନ୍ଏନ୍ଏସ୍:**

- ଭୋଟ୍ ପାଇବାରେ ବାପାଙ୍କୁ ଟପିଲେ ଜୟ
- କଂଗ୍ରେସ ରିଟର୍ଣ୍ଣ: ବିଜେଡିକୁ ପଛରେ ପକାଇଲା
- ବିଜେଡିକୁ ତୃତୀୟ ସ୍ଥାନକୁ ଠେଲିଦେଲା ଜନାଦେଶ
- ୨୨୪୮ ଖଣ୍ଡ ଭୋଟ୍ ସହ ୪ର୍ଥ ସ୍ଥାନରେ 'ନୋଟା'

ନବୀନଙ୍କ କ୍ରେଜ୍‌ରେ ଲାଗିଲା ବ୍ରେକ୍। କାମ ଦେଲାନି ନବୀନଙ୍କ ଡବଲ ରାଲି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗ୍ୟାରେଣ୍ଟିରେ ବିଜେଡିର ଗଡ଼ ପୂରା ଚୂରମାର୍। ବିଜେଡି ହାତରୁ ଖସିଲା ନୂଆପଡ଼ା। ନୂଆପଡ଼ାରେ ଉଡ଼ିଛି ବିଜେପିର ବିଜୟ ବାନା। ଉପନିର୍ବାଚନରେ ବାଜିମାତ୍ କରିଛି ବିଜେପି। ନବୀନ ହାତ ହଲାଇଦେଲେ ବିଜେଡି ପ୍ରାର୍ଥୀ ଜିତିଯିବେ ବୋଲି କହିଆସୁଥିବା ନେତାଙ୍କ ଦର୍ପ ବି ଅବିଶ୍ୱନୀୟଭାବେ ଭାଙ୍ଗିଯାଇଛି। ବାଜି ମାରିନେଇଛନ୍ତି ଜୟ ଢୋଲ୍‌କିଆ। ନୂଆପଡ଼ା ନିର୍ବାଚନ ଇତିହାସରେ ସେ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଘାସିରାମ ମାଝୀଙ୍କ ଠାରୁ ଜୟ ୮୩ ହଜାର ୭୪୮ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇ ରେକର୍ଡ଼ କରିଛନ୍ତି। ତେଣୁ ନୂଆପଡ଼ାର ସବୁଠି 'ଜୟ'ଙ୍କ ଜୟଜୟକାର ଶୁଭୁଛି। ଜୟଙ୍କୁ ମୋଟ୍ ୧,୨୩,୮୬୯ ଭୋଟ୍ (୫୮.୨୭%) ମିଳିଛି, ଯାହାକି ରାଜ୍ୟରେ ବିଜେପି ପାଇଁ ଏକ ବୃହତ ବିଜୟ। ଏହି ରେକର୍ଡ଼ ବିଜୟ କେବଳ ଭୋଟ୍ ବ୍ୟବଧାନ ଦୃଷ୍ଟିରୁ ବଡ଼ ନୁହେଁ, ବରଂ ଓଡ଼ିଶା ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ସଙ୍କେତ ଦେଇଛି। ନୂଆପଡ଼ାର ଜନାଦେଶ ରାଜ୍ୟରେ ଦୀର୍ଘ ୨୪ବର୍ଷ ଧରି ଶାସନ କରିଥିବା ଏକନମ୍ବର ଦଳ ବିଜେଡିକୁ ତୃତୀୟ ସ୍ଥାନକୁ ଠେଲି ଦେଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ଗଢ଼ାଯାଇଥିବା ରାଜ୍ୟ ସରକାର ପ୍ରଥମ ଉପନିର୍ବାଚନରେ ସମ୍ମୁଖୀନ ହୋଇ ସଫଳ ହୋଇଛନ୍ତି। ବିଜୟୀ ହେବା ପରେ ଜୟ ଢୋଲ୍‌କିଆ ନୂଆପଡ଼ାବାସୀଙ୍କ ଠାରେ କୃତଜ୍ଞ ବୋଲି ପ୍ରକାଶ କରି କହିଛନ୍ତି ବାପାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବି। ଆମ ନିର୍ବାଚନ ମଣ୍ଡଳୀକୁ ସାଧାରଣ ଜନତାଙ୍କ ପରାମର୍ଶରେ ନୂଆ ରୂପରେ ଗଢ଼ିବାକୁ ଚେଷ୍ଟା କରିବି ବୋଲି କହିଛନ୍ତି। ୨୦୦୯, ୨୦୧୪, ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ନୂଆପଡ଼ା ବିଧାନସଭା ଆସନରୁ କୌଣସି ପ୍ରାର୍ଥୀ ଜୟ ଢୋଲକିଆଙ୍କ ଭଳି ଲକ୍ଷେରୁ ଅଧିକ ଭୋଟ୍ ପାଇ ବିଜୟୀ ହୋଇ ନଥିଲେ। ଏମିତିକି କେହି ୧ ଲକ୍ଷ ପାଖାପାଖି ମଧ୍ୟ ପହଞ୍ଚି ନଥିଲେ। ସେହିଭଳି ୮୩ ହଜାରରୁ ଅଧିକ ଭୋଟ୍ ବ୍ୟବଧାନରେ ମଧ୍ୟ କେହି ଜିତି ନଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଜୟ ଢୋଲକିଆଙ୍କ ବାପା ରାଜେନ୍ଦ୍ର ଢୋଲକିଆ ନୂଆପଡ଼ା ଆସନରୁ ବିଜେଡିରୁ ପ୍ରାର୍ଥୀ ହୋଇ ୬୧,୮୨୨ ଖଣ୍ଡ ଭୋଟ୍ ପାଇଥିଲେ। ତେବେ ଉପନିର୍ବାଚନରେ ମିଳିଛି ୩୮,୪୦୮ ଖଣ୍ଡ ଭୋଟ୍। ଅର୍ଥାତ୍ ଦଳ ଆହୁରି ୨୩, ୪୧୪ ଖଣ୍ଡ ଭୋଟ୍ ହରାଇଛି। ନିଶ୍ଚିତ ଭାବେ ଏହା ଦଳ ପାଇଁ ଏକ ବଡ଼ ଧକ୍କା।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆରଏସ୍ ଗୋପାଳନ କହିଛନ୍ତି ଯେ ଭୋଟ୍ ଗଣତି ପାଇଁ ପ୍ରାଶସନ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା କରାଯାଇଥିଲା। ସେଣ୍ଟ୍ରାଲ ଆର୍ମ ପୁଲିସ ଫୋର୍ସ (ସିଏପିଏଫ୍) ତତ୍ତ୍ୱାବଧାନରେ ଷ୍ଟ୍ରଙ୍ଗ୍ ରୁମରୁ ସିଲ୍ ଥିବା ଇଭିଏମ୍ ଧାର୍ଯ୍ୟ ସମୟରେ ଆଣି ଖୋଲାଯାଇଥିଲା। ତେବେ ଗଣତି ସମୟରେ ସିଏପିଏଫ୍, ବିଏସ୍ଏଫ୍, ଏସ୍ଏପି ଓ ରାଜ୍ୟ ପୁଲିସ ମୁତୟନ ରହିଥିଲେ। ଗଣତିସ୍ଥଳକୁ ବାହାର ଲୋକଙ୍କୁ ଛଡ଼ାଯାଇ ନଥିଲା। ଟ୍ରାଫିକ୍ କଟକଣା ଜାରି କରାଯାଇଥିଲା। ପ୍ରଥମେ ସକାଳ ୮ରେ ପୋଷ୍ଟାଲ ବାଲାଟ୍ ଗଣାଯାଇଥିବାବେଳେ ସକାଳ ସାଢ଼େ ୮ରେ ୩୫୮ ବୁଥ୍‌ର ଇଭିଏମ୍ ଗଣତି ଆରମ୍ଭ ହୋଇଥିଲା। ଏଥିପାଇଁ ୧୪ଟି ଟେବୁଲ୍‌ରେ ତାଲିମପ୍ରାପ୍ତ କର୍ମଚାରୀ ୨୯ଟି ରାଉଣ୍ଡରେ ଭୋଟ୍ ଗଣତି କରିଥିଲେ। ପ୍ରଥମ ରାଉଣ୍ଡ ଭୋଟ୍ ଗଣତିରୁ ହିଁ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଆଗୁଆ ଥିଲେ। ୨୯ ରାଉଣ୍ଡ ଗଣତି ପରେ ସେ ମୋଟ୍ ୧ ଲକ୍ଷ ୨୩ ହଜାର ୮୬୯ ଭୋଟ୍ ପାଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା ▶▶ ୫

### ଶୁଭେଚ୍ଛା ଜଣାଇଲେ ମୋଦୀ

**ଭୁବନେଶ୍ୱର,୧୪।୧୧/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆପଡ଼ା ନିର୍ବାଚନ ଫଳାଫଳକୁ ନେଇ ସୋସିଆଲ ମିଡିଆରେ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ ବିଜେପି ପାଇ ଉପନିର୍ବାଚନରେ ବିପୁଳ ବିଜୟ ପାଇଁ ଓଡ଼ିଶାର ନୂଆପଡ଼ାର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଉଛି। ନବନିର୍ବାଚିତ ବିଧାୟକ ଜୟ ▶▶ ୫

## ବିକାଶ ପାଇଁ ଭୋଟ୍: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୪।୧୧/ଏନ୍ଏନ୍ଏସ୍:**

ଆଜିର ନିର୍ବାଚନ ନୂଆପଡ଼ା ବିକାଶ ପାଇଁ ଭୋଟ୍। ବିକାଶ ହିଁ ବିଶ୍ୱାସ ଓ ବିକାଶ ହିଁ ପ୍ରଗତିର ନନ୍ଦିଘୋଷ। ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଢ଼ିବାରେ ନୂଆପଡ଼ାବାସୀ ଭାଗିଦାରୀ ହୋଇଛନ୍ତି। ଲୋକଙ୍କ ସରକାରରେ ଗତ ୧୬ ମାସ ଧରି ସ୍ୱଚ୍ଛ ଶାସନ ଓ ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବାରେ ଡବଲ ଇଞ୍ଜିନ ସରକାର ସଫଳ ହୋଇଛି। ଟ୍ରିପଲ ଇଞ୍ଜିନ ସରକାର ଗଢ଼ିବା ପାଇଁ ଆମେ ଯେଉଁ ଆହ୍ୱାନ ଦେଇଥିଲୁ, ସେଥିରେ ନୂଆପଡ଼ାବାସୀ ସାମିଲ ହୋଇଛନ୍ତି। ବିଜେପି ସରକାରରେ ହିଁ ନୂଆପଡ଼ାର ବିକାଶ ହେବା ବୋଲି ନୂଆପଡ଼ାବାସୀ ବୁଝିପାରିଛନ୍ତି। ମିଥ୍ୟା ପ୍ରଚାର ଓ ମିଥ୍ୟା ସ୍ୱପ୍ନର ଚିତ୍ରକୁ ଦେଖି ବାଟବଣା ହେବାର ସମୟର ଯୁଗ ଶେଷ ହୋଇଛି ବୋଲି ଆଜି ନୂଆପଡ଼ାବାସୀ ପ୍ରମାଣିତ କରିଛନ୍ତି। ନୂଆପଡା ଉପନିର୍ବାଚନରେ ବିଜୟୀ ପାଇଁ ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ବିଜୟ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏହା କହିଛନ୍ତି। ▶▶ ୫

## ଲଢ଼େଇ ଜାରି ରହିବ: ନବୀନ

**ଭୁବନେଶ୍ୱର,୧୪।୧୧/ଏନ୍ଏନ୍ଏସ୍:**

ନୂଆପଡ଼ାରେ ଦଳ ତୃତୀୟ ସ୍ଥାନରେ ରହିବା ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଟ୍ୱିଟ୍ ମାଧ୍ୟମରେ କହିଛନ୍ତି ଯେ ପରାଜୟ ସତ୍ତ୍ୱେ ଲଢ଼େଇ ଜାରି ରହିବ ଓ ଲୋକଙ୍କ ବିଶ୍ୱାସ ଆମ ପାଇଁ ପ୍ରଥମ ବୋଲି କହିଛନ୍ତି । ନିର୍ବାଚନରେ ଏକଜୁଟ୍ ହୋଇ ଅକ୍ଳାନ୍ତ ପରିଶ୍ରମ କରିଥିବା ଦଳର ପ୍ରତ୍ୟେକ ନେତା, କର୍ମୀ ଏବଂ ସମର୍ଥକଙ୍କୁ କୃତଜ୍ଞତା ଜଣାଇବା ସହ ସେମାନଙ୍କର ପ୍ରତିବଦ୍ଧତା ହିଁ ଦଳର ▶▶ ୫

## ବିହାର ବିଧାନସଭା ନିର୍ବାଚନ

# ଏନ୍‌ଡିଏର ସୁନାମୀ




### ବିଜେପି ସଂଖ୍ୟା ଗରିଷ୍ଠ ଦଳ, ୨ୟରେ ଜେଡିୟୁ

### ଧରାଶାୟୀ ହେଲା ବିରୋଧୀ ଗୋଷ୍ଠୀ

### ବହୁକଷ୍ଟରେ ସମ୍ମାନ ରକ୍ଷା କଲେ ତେଜସ୍ୱୀ

**ପାଟନା, ୧୪।୧୧/ଏଜେନ୍ସି:**

ବିହାର ବିଧାନସଭା ନିର୍ବାଚନ ଫଳାଫଳ ସାମ୍ନାକୁ ଆସିଛି। ଏକ୍‌ଜିଟ୍ ପୋଲ୍ ରେଜଲ୍ଟ ସତ ହୋଇଛି। ବିହାରବାସୀ ଏନ୍‌ଡିଏ ମେଣ୍ଟକୁ ସଂଖ୍ୟା ଗରିଷ୍ଠତା ପ୍ରଦାନ ପୂର୍ବକ ପୁଣିଥରେ ସରକାର ଗଠନ କରିବାକୁ ଜନାଦେଶ ଦେଇଛନ୍ତି। ମୁଖ୍ୟତଃ ବିହାରର ଯୁବଗୋଷ୍ଠୀ ଏବଂ ମହିଳା ଭୋଟରଙ୍କ ସମର୍ଥନ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟକୁ ଯାଇଛି। ତେବେ ଜେଡିୟୁ ତୁଳନାରେ ବିଜେପିକୁ ଏଠାରେ ମିଳିଥିବା ସଫଳତା ନୀତୀଶଙ୍କ ତୁଳନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ବିହାରୀ ମହିଳା ଓ ଯୁବଗୋଷ୍ଠୀଙ୍କ ବିଶ୍ୱାସକୁ ପ୍ରତିଫଳିତ କରିଛି। ଗୋଟିଏ ପଟେ ଯେଉଁଠି ବିରୋଧୀ ମେଣ୍ଟର ଅଂଶୀଦାର ଦଳଗୁଡ଼ିକ ଭୋଟ୍ ପଡ଼ିବା ପର୍ଯ୍ୟନ୍ତ ପରସ୍ପର ସହ ବିବାଦରେ ମଧ୍ୟରେ ଛନ୍ଦି ହୋଇ ରହିଲେ ବିଜେପି କିନ୍ତୁ ନିଜ ନିର୍ବାଚନ ଷ୍ଟ୍ରାଟେଜୀକୁ ପାଥେୟ କରି ବିଶାଳ ବିଜୟ ହାସଲ କରିନେଇଛି। ଏସବୁ ମଧ୍ୟରେ ବିରୋଧୀ ଗୋଷ୍ଠୀର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ କଷ୍ଟେମଷ୍ଟେ ସମ୍ମାନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ଆଜି ପର୍ଯ୍ୟନ୍ତ ଆରଜେଡିର ଗଡ଼ ହୋଇ ରହିଆସିଥିବା ରାଘୋପୁର ନିର୍ବାଚନ ମଣ୍ଡଳୀରୁ ସେ ପ୍ରାର୍ଥୀ ହୋଇଥିବା ବେଳେ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ମାତ୍ର ୧୪ହଜାର ଭୋଟରେ ହିଁ ବିଜୟ ଲାଭ କରିଛନ୍ତି। ଅର୍ଥାତ୍ ତାଙ୍କୁ ଏଠାରେ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିଛି। ବିରୋଧୀ ଗୋଷ୍ଠୀର ଅନେକ ବଡ଼ ନେତା ପରାଜିତ ହୋଇଥିବା ବେଳେ ବିଜେପିର ଅନେକ ନବାଗତ ▶▶ ୫

### ନିଜ ଗୋଡରେ ନିଜେ କୁରାଢ଼ୀ ମାରିଛନ୍ତି ବିରୋଧୀ

ବିଜେପି ନିଜ ପ୍ରଚାର ଅଭିଯାନରେ ଯେତେବେଳେ ବିକାଶର କଥା କହୁଥିଲା ସେତେବେଳେ ବିରୋଧୀ ଗୋଷ୍ଠୀର ନେତାମାନେ କେବଳ ନୀତୀଶ ଏବଂ ମୋଦୀଙ୍କୁ ସମାଲୋଚନା କରିବା ଦେଖିବାକୁ ମିଳିଥିଲା, ଯାହାକି ବିହାରବାସୀଙ୍କୁ ପସନ୍ଦ ଆସିନଥିଲା। ବିଜେପି ଏବଂ ଜେଡିୟୁ ସମେତ ଏନ୍‌ଡିଏ ମେଣ୍ଟର ଅଂଶୀଦାର ଦଳଗୁଡ଼ିକ ଭୋଟରଙ୍କ ସମ୍ମୁଖରେ ଡବଲ୍ ଇଞ୍ଜିନ୍ ସରକାରରେ ଲାଭ ତଥା ଏକ ସୁଚିନ୍ତିତ ବିକାଶୋନ୍ମୁଖୀ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଥିଲେ। ସବୁବର୍ଗର ହିତାଧିକାରୀଙ୍କ ପାଇଁ ଏମାନଙ୍କ ପାଇଁ ସଠିକ୍ ▶▶ ୫

### ଏନ୍‌ଡିଏର ଐତିହାସିକ ବିଜୟ ପଛରେ ୫ଟି କାରଣ

୧- ସୁଚିନ୍ତିତ ଆସନ ବଣ୍ଟନ ଫର୍ମୁଲା
୨- 'ଜଙ୍ଗଲ ରାଜ' ଭୟକୁ ସଠିକ୍ ଭାବେ ଉପସ୍ଥାପନ
୩- ବିସ୍ତାରିତ ଜାତିଗତ ମେଣ୍ଟ
୪- ମହିଳା ଭୋଟର ସଂଗ୍ରହ ଏବଂ କଲ୍ୟାଣକାରୀ ପ୍ରଚାର
୫- ନୀତିଶ ଫ୍ୟାକ୍ଟର ଏବଂ ଜେଡି(ୟୁ)ର ପୁନରୁତ୍ଥାନ





### ଆଉ ଫେରିବନି ଜଙ୍ଗଲରାଜ:ମୋଦୀ

### ଗାମୁଛା ହଲାଇ କଲେ ସେଲିବ୍ରେସନ୍

**ନୂଆଦିଲ୍ଲୀ,୧୪।୧୧/ଏନ୍ଏନ୍ଏସ୍:**

'ଜଙ୍ଗଲ ରାଜ' କେବେ ବିହାରକୁ ଫେରିବ ନାହିଁ। 'କଟ୍ଟା'(ଅସ୍ତ୍ର) ସରକାର ଫେରିବ ନାହିଁ। ଶୁକ୍ରବାର ସନ୍ଧ୍ୟାରେ ଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି। ବିହାର ବିଧାନସଭା ନିର୍ବାଚନର ଫଳାଫଳ ବିଜେପି ନେତୃତ୍ୱାଧୀନ ଏନଡିଏକୁ ଆଣି ଦେଇଛି ବିପୁଳ ବିଜୟ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟକୁ ଯାଇଥିଲେ। ଯେଉଁଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ସମୟରେ ପାର୍ଟି ମୁଖ୍ୟାଳୟ 'ମୋଦୀ ମୋଦୀ' ନାରାରେ ପ୍ରକମ୍ପିତ ହୋଇଥିଲା। ପିଏମ୍ ମୋଦୀ ମୁଖ୍ୟାଳୟ ପହଞ୍ଚିବା ମାତ୍ରେ ପାର୍ଟି ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସହ କେନ୍ଦ୍ର ▶▶ ୫




झारखण्ड सरकार
GOVERNMENT OF JHARKHAND
झारखण्ड 25
अनंत संभावनाओं की ओर
उलगुलान के महानायक
भगवान
बिरसा मुंडा
की 150वीं जयंती
पर 25 वर्ष का
युवा झारखण्ड धरती आबा
को नमन करता है
जोहार
उलिहातू
झारखण्ड के खूंटी स्थित उलिहातू की पहाड़ियों और जंगलों में जन्मा एक ऐसा महानायक, जिसने अपने साहस और संघर्ष से ब्रिटिश शासन को चुनौती दी। वे बिरसा मुंडा थे, जिन्हें उनके अनुयायियों ने धरती आबा भगवान बिरसा मुंडा के रूप में पूजा।
बिरसा मुंडा ने आदिवासियों के अधिकारों के लिए संघर्ष का बिगुल बजाया, उनका उद्देश्य स्पष्ट था। लोगों को उनकी भूमि और अधिकार वापस दिलाना।
बिरसा मुंडा के क्रांतिकारी विचारों से विचलित हो कर ब्रिटिश शासकों ने उन्हें गिरफ्तार कर जेल में डाल दिया गया। जेल में ही 09 जून 1900 को धरती आबा भगवान बिरसा मुंडा शहीद हो गए।
लेकिन उनके उलगुलान का संदेश थमा नहीं। बिरसा मुंडा समेत वीर पुरखों के आदर्शों पर चल कर लंबे संघर्ष और बलिदान के बाद आंदोलनकारियों ने झारखण्ड अलग राज्य का सपना पूरा किया। आज धरती आबा का युवा झारखण्ड हम सभी के समक्ष है।
श्री संतोष कुमार गंगवार
माननीय राज्यपाल, झारखण्ड
श्री हेमन्त सोरेन
माननीय मुख्यमंत्री, झारखण्ड
सूचना एवं जनसंपर्क विभाग, झारखण्ड सरकार

## ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନା

# ‘ଲୋଗୋ’ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

▶ ଏହି ଲୋଗୋ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆଦର୍ଶର ପ୍ରତୀକ

▶ ୨୨୦୦ ବିଦ୍ୟାଳୟ ପାଇଁ ଖର୍ଚ୍ଚ ହେବ ପ୍ରାୟ ୧୨ ହଜାର କୋଟି





**ଭୁବନେଶ୍ୱର ,୧୪।୧୧/ଏନ୍ଏନ୍ଏସ୍:** ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକାରିତାକୁ ଆଉ ଗୋଟିଏ ପାଦ ଆଗକୁ ନେଇ ଆଜି ଲୋକସେବା ଭବନ ଠାରେ ଏହି ଯୋଜନାର ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଲୋଗୋକୁ ଉନ୍ମୋଚନ କରି କହିଛନ୍ତି ଯେ ପିଲାଙ୍କୁ ଆଧୁନିକ ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହ ଶିକ୍ଷାକୁ ଆକର୍ଷଣୀୟ ଓ ପ୍ରଭାବଶାଳୀ କରିବା ପାଇଁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ।

ଅନ୍ୟପକ୍ଷରେ ଉକ୍ତ ବୈଠକର ଆଲୋଚନାରୁ ଜଣାପଡ଼ିଛି ଯେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୨୦୦ ବିଦ୍ୟାଳୟକୁ ସୁଦୃଢ଼ କରିବା ପାଇଁ ପ୍ରାୟ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଆଗାମୀ ଚାରି ବର୍ଷ ଅର୍ଥାତ୍ ୨୦୨୫-୨୬ ରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ଏହା ଖର୍ଚ୍ଚ କରାଯିବ। ଏହି ବିଦ୍ୟାଳୟଗୁଡ଼ିକ ଗ୍ରାମପଞ୍ଚାୟତର ଏପରି ଏକ ଗ୍ରାମରେ ସ୍ଥାପିତ କରାଯିବ ଯେଉଁଠାରେ ଅନ୍ୟୁନ ୫ ଏକର ଜମି ଉପଲବ୍ଧ ଥିବା ସହିତ ଯେଉଁଠାକୁ ଗମନାଗମନ ସୁବିଧା ଥିବ। ପଞ୍ଚାୟତର ମଧ୍ୟ ସ୍ଥଳରେ ଅନ୍ୟୁନ ୫ ଏକର ଜମି ଉପଲବ୍ଧ ଥିବା ସର୍ବବୃହତ ଗ୍ରାମକୁ ପ୍ରାଥମିକତା ଦିଆଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଲୋଗୋ ଓଡ଼ିଆ ସଂସ୍କୃତିକୁ ବହନ କରୁଛି। ମହାନ ଶିକ୍ଷାବିତ୍ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆଦର୍ଶକୁ ବହନ କରୁଛି। ଏହି ‘ଲୋଗୋ’ ଶିକ୍ଷାର ମହତ୍ତ୍ୱ ଓ ଭୂମିକାକୁ ପ୍ରତିଫଳିତ କରୁଛି। ‘ଲୋଗୋ’ର ମଧ୍ୟ ଭାଗରେ ଏକ ଖୋଲା ପୁସ୍ତକ ଓ ଏକ କଲମ ମୁନ ରହିଛି। ଖୋଲା ପୁସ୍ତକ ଶିକ୍ଷା ଏବଂ ବୌଦ୍ଧିକ ଶକ୍ତିର ଜାଗରଣକୁ ବୁଝାଏ ଏବଂ କଲମ ମୁନ ସୃଜନଶୀଳତା ଓ ପ୍ରକାଶନକୁ ପ୍ରତିନିଧିତ୍ୱ କରେ। କଲମ ମୁନର ଉପରିଭାଗରେ ଜଳୁଥିବା ମଶାଲ୍, ଜ୍ଞାନ ଓ ସତ୍ୟର ପ୍ରତୀକ, ଯାହା ଅଜ୍ଞାନତା ଦୂର କରିଥାଏ ଏବଂ ପ୍ରଗତିକୁ ପ୍ରୋତ୍ସାହିତ କରିଥାଏ। ଏହା ଆମ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ଜାଗରିତ କରିବ। ମଶାଲ୍ ଚାରିପାଖରେ ବିଚ୍ଛୁରିତ ହେଉଥିବା କିରଣ ନୈତିକ ଆଲୋକର ପ୍ରତୀକ। ‘ଲୋଗୋ’ର ବୃତ୍ତାକାର ରୂପ ଏକତା, ଅନ୍ତର୍ଭୁକ୍ତି ଏବଂ ସମନ୍ୱୟକୁ ବୁଝାଏ। ଲୋଗୋରେ ଥିବା ତିନୋଟି ତାରା - ଜ୍ଞାନ, ଚରିତ୍ର ଓ ସେବାକୁ ପ୍ରତିନିଧିତ୍ୱ କରେ। ଏଥିରେ ବ୍ୟବହୃତ ରଙ୍ଗ ସବୁ ବି ଗଭୀର ଅର୍ଥ ବହନ କରେ। ଲୋଗୋ ଚାରିପାଖରେ ଓଡ଼ିଆ ଲିପିରେ ଲିଖିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ଆମ ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଏହି ଆଦର୍ଶ ବିଦ୍ୟାଳୟ ନିର୍ମାଣ ଫଳରେ ଉକ୍ତ ଅଞ୍ଚଳରେ ଶିକ୍ଷା ଭିତ୍ତିଭୂମି ଏବଂ ଶିକ୍ଷଣ ପରିବେଶରେ ଉନ୍ନତି ଆସିବ। ଆଧୁନିକ ଶ୍ରେଣୀଗୃହ, ଡିଜିଟାଲ୍ ଉପକରଣ ଏବଂ କ୍ରୀଡ଼ା ଉପକରଣ ଭଳି ସୁବିଧା ସେହି ବିଦ୍ୟାଳୟରେ ଉପଲବ୍ଧ ହେବ। ପ୍ରତ୍ୟେକ ପିଲାଙ୍କୁ ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ ଦକ୍ଷତାରେ ନିପୁଣ କରିବା ସହିତ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ସେମାନଙ୍କର ସାମଗ୍ରୀକ ବିକାଶ କରାଇବା ଏହି ଆଦର୍ଶ ବିଦ୍ୟାଳୟ ଗୁଡ଼ିକର ମୂଳ ଉଦ୍ଦେଶ୍ୟ। ଚଳିତ ବଜେଟରେ ଯେଉଁ ପ୍ରାବଧାନ କରାଯାଇଛି ଏବଂ ଏହି ସମ୍ବନ୍ଧରେ କ୍ୟାବିନେଟ୍‌ରେ ଯେଉଁ ନିଷ୍ପତ୍ତି ଗ୍ରହଣ କରାଯାଇଛି, ତାକୁ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟାନ୍ୱୟନ କରାଯିବା ଆବଶ୍ୟକ।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଏହି ଯୁଗାନ୍ତକାରୀ ଯୋଜନାର ଲୋଗୋ ଉନ୍ମୋଚନ ହୋଇଛି। ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପିଲାମାନଙ୍କୁ ସାମାଜିକ ଏବଂ ଶୈକ୍ଷିକ ଉଭୟ କ୍ଷେତ୍ରରେ ଆଗକୁ ବଢ଼ିବାରେ ସାହାଯ୍ୟ, ସହଯୋଗ ଯୋଗାଇ ଦେବ। ଏହି ଯୋଜନା ଅଧିନରେ ପ୍ରାୟ ୨୨୦୦ ବିଦ୍ୟାଳୟକୁ ଚୟନ କରାଯିବ। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କେବଳ ଏକ ଶିକ୍ଷା ସଂସ୍କାର ଯୋଜନା ନୁହେଁ, ବରଂ ଏକ ସଂକଳ୍ପ - ପ୍ରତ୍ୟେକ ପିଲାଙ୍କ ପାଇଁ ଶିକ୍ଷାକୁ ସୁଗମ କରିବ। ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଏହି ଯୋଜନା ଆରମ୍ଭ ହୋଇଛି। ଗ୍ରାମାଞ୍ଚଳରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ପରିକଳ୍ପନା। ପ୍ରାଥମିକ ଶ୍ରେଣୀଗୁଡ଼ିକ ଉଚ୍ଚ ବିଦ୍ୟାଳୟର ମୂଳଦୁଆ ସ୍ଥାପନ କରେ। ତେଣୁ ପ୍ରାଥମିକସ୍ତରରେ ପିଲାମାନଙ୍କୁ ପର୍ଯ୍ୟାପ୍ତ ପ୍ରସ୍ତୁତି ଏବଂ ଆବଶ୍ୟକୀୟ ଦକ୍ଷତା ପ୍ରଦାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ଏନ. ତିରୁମାଲା ନାଏକ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ‘ନୂଆପଡ଼ା ବିଜୟ ଓଡ଼ିଶାର ରାଜନୈତିକ ଚିତ୍ରପଟ୍ଟରେ ଏକ ନୂତନ ଅଧ୍ୟାୟ’



**ଭୁବନେଶ୍ୱର,୧୪।୧୧/ଏନ୍ଏନ୍ଏସ୍:** ନୂଆପଡ଼ା ବିଜୟ ଓଡ଼ିଶାର ରାଜନୈତିକ ଚିତ୍ରପଟ୍ଟରେ ଏକ ନୂତନ ଅଧ୍ୟାୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆ ‘ଏକ୍ସ’ରେ ଉଲ୍ଲେଖ କରିବା ସହ ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନୂଆପଡ଼ା ଉପନିର୍ବାଚନରେ ଭାରତୀୟ ଜନତା ପାର୍ଟିର ଅତ୍ୟନ୍ତ ଉଚ୍ଚକୋଟୀର ପ୍ରଦର୍ଶନ ଏବଂ ବିଜୟ ହାସଲ ଓଡ଼ିଶାର ରାଜନୈତିକ ଚିତ୍ରପଟ୍ଟରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଏହି ବିଜୟ ଆମ ସରକାରଙ୍କ ନୀତି, ଆଦର୍ଶ ତଥା ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ପ୍ରତି ଜନସାଧାରଣଙ୍କ ସମ୍ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସକୁ ପ୍ରମାଣିତ କରୁଛି। ନୂଆପଡ଼ାବାସୀ ବିରୋଧୀ ଦଳମାନଙ୍କର ଅପପ୍ରଚାର ଓ ମିଥ୍ୟା ପ୍ରତିଶ୍ରୁତିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ବିକାଶକୁ ସମର୍ଥନ କରି ଭାରତୀୟ ଜନତା ପାର୍ଟି ସପକ୍ଷରେ ଏକ ସ୍ପଷ୍ଟ ଜନାଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମୁଁ ନୂଆପଡ଼ାର ପ୍ରତ୍ୟେକ ଜନସାଧାରଣଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବାସହ ନୂଆପଡ଼ାର ନବନିର୍ବାଚିତ ବିଧାୟକ ଶ୍ରୀ ଜୟ ଢୋଲକିଆଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଏହା ସହ ଏହି ବିଶାଳ ବିଜୟ ପାଇଁ ମୁଁ ଆମ ଦଳର ମାନ୍ୟବର ରାଜ୍ୟ ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲ, ମାନ୍ୟବର ମନ୍ତ୍ରୀ, ସାଂସଦ ଓ ବିଧାୟକଗଣ ତଥା ଦଳର ଦେବଦୁର୍ଲଭ କାର୍ଯ୍ୟକର୍ତ୍ତାମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି।

ନୂଆପଡ଼ାବାସୀଙ୍କ ସମର୍ଥନ ଆମକୁ ନୂଆ ପ୍ରେରଣା ଓ ଶକ୍ତି ଦେଇଛି। ଆମେ ନୂଆପଡ଼ାର ବିକାଶ ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଏବଂ ଆପଣମାନଙ୍କ ସହଯୋଗରେ ଆମେ ସମୃଦ୍ଧ ନୂଆପଡ଼ା ଓ ସମୃଦ୍ଧ ଓଡ଼ିଶା ଗଠନରେ ନିଶ୍ଚୟ ସଫଳ ହେବା।






## ଜୟଙ୍କ ବିଜୟ ପରେ ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର

# ‘ନୂଆପଡ଼ାବାସୀଙ୍କ ସହ ଗଣତନ୍ତ୍ରର ବିଜୟ ହୋଇଛି’



**ଭୁବନେଶ୍ୱର,୧୪।୧୧/ଏନ୍ଏନ୍ଏସ୍:** ନୂଆପଡ଼ାରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ବିଜୟ ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ନୂଆପଡ଼ା ଉପନିର୍ବାଚନରେ ନୂଆପଡ଼ାବାସୀଙ୍କ ସହ ଗଣତନ୍ତ୍ରର ବିଜୟ ହୋଇଛି ବୋଲି ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି ଯେ ନୂଆପଡ଼ା ଉପନିର୍ବାଚନରେ ନୂଆପଡ଼ାବାସୀଙ୍କ ସହ ଗଣତନ୍ତ୍ରର ବିଜୟ ହୋଇଛି। ପ୍ରଧାନମନ୍ତ୍ରୀନରେନ୍ଦ୍ର ମୋଦୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଜେ.ପି.ନଡ୍ଡା, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ତଥା ଆମ ଆମ ଦଳ ଉପରେ ବିଶ୍ୱାସ କରି ଭୋଟ ଦେଇଥିବାରୁ ନୂଆପଡ଼ାର ଜନସାଧାରଣ ଏବଂ କଠିନ ପରିଶ୍ରମ କରିଥିବା କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଉଛି। ଆମର ଡବଲ ଇଞ୍ଜିନ ସରକାର ନୂଆପଡ଼ାର ବିକାଶକୁ ତ୍ୱରାନ୍ୱିତ କରିବା ସହ ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବ ବୋଲି ମୋର ବିଶ୍ୱାସ। ଏହି ଉପନିର୍ବାଚନରେ ବିଜୟୀ ହୋଇଥିବା ଆମ ଦଳର ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଶୁଭେଚ୍ଛା ବୋଲି ଶ୍ରୀ ପ୍ରଧାନ ସୋସିଆଲ ମିଡିଆ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି।

# ‘ଭୋଟର୍ ମାଟିର ପୁଅକୁ ଚିହ୍ନିଲେନି’



**ଭୁବନେଶ୍ୱର,୧୪।୧୧/ଏନ୍ଏନ୍ଏସ୍:** ନୂଆପଡ଼ା ଉପନିର୍ବାଚନରେ ବିଜେପିର ପ୍ରଦର୍ଶନକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ। ସେ କହିଛନ୍ତି ବିଜେପି ପଇସା ଦେଇ ଭୋଟ୍ କିଣିଛି। ପଇସା ପାଇଁ ବିଜେପି ଆଗରେ ରହିଛି। ଭୋଟରମାନେ ଟଙ୍କାରେ କିଣି ହୋଇଗଲେ, ମାଟିର ପୁଅକୁ ଚିହ୍ନିଲେନି। ଏଠାରେ ମୋର ବ୍ୟକ୍ତିତ୍ୱ କିମ୍ବା ଆଦିବାସୀ କାର୍ଡ କିଛି କାମ କଲାନି। ସେହିପରି ସେ କହିଛନ୍ତି ଯେ କେନ୍ଦ୍ରୀୟ ନେତାଙ୍କ ସାହାଯ୍ୟ, ସମର୍ଥନ ମିଳିଲାନି। ଆବ୍ରାହମ୍ ଲିଙ୍କନ ୯ ଥର ହାରିଥିଲେ, ମୁଁ ୬ଥର ହାରିଛି। ଆଉ ୩ଥର ନିର୍ବାଚନ ଲଢ଼ିବି ବୋଲି ଶ୍ରୀ ମାଝୀ କହିଛନ୍ତି।

# ‘ପରିବର୍ତ୍ତନ ଚାହୁଁଥିଲେ ନୂଆପଡ଼ାବାସୀ’



**ଭୁବନେଶ୍ୱର,୧୪।୧୧/ଏନ୍ଏନ୍ଏସ୍:** ନୂଆପଡ଼ାବାସୀ ପରିବର୍ତ୍ତନ ଚାହୁଁଥିଲେ। ତାର ପ୍ରତିଫଳନ ଭୋଟରେ ଦେଖିବାକୁ ମିଳିଛି ବୋଲି ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ବିଜେପି ସପକ୍ଷରେ ନୂଆପଡ଼ା ଜନାଦେଶ ଆସିବା ପରେ ଶ୍ରୀ ସାମଲ ଏହା କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ନୂଆପଡ଼ାର ବିଭିନ୍ନ ସମସ୍ୟାର ସମାଧାନ ଲାଗି ଲୋକେ ବିଜେପି ଉପରେ ଭରସା କରିଛନ୍ତି। ରାଜନୀତିରେ ଆଚାର ଉଚ୍ଚାରଣ ଠିକ୍ ରହିବା ଦରକାର। କାହାକୁ ବ୍ୟକ୍ତିଗତ ଆକ୍ଷେପ କରିବା ଉଚିତ ନୁହେଁ। ଆମେ ବହୁ ଥର ହାରିଛୁ ଆମେ ହରିବା ଦଳ। ହେଲେ ଆମେ ଏଭଳି ଅଭିଯୋଗ କରିନାହୁଁ। ଏବେ ଜିତିବା ଆରମ୍ଭ କରିଛୁ। ଦେଢ଼ ବର୍ଷର ସରକାରରେ ଏହା ପ୍ରଥମ ଉପନିର୍ବାଚନ ନିର୍ବାଚନ ଥିଲା। ଲୋକ ଜାଣିଛନ୍ତି କାହାକୁ ଭୋଟ ଦେଲେ ବିକାଶ ହେବ। କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର। ନୂଆପଡ଼ାରରେ ବିକାଶ କରିବାର ଅଛି। ନିର୍ବାଚନ ଜିତିବା ସମ୍ଭାବିତ ଥିଲା । ନିର୍ବାଚନ ସମୟରେ ଲୋକଙ୍କ ଉତ୍ସାହ ଥିଲା ବିଜେପି ପାଇଁ ସମର୍ଥନ। ପ୍ରଧାନମନ୍ତ୍ରୀଙ୍କ ଉପରେ ଲୋକଙ୍କ ଆସ୍ଥା ପ୍ରଦର୍ଶିତ ହେଇଛି। ମୋଦୀଙ୍କ ସରକାର ଲୋକଙ୍କ ପାଇଁ ଭଲ କାମ କରିଥିବା ଏହି ନିର୍ବାଚନରେ ପ୍ରତିଫଳିତ ହୋଇଛି। ସେଥିପାଇଁ ଲୋକମାନେ ବିଜେପି ସରକାରକୁ ବିପୁଳ ପରିମାଣରେ ଭୋଟ ଦେଇ ଜିତାଇଛନ୍ତି। ବିଜୟ ପାଇଁ ଲୋକଙ୍କ ପାଖରେ ଋଣୀ ବୋଲି ଶ୍ରୀ ସାମଲ କହିଛନ୍ତି।

# ‘ଜନମତକୁ ଏପଟସେପଟ କରାଯାଇଛି’




**ଭୁବନେଶ୍ୱର,୧୪।୧୧/ଏନ୍ଏନ୍ଏସ୍:** ଦଳ ତରଫରୁ ଯାହା ଆମେ ଆଶଙ୍କା କରିଥିଲୁ, ତାହା ସତ ପ୍ରମାଣିତ ହୋଇଛି। ନୂଆପଡ଼ାରେ ଜନମତକୁ ଏପଟସେପଟ କରାଯାଇଛି। ନୀରବ ଅବଧକୁ ଶାସକ ଦଳ ଓ ସରକାରୀ କଳ ମ୍ୟାନୁପୁଲେସନ କରିଛନ୍ତି ।ଏହାର ପ୍ରତିଫଳନ ଫଳାଫଳରେ ଦେଖିବାକୁ ମିଳିଛି। ଲୋକଙ୍କ ଭାବନା ଏତେ ବଡ଼ ପରିବର୍ତ୍ତନ ଚକିତ କରିଛି। ୯ ତାରିଖ ସକାଳ ଯାଏ ଯେଉଁ ମତ ଥିଲା, ତାହା ପରିବର୍ତ୍ତନ ହୋଇଛି। ଏହା ହିଁ ଚକିତ କରୁଛି। ଜନସାଧାରଣ ଜାଣିଛନ୍ତି ନବୀନ ବାବୁ ଓଡ଼ିଶାର ପ୍ରିୟତମ ନେତା। ନୂଆପଡାରେ ଅନୁକମ୍ପା ଅପେକ୍ଷା ଟ୍ରିପଲ ଇଞ୍ଜିନ ସରକାରର ମଇକ୍ରୋ ମ୍ୟାନେଜମେଣ୍ଟ ଫଳାଫଳକୁ ପ୍ରଭାବିତ କରିଛି। ଓଡ଼ିଶାର ବିଜେପି ସରକାର, ଛତିଶଗଡ଼ର ବିଜେପି ସରକାର ଓ କେନ୍ଦ୍ରର ବିଜେପି ସରକାରଙ୍କ କଳ ଓ ବଳ ଲାଗିଥିଲା । ନିର୍ବାଚନ ପର୍ଯ୍ୟବେକ୍ଷକ ମଧ୍ୟ ନିରବଦ୍ରଷ୍ଟା ସାଜିଥିଲେ ବୋଲି ଅଭିଯୋଗ କରିଛନ୍ତି ବିଜେଡିର ଉପସଭାପତି ଦେବୀ ପ୍ରସାଦ ମିଶ୍ର। ସେ କହିଛନ୍ତି ଯେ ସରକାରୀ କଳ ଏବଂ ବଳ ଦ୍ୱାରା ବିଜେପି ନିର୍ବାଚନ ବିଜୟ ହାସଲ କରିଛି। ଅନେକ ସମସ୍ୟା ନେଇ ନୂଆପଡ଼ାବାସୀ ମୁହଁ ଖୋଲୁଥିଲେ। ହେଲେ ୯ ତାରିଖ ସକାଳ ପର୍ଯ୍ୟନ୍ତ ବିଜେଡି ସପକ୍ଷରେ ଥିବା ଜନାଦେଶ ପରିବର୍ତ୍ତନ ସମସ୍ତଙ୍କୁ ବ୍ୟଥିତ କରିଛି । ବିଜେଡି ଅନେକ ଉପନିର୍ବାଚନକୁ ସାମ୍ନା କରିଛି। ବିଜେଡି ଅନେକ ଉପନିର୍ବାଚନ ଜିତିଛି ଓ ହାରିଛି। ହେଲେ ନୂଆପଡ଼ା ନିର୍ବାଚନ ଫଳାଫଳ କିଛି ଅଲଗା ଆବାସ ଦେଉଛି। ଗଣତନ୍ତ୍ରର ହତ୍ୟା କରାଯାଉଛି ବୋଲି ସେ କହିଛନ୍ତି।

# ବିଗିଡ଼ିଲା ସ୍ୱାସ୍ଥ୍ୟାବସ୍ଥା, ଏମ୍ସରେ ଭର୍ତ୍ତି ହ୍ୟୁମାନ ସାଗର



**ଭୁବନେଶ୍ୱର,୧୪।୧୧/ଏନ୍ଏନ୍ଏସ୍:** ଓଲିଉଡ୍‌ର ଖ୍ୟାତନାମା କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। କିଛି ଦିନ ଧରି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ହ୍ୟୁମାନଙ୍କୁ କିଡନୀ ଓ ଲିଭର୍ ଜନିତ ସମସ୍ୟା ଯୋଗୁଁ ଅଧିକ ଚିକିତ୍ସା ପାଇଁ ଏମ୍ସରେ ଭର୍ତ୍ତି କରାଯାଇଛି। ଫ୍ୟାନ୍ସ ତଥା ସେଲିବ୍ରିଟି ତାଙ୍କ ଶୀଘ୍ର ସୁସ୍ଥତା କାମନା କରିଛନ୍ତି। ହ୍ୟୁମାନ ସାଗର ରୋମାଣ୍ଟିକ ଗୀତ ହେଉ ଅବା ଭଜନ ଅବା ଆଇଟମ୍ ଗୀତ ସବୁଥିରେ ମାହିର୍। ତାଙ୍କ ଗୀତ ଲୋକଙ୍କ ମନରେ ଏକ ଭିନ୍ନ ସ୍ଥାନ ସୃଷ୍ଟି କରିଛି । ସେ ପ୍ରଥମେ ‘ଭଏସ ଅଫ ଓଡ଼ିଶା ସିଜନ ୨’ ଜିତି ଲୋକଲୋଚନକୁ ଆସିଥିଲେ। ପରେ ହ୍ୟୁମାନ ଅଭିଜିତ ମଜୁମଦାରଙ୍କ ନିର୍ଦ୍ଦେଶନାରେ ‘ଇସ୍କ ତୁ ହି ତୁ’ଫିଲ୍ମର ଟାଇଟଲ ଟ୍ରାକ ଗାଇବାର ସୁଯୋଗ ପାଇଥିଲେ । ପରେ ସେ ଅନୁଭବ ମହାନ୍ତିଙ୍କ ‘ଗପ ହେଲେ ବି ସତ’ ଫିଲ୍ମରେ କଣ୍ଠଦାନ କରି ଚର୍ଚ୍ଚାକୁ ଆସିଥିଲେ। ଏହା ପରେ ସେ ଆଉ ପଛକୁ ଚାହିଁନଥିଲେ । ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଗାଇ ଶ୍ରୋତାଙ୍କ ମନ ଜିଣିଛନ୍ତି।

# ଏନ୍‌ଡିଏ ପାଇଁ ତ୍ରାଣକର୍ତ୍ତା ଚିରାଗ, ମୈଥିଳୀ ସର୍ବକନିଷ୍ଠ ବିଧାୟିକା

**ବିହାର ବିଧାନସଭା ନିର୍ବାଚନ ଫଳାଫଳ**





**ପାଟନା,୧୪।୧୧/ଏଜେନ୍ସି:** ବିହାର ବିଧାନସଭା ନିର୍ବାଚନ ଫଳାଫଳ ସାମ୍ନାକୁ ଆସିସାରିଛି । ଏଥିରେ ଅନେକ ରୋଚକ ଘଟଣା ଦେଖିବାକୁ ମିଳିଛି । ସବୁଠୁ ଅଧିକ ଚର୍ଚ୍ଚା ହେଉଛି, ଚିରାଗ ପାଶୱାନଙ୍କ ଦଳ ଏଲଜେପି(ଆର)ର ପ୍ରଦର୍ଶନକୁ ନେଇ । ଏନ୍‌ଡିଏ ପକ୍ଷରୁ ୨୯ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଚିରାଗ ପାଶୱାନଙ୍କ ଦଳ ୧୯ ଆସନରେ ବିଜୟ ଲାଭ କରିଛି । ଏହା ଏକ ସର୍ବକାଳୀନ ରେକର୍ଡ ହୋଇଥିଲେ ମଧ୍ୟ ବିଜେପି ତଥା ଏନ୍‌ଡିଏ ମେଣ୍ଟକୁ ବେଶ୍ ଫାଇଦା ଦେଇଛି । କାରଣ ଏଲ୍‌ଜେପି ଲଢ଼ିଥିବା ଏବଂ ବିଜୟୀ ହୋଇଥିବା ଆସନଗୁଡ଼ିକ ମଧ୍ୟରୁ ଅଧିକାଂଶ ଆସନ ଏପରି ଥିଲା ଯେଉଁଠାରେ ଜିତିବା ଆଶା କ୍ଷୀଣ ରହିଥିଲା । ତେବେ ଏସବୁ ଆସନରେ ଏଲ୍‌ଜେପି ବା ଚିରାଗଙ୍କ ପ୍ରଭାବ ଅଧିକ ରହିଥିଲା । ସିଧାସଳଖ କହିଲେ ୨୦୨୦ ବିଧାନସଭା ନିର୍ବାଚନରେ ଏସବୁ ଆସନଗୁଡ଼ିକରେ ଉଭୟ ବିଜେପି ଏବଂ ଜେଡିୟୁ ପରାସ୍ତ ହୋଇଥିଲେ ।

ବିହାର ବିହାର ବିଧାନସଭା ନିର୍ବାଚନ ଫଳାଫଳ ଆଦୌ ଅପ୍ରତ୍ୟାଶିତ ନଥିଲେ ମଧ୍ୟ କେତେକାଂଶରେ ସମସ୍ତଙ୍କୁ ଚକିତ କରିଛି । ଅଲିନଗର ବିଧାନସଭା ନିର୍ବାଚନମଣ୍ଡଳୀ ଉପରେ ସମସ୍ତଙ୍କ ନଜର ରହିଥିବା ବେଳେ ଏଠାରେ ଗାୟିକା ମୈଥିଳୀ ଠାକୁର ବିଜୟ ଲାଭ କରିଛନ୍ତି । ମୈଥିଳୀଙ୍କୁ ବିଜେପି ଏଠାରେ ପ୍ରାର୍ଥୀ କରିଥିଲା । ମୈଥିଳୀଙ୍କ ମୁକାବିଲା ଆରଜେଡିର ଅଭିଜ୍ଞ ନେତା ବିନୋଦ ମିଶ୍ରଙ୍କ ସହ ହୋଇଥିଲା । ତେବେ ମୈଥିଳୀ ପ୍ରତିଦ୍ୱନ୍ଦ୍ୱୀ ବିନୋଦଙ୍କୁ ୧୩୨୮୨ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି । ଏହି ବିଜୟ ସହ ମୈଥିଳୀ ବିହାରର ସର୍ବକନିଷ୍ଠ ବିଧାୟକ ହୋଇଛନ୍ତି । ଏବେ ତାଙ୍କୁ ମାତ୍ର ୨୫ ବର୍ଷ ।

# ସାସାରାମ୍ ଗଣତି କେନ୍ଦ୍ରରେ ହଙ୍ଗାମା

**ପାଟନା,୧୪।୧୧/ଏଜେନ୍ସି:** ଶୁକ୍ରବାର ଭୋଟ୍ ଗଣତି ପ୍ରକ୍ରିୟା ଚାଲିଥିବା ବେଳେ ବିହାରର ସାସାରାମ ଭୋଟ୍ ଗଣତି କେନ୍ଦ୍ରରେ ବ୍ୟାପକ ହଙ୍ଗାମା ହୋଇଥିବା ସୂଚନା ମିଳିଛି । ଏପରିକି ହଙ୍ଗାମାକାରୀଙ୍କୁ ଘଉଡାଇବା ପାଇଁ ପୁଲିସ୍ ଟିମ୍‌କୁ ଲାଠିଚାର୍ଜ ମଧ୍ୟ କରିବାକୁ ପଡିଥିଲା । ତେବେ ଏହି ଘଟଣାକୁ ନେଇ କେନ୍ଦ୍ର ନିର୍ବାଚନ ଆୟୋଗ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଚେନାରୀ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ଅଧିକାରୀ ଲଳିତ ଭୂଷଣ ରଞ୍ଜନଙ୍କୁ ତୁରନ୍ତ ବଦଳି କରାଯାଇଛି । ଲଳିତଙ୍କ ସ୍ଥାନରେ ଜାଫର ହସନଙ୍କୁ ନିଯୁକ୍ତି ଦିଆଯାଇଛି । ବିହାର ମୁଖ୍ୟ ନିର୍ବାଚନ ଅଧିକାରୀ ବିନୋଦ ସିଂହ ଗୁଞ୍ଜିୟାଲ ଆଜି ଅପରାହ୍ନ ୪ଟାରୁ ଏହି ନିର୍ଦ୍ଦେଶ ପାଳନ କରିବାକୁ ରୋହତାସର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ବିହାର ବିଧାନସଭା ନିର୍ବାଚନରେ ଭୋଟ୍ ଗଣତି ସମେତ ସମସ୍ତ ନିର୍ବାଚନୀ କାର୍ଯ୍ୟରୁ ଲଳିତ ଭୂଷଣ ରଞ୍ଜନଙ୍କୁ ମୁକ୍ତ ରଖିବାକୁ ଜିଲ୍ଲାପାଳଙ୍କୁ କୁହାଯାଇଛି ।

ରିପୋର୍ଟ ଅନୁସାରେ କିଛି ରାଜନୈତିକ ଦଳର ସମର୍ଥକମାନେ ରୋହତାସ ଜିଲ୍ଲାର ମୁଖ୍ୟାଳୟ ସାସାରାମସ୍ଥିତ ତାକିଆ ବଜାର କମିଟିର ଫାଟକ ନିକଟରେ ଇଭିଏମ୍ ହେରଫେର ଅଭିଯୋଗରେ ହଙ୍ଗାମା କରିଥିଲେ । ଏମାନଙ୍କ ଅଭିଯୋଗ ଅନୁସାରେ ଷ୍ଟ୍ରଙ୍ଗ୍ ରୁମ୍ ଭିତରେ ଯେଉଁଠାରେ ଇଭିଏମ୍ ରଖାଯାଇଥିଲା, ସେଠାରେ ଓ ମୁଖ୍ୟ ଫାଟକରେ ସିସିଟିଭି ବନ୍ଦ କରାଯାଇଥିଲା । ଏହି ସମୟରେ ଏକ ଟ୍ରକ୍ ଭିତରକୁ ଆସି ପ୍ରାୟ ୩ ଘଣ୍ଟା ପରେ ବାହାରକୁ ଯାଇଥିଲା । ଏହା ପରେ ଚେନାରୀ ସମେତ ରୋହତାସ ଜିଲ୍ଲାର ସମସ୍ତ ସାତୋଟି ବିଧାନସଭା ନିର୍ବାଚନମଣ୍ଡଳୀର ଅଧିକାଂଶ ପ୍ରାର୍ଥୀ ଘଟଣାସ୍ଥଳରେ ପହଞ୍ଚିବା ପରେ ସେମାନଙ୍କ ସମର୍ଥକମାନେ ଭଙ୍ଗାରୁଜା ଆରମ୍ଭ କରିଥିଲେ । ତେବେ ଜିଲ୍ଲା ମାଜିଷ୍ଟ୍ରେଟ୍ ତାଙ୍କ ବିବୃତିରେ ଟ୍ରକ୍‌ରେ ଇଭିଏମ୍ ଥିବା ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି ।



**ଉପନିର୍ବାଚନ ଫଳାଫଳ: ବିଜେପି ଓ କଂଗ୍ରେସକୁ ୨-୨ ଆସନ**

# ରାଜସ୍ଥାନରେ ଜିତିଲା କଂଗ୍ରେସ

**ନୂଆଦିଲ୍ଲୀ, ୧୪।୧୧/ଏଜେନ୍ସି:** ବିହାର ବିଧାନସଭା ନିର୍ବାଚନ ଫଳାଫଳ ସହ ଆଜି ଦିନରେ (ନଭେମ୍ବର ୧୪, ୨୦୨୫) ଅନ୍ୟ ୭ ରାଜ୍ୟର ୮ ବିଧାନସଭା ଆସନରେ ହୋଇଥିବା ଉପନିର୍ବାଚନଗୁଡ଼ିକର ଫଳାଫଳ ମଧ୍ୟ ସାମ୍ନାକୁ ଆସିଛି । ତେବେ ଏହା ଅନେକାଂଶରେ ମିଶ୍ରିତ ଫଳାଫଳ ପ୍ରକାଶ କରୁଛି । କାରଣ ଉଭୟ ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ କଂଗ୍ରେସ ଉଲ୍ଲେଖନୀୟ ବିଜୟ ଏବଂ ପରାଜୟ ହାସଲ କରିଛନ୍ତି ।

ରିପୋର୍ଟ ଅନୁସାରେ କଂଗ୍ରେସ ଦୁଇଟି ପୃଥକ୍ ପୃଥକ୍ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି । ରାଜସ୍ଥାନରେ ସମ୍ପ୍ରତି ବିଜେପି ସରକାରରେ ଥିବା ସତ୍ତ୍ୱେ ଆଣ୍ଟା ଆସନରେ, କଂଗ୍ରେସ ପ୍ରାର୍ଥୀ ପ୍ରମୋଦ ଜୈନ 'ଭାୟା' ବିଜେପିର ମୋରପାଲ ସୁମନ ଏବଂ ସ୍ୱାଧୀନ ପ୍ରାର୍ଥୀ ନରେଶ ମୀନାଙ୍କୁ ପରାସ୍ତ କରିବାରେ ସଫଳ ହୋଇଛନ୍ତି । ପ୍ରମୋଦ ଜୈନଙ୍କୁ ମୋଟ୍ ୬୯,୫୭୧ ଭୋଟ ମିଳିଥିବା ବେଳେ ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ୧୫,୬୧୨ ଭୋଟ୍ ଆଗୁଆ ରହି ବିଜୟୀ ହୋଇଛନ୍ତି । ସେହିପରି କଂଗ୍ରେସ ତେଲେଙ୍ଗାନାର ଜୁବ୍‌ଲି ହିଲ୍ସ ଉପନିର୍ବାଚନରେ ମଧ୍ୟ ବିଜୟୀ ହୋଇଛି । ଏଠାରେ କଂଗ୍ରେସ ପ୍ରାର୍ଥୀ ନବୀନ ଯାଦବଙ୍କୁ ବିଜୟୀ ଘୋଷଣା କରାଯାଇଛି । ଅନ୍ୟପକ୍ଷେ ବିଜେପି ଏହି ଦୁଇ ଆସନରେ ପରାଜିତ ହୋଇଥିଲେ ମଧ୍ୟ ଅନ୍ୟ ଦୁଇଟି ପ୍ରମୁଖ ଆସନରେ ନିଜର ପ୍ରାଧାନ୍ୟ ପ୍ରତିପାଦିତ କରିଛି । ବିଜେପି ଜମ୍ମୁ-କାଶ୍ମୀରର ନାଗ୍ରୋଟା ଆସନରେ ବିଜୟ ଲାଭ କରିଛି । ଏହି ଆସନରେ ବିଜେପି ପ୍ରାର୍ଥୀ ଦେବଜାନୀ ରାଣା ୨୪,୬୪୭ ଭୋଟ୍ ବ୍ୟବଧାନରେ ଏକ ବିପୁଳ ବିଜୟ ହାସଲ କରିଛନ୍ତି । ସେହିପରି, ଓଡ଼ିଶାର ନୂଆପଡ଼ାରେ, ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ୮୩,୭୪୮ ଭୋଟ୍ ବ୍ୟବଧାନରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଛନ୍ତି ।

**ପଞ୍ଜାବରେ ଆପ୍, ଝାଡଖଣ୍ଡରେ ଜେଏମ୍‌ଏମ୍ ବିଜୟୀ**

ବାକି ୪ ଆସନ ଯଥା ଜମ୍ମୁ କାଶ୍ମୀରର ବଡ଼ଗାମ, ଝାଡଖଣ୍ଡର ଘାଟଶିଳା, ମିଜୋରାମ୍‌ର ଡମ୍ପା ଏବଂ ପଞ୍ଜାବର ତରନ୍‌ତାରନ୍ ଆସନରେ ଆଞ୍ଚଳିକ ଦଳଗୁଡ଼ିକ ନିଜ ସ୍ଥିତି ଜାହିର କରିବାରେ ସଫଳ ହୋଇଛନ୍ତି । ମେହବୁବା ମୁଫ୍‌ତିଙ୍କ ଦଳ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଜମ୍ମୁ-କାଶ୍ମୀରର ବଡଗାମ ଆସନରେ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି । ଏଠାରେ ପିଡିପି ପ୍ରାର୍ଥୀ ମୁନ୍ତାଜିର ମେହେଦି ନ୍ୟାସନାଲ କନଫରେନ୍ସ (ଏନ୍‌ସି) ପ୍ରାର୍ଥୀ ଏବଂ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ପରାସ୍ତ କରିଛନ୍ତି । ସେହିପରି ମିଜୋରାମରେ, ମିଜୋ ନ୍ୟାସନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍) ପ୍ରାର୍ଥୀ ଡକ୍ଟର ଆର ଲାଲଥାଙ୍ଗଲିଆନା ୫୬୨ ଭୋଟରେ ବିଜୟୀ ହୋଇଛନ୍ତି । ଏହି ବିଜୟ ସହ ଏମ୍‌ଏନ୍‌ଏଫ୍ ଡମ୍ପା ନିର୍ବାଚନମଣ୍ଡଳୀକୁ ପୁଣିଥରେ ନିଜ ଅକ୍ତିଆରରେ ରଖିବାରେ ସଫଳ ହୋଇଛି । ଏତଦ୍‌ବ୍ୟତୀତ ପଞ୍ଜାବର ତରନ୍ ତାରନ୍ ଆସନରେ ମଧ୍ୟ ଶାସକ ଦଳ ଆମ୍ ଆଦମୀ ପାର୍ଟି (ଆପ୍) ବିଜୟ ଲାଭ କରିଛି । ଏଠାରେ ଆପ୍ ପ୍ରାର୍ଥୀ ହରମିତ୍ ସିଂହ ସାନ୍ଧୁ ବିଜୟ ଲାଭ କରିଛନ୍ତି । ସେହିପରି ଝାଡଖଣ୍ଡର ଘାଟଶିଳା ଆସନରେ ଶାସକ ଦଳ ଜେଏମ୍‌ଏମ୍ (ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା) ପ୍ରାର୍ଥୀ ସୋମେଶ୍ ଚନ୍ଦ୍ର ସୋରେନ୍ ପ୍ରାୟ ୩୮ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜୟ ଲାଭ କରିଛନ୍ତି ।





## କିଏ କ'ଣ କହିଲେ ?

'ବିହାର ବିଧାନସଭା ନିର୍ବାଚନ ଫଳାଫଳ ଆକସ୍ମିକ ନୁହେଁ ବରଂ ଏହା ଦୀର୍ଘ ୨୦ ବର୍ଷର କଠିନ ପରିଶ୍ରମର ଫଳ । ବିହାରବାସୀ ପ୍ରଧାନମନ୍ତ୍ରୀଙ୍କ ବିକାଶ ମନ୍ତ୍ରକୁ ସମର୍ଥନ ଦେଇଛନ୍ତି । ଏହି ବିଜୟ ସମଗ୍ର ବିହାର ଓ ବିହାରବାସୀଙ୍କର । ବିହାର ଫଳାଫଳ ଆଗାମୀ ଦିନରେ ପଶ୍ଚିମବଙ୍ଗକୁ ମଧ୍ୟ ପ୍ରଭାବିତ କରିବ । ପଶ୍ଚିମବଙ୍ଗରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଆମେ ଏଠାରେ ମଧ୍ୟ ଆମର ସର୍ବୋତ୍ତମ ଦେବାକୁ ଚେଷ୍ଟା କରିବୁ ।

**- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଏବଂ ବିଜେପି ବିହାର ପ୍ରଭାରୀ**

ବିହାର ବିଧାନସଭା ନିର୍ବାଚନରେ ଆରମ୍ଭରୁ ହିଁ ନିରପେକ୍ଷତା ନଥିଲା । ଏକ ଅସ୍ୱଚ୍ଛ ନିର୍ବାଚନୀ ପ୍ରକ୍ରିୟା ଅନୁଷ୍ଠିତ କରାଯାଇଥିଲା ଯେଉଁଥିରେ ମହାମେଣ୍ଟକୁ ପରାଜିତ ହେବାକୁ ପଡିଛି । ଏହା ଏକ ଷଡଯନ୍ତ୍ର ଥିଲା । ତେବେ କଂଗ୍ରେସ ଏବଂ ମହାମେଣ୍ଟ ପ୍ରତି ସମର୍ଥନ ବ୍ୟକ୍ତ କରିଥିବା ସମସ୍ତ ଭୋଟରଙ୍କୁ କୃତଜ୍ଞତା ଜଣାଉଛି । ବିହାରରେ ଏପ୍ରକାର କ୍ଷତିର ସମୀକ୍ଷା କରାଯିବ ବୋଲି ମୁଁ ପ୍ରତିଶ୍ରୁତି ଦେଉଛି ।

**- ରାହୁଲ ଗାନ୍ଧୀ, କଂଗ୍ରେସ ସାଂସଦ ତଥା ଲୋକସଭାରେ ବିରୋଧୀ ଦଳ ନେତା**

'ବିହାର ଫଳାଫଳ ପଛରେ ଏଠାରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା କରାଯାଇଥିବା ଏସ୍‌ଆଇଆର୍ ପ୍ରକ୍ରିୟା ରହିଛି । ଏସବୁ ବିଜେପିର ଖେଳ । କିନ୍ତୁ ଆମେ ସେମାନଙ୍କୁ ଆଉ ଏହି ଖେଳ ଖେଳିବାକୁ ଦେବୁ ନାହିଁ । ଆମେ ସତର୍କ ରହିବୁ ଏବଂ ବିଜେପିର ଯୋଜନାକୁ ବିଫଳ କରିବୁ । ବିଜେପି କୌଣସି ଦଳ ନୁହେଁ, ବରଂ ଏହା ଏକ ଠକ ସଂସ୍ଥା । ବିଜେପି ଏବଂ ନିର୍ବାଚନ ଆୟୋଗଙ୍କର ଏସ୍‌ଆଇଆର୍ ଖେଳ ପଶ୍ଚିମବଙ୍ଗ, ତାମିଲନାଡୁ, ଉତ୍ତର ପ୍ରଦେଶ ଏବଂ ଅନ୍ୟାନ୍ୟ ରାଜ୍ୟରେ କାମ କରିବ ନାହିଁ ।

**- ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ**

ବିହାର ବିଧାନସଭା ନିର୍ବାଚନ ୨୦୨୫ରେ କଂଗ୍ରେସ ମେଣ୍ଟର ବରିଷ୍ଠ ଦଳ ନଥିଲା ବରଂ ଆରଜେଡି ଥିଲା । ତେଜସ୍ୱୀ ଯାଦବ ନିଜେ ନିଜକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଥିଲେ । ବିହାର ପାଇଁ ପ୍ରଥମରୁ ହିଁ ବିରୋଧୀ ମେଣ୍ଟରେ ସବୁକିଛି ଠିକ୍ ନଥିଲା । ପରାଜୟର ଉତ୍ତରଦାୟିତ୍ୱ ଆରଜେଡି ନେବା ଉଚିତ୍ । ଆରଜେଡିକୁ ମଧ୍ୟ ନିଜ ପ୍ରଦର୍ଶନ ଉପରେ ଗୁରୁତ୍ୱ ଦେବାର ଥିଲା । ବିହାର ହାର୍ ପାଇଁ କଂଗ୍ରେସ ନୁହେଁ, ଆରଜେଡି ଦାୟୀ

**- ଶଶି ଥରୁର, ବରିଷ୍ଠ କଂଗ୍ରେସ ସାଂସଦ**

# ବିହାର ଫଳାଫଳକୁ ନେଇ ଟିଏମ୍‌ସି ଭୟଭୀତ



**କୋଲକାତା,୧୪।୧୧/ଏଜେନ୍ସି:** ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏ ମେଣ୍ଟର ବୃହତ୍ ବିଜୟକୁ ଦେଖି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ତାଙ୍କ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବେ ଭୟଭୀତ ହୋଇପଡିଥିବା ପ୍ରତୀତ ହେଉଛି । ରିପୋର୍ଟ ଅନୁସାରେ ବିହାର ଫଳାଫଳ ଆସିବା ପରେ ପରେ ଟିଏମ୍‌ସି ପ୍ରତିକ୍ରିୟା ରଖିଛି । ଟିଏମ୍‌ସି କହିଛି ବିହାର ନିର୍ବାଚନ ଫଳାଫଳର କୌଣସି ପ୍ରଭାବ ପଶ୍ଚିମବଙ୍ଗରେ ଆସନ୍ତା ବର୍ଷ ହେବାକୁ ଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଉପରେ ପଡ଼ିବ ନାହିଁ । ପଶ୍ଚିମବଙ୍ଗବାସୀ ମୁଖ୍ୟମନ୍ତ୍ରୀ ମମତାଙ୍କ ଉପରେ ବିଶ୍ୱାସ ତଥା ଆସ୍ଥା ପ୍ରକଟ କରିଛନ୍ତି ଏବଂ ଏହା ବଜାୟ ରହିବ । ଆସନ୍ତା ବର୍ଷ ନିର୍ବାଚନରେ ମଧ୍ୟ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଦଳ ୨୫୦ରୁ ଅଧିକ ଆସନ ଜିତି ଚତୁର୍ଥ ଥର ପାଇଁ କ୍ଷମତାକୁ ଆସିବ । ବିହାରର ସମୀକରଣ ସହ ପଶ୍ଚିମବଙ୍ଗର କୌଣସି ସମ୍ପର୍କ ନାହିଁ । ପଶ୍ଚିମବଙ୍ଗରେ ବିକାଶ, ଏକତା, ସଦ୍‌ଭାବ, ଅଧିକାର ଏବଂ ସ୍ୱାଭିମାନ ହିଁ ନିର୍ଣ୍ଣାୟକ କାରକ ।

**ନିଜ ଦଳକୁ ଗୋଟିଏ ବି ଆସନରେ ଜିତାଇପାରିଲେନି ପିକେ**

# ଖାତା ଖୋଲିପାରିଲାନି ଜନସୁରାଜ୍ ପାର୍ଟି



**ପାଟନା,୧୪।୧୧/ଏଜେନ୍ସି:** ବିହାର ବିଧାନସଭା ନିର୍ବାଚନରେ ଏକ ବଡ଼ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ନିଜକୁ ନିର୍ବାଚନୀ ଚାଣକ୍ୟ ଦର୍ଶାଉଥିବା ପ୍ରଶାନ୍ତ କିଶୋର (ପିକେ) ନିଜ ଦଳ ଜନସୁରାଜ୍ ପାର୍ଟିକୁ ଗୋଟିଏ ହେଲେ ଆସନରେ ବିଜୟୀ କରାଇପାରିନାହାନ୍ତି, ଯେତେବେଳେ କି ତାଙ୍କ ଦଳ ବିହାରର ସମସ୍ତ ୨୪୩ ଆସନରେ ପ୍ରାର୍ଥୀ ଦେଇଥିଲା । ଅବଶ୍ୟ କିଛି ପ୍ରାର୍ଥୀ ଶେଷ ସମୟ ବେଳକୁ ସେମାନଙ୍କ ନାମାଙ୍କନ ପ୍ରତ୍ୟାହାର କରିନେଇଥିଲେ, ତଥାପି ଦଳ ୨୪୦ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା । ଏହାସତ୍ତ୍ୱେ ଗୋଟିଏ ହେଲେ ଆସନରେ ଜନସୁରାଜ ପାର୍ଟିର ପ୍ରାର୍ଥୀମାନେ ଜିତିପାରିନାହାନ୍ତି । ଅନ୍ୟ ରାଜନେତା ତଥା ଦଳଙ୍କ ପାଇଁ ସଫଳ ନିର୍ବାଚନୀ ଷ୍ଟ୍ରାଟେଜୀ ପ୍ରସ୍ତୁତ କରୁଥିବା ପ୍ରଶାନ୍ତ କିଶୋର ନିଜ ଦଳ ପାଇଁ କିନ୍ତୁ ବିଫଳ ସାବ୍ୟସ୍ତ ହୋଇଛନ୍ତି । ନିର୍ବାଚନ ପୂର୍ବରୁ ଜନସୁରାଜ ପାର୍ଟିକୁ ବିହାରବାସୀଙ୍କ ପାଖରେ ପରିଚିତ କରାଇବା ତଥା ବିଶ୍ୱାସଭାଜନ ହେବା ଲକ୍ଷ୍ୟରେ ପିକେ ଘରଘର ବୁଲି କ୍ୟାମ୍ପେନ୍ କରିଥିଲେ । କିନ୍ତୁ ଏସବୁ କିଛି ବି କାମ ଦେଇନି । ତାଙ୍କ ପାର୍ଟି ବିହାର ବିଧାନସଭା ନିର୍ବାଚନରେ ଖାତା ମଧ୍ୟ ଖୋଲିବାକୁ ସକ୍ଷମ ହୋଇପାରିନାହିଁ ।

**ଏମ୍‌ସିଏଲ୍‌ର ସିଏସ୍‌ଆର୍ ପଦକ୍ଷେପ**

# ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ ହସ୍ପିଟାଲ୍‌ରେ ଏମ୍‌ବିବିଏସ୍ ପାଠ୍ୟକ୍ରମ ଆରମ୍ଭ



**ତାଳଚେର/ସମ୍ବଲପୁର, ୧୪।୧୧/ଏଜେନ୍ସି:** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)ର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) ପଦକ୍ଷେପ ଅଧୀନରେ ପ୍ରତିଷ୍ଠିତ ସ୍ୱାସ୍ଥ୍ୟସେବାଭିତ୍ତିକ ଅନୁଷ୍ଠାନ, ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଆନୁଷ୍ଠାନିକ ଭାବେ ଏମ୍‌ବିବିଏସ୍ (୫ବର୍ଷୀୟା ଡାକ୍ତରୀ ପାଠ୍ୟକ୍ରମ) ଡିଗ୍ରୀ ଆରମ୍ଭ ହୋଇଛି । ଏମ୍‌ସିଏଲ୍‌ର ସିଏସ୍‌ଆର୍ ଫଣ୍ଡି ଯୋଗୁ ଏହା ସମ୍ଭବ ହୋଇପାରିଛି । ଏହି ଶୁଭାରମ୍ଭ ଏହି ଅଞ୍ଚଳରେ ଚିକିତ୍ସା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଏହି ମେଡିକାଲ କଲେଜ ଏହାର କମାଣ୍ଡ କ୍ଷେତ୍ରଗୁଡ଼ିକରେ ସୁଗମ, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ବୃଦ୍ଧି ଏବଂ ଉନ୍ନତ ଚିକିତ୍ସା ଶିକ୍ଷା ପାଇଁ ସୁଯୋଗ ବିସ୍ତାର କରିବା ପାଇଁ ଏମ୍‌ସିଏଲ୍‌ର ସ୍ଥାୟୀ ପ୍ରତିବଦ୍ଧତାର ପ୍ରମାଣ ସ୍ୱରୂପ ଛିଡା ହୋଇଛି । ଏମ୍‌ବିବିଏସ୍ ଛାତ୍ରମାନଙ୍କର ପ୍ରଥମ ବ୍ୟାଚ୍‌କୁ ଶୁଭେଚ୍ଛା ଜଣାଇ, ଏମ୍‌ସିଏଲ୍ ଏମାନଙ୍କୁ ସମର୍ପଣ, କରୁଣା ଏବଂ ସମାଜ ସେବା ପାଇଁ ଏକ ଦୃଢ଼ ପ୍ରତିବଦ୍ଧତା ସହିତ ସେମାନଙ୍କର ଚିକିତ୍ସା ଯାତ୍ରାକୁ ଗ୍ରହଣ କରିବାକୁ ଉତ୍ସାହିତ କରିଛି ।

ପାଠ୍ୟକ୍ରମର ଶୁଭାରମ୍ଭଜନିତ ଉଦ୍‌ଘାଟନୀ ଉତ୍ସବରେ ତାଳଚେରର ଉପଜିଲ୍ଲାପାଳ ସମୀର କୁମାର ଜେନା ଉପସ୍ଥିତ ରହିଥିଲେ । ସେହିପରି ଅଶୋକ କୁମାର ଧଳ (କ୍ଷେତ୍ର ମହାପ୍ରବନ୍ଧକ, ଜଗନ୍ନାଥ କ୍ଷେତ୍ର) ଏବଂ ମଦନ ମୋହନ ପ୍ରଧାନ (ସିଡିଏମ୍‌ଓ)ଙ୍କ ସମେତ ବରିଷ୍ଠ ଅଧିକାରୀ, ଅଧ୍ୟାପକ ଏବଂ ଶିକ୍ଷା ଏବଂ ଚିକିତ୍ସା ସମାଜର ପ୍ରତିନିଧିମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏମ୍‌ବିବିଏସ୍ ପାଠ୍ୟକ୍ରମର ଆରମ୍ଭ ଦକ୍ଷ ଚିକିତ୍ସା ବୃତ୍ତିଗତମାନଙ୍କୁ ପ୍ରୋତ୍ସାହିତ କରି ଏବଂ ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବା ପ୍ରଦାନକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରି ଏହି ଅଞ୍ଚଳରେ ଦୀର୍ଘକାଳୀନ ଲାଭ ଆଣିବା ପାଇଁ ପ୍ରସ୍ତୁତ ।

# ଉତ୍କୃଷ୍ଟ ରାଷ୍ଟ୍ରଭାଷା କାର୍ଯ୍ୟାନ୍ୱୟନ ପାଇଁ ଏମ୍‌ସିଏଲ୍‌କୁ 'ନିଷ୍ଠା କୀ ପ୍ରତିଷ୍ଠା' ସମ୍ମାନ

**ସମ୍ବଲପୁର, ୧୪।୧୧/ଏଜେନ୍ସି:** ସରକାରୀ ଭାଷା ହିନ୍ଦୀ'ର ଉତ୍କୃଷ୍ଟ କାର୍ଯ୍ୟକାରିତା ପାଇଁ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)କୁ 'ନିଷ୍ଠା କୀ ପ୍ରତିଷ୍ଠା' ସମ୍ମାନରେ ସମ୍ମାନିତ କରାଯାଇଛି । କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହିନ୍ଦୀ ପରାମର୍ଶଦାତା କମିଟିର ବୈଠକରେ ଏମ୍‌ସିଏଲ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏମ୍‌ସିଏଲ୍ ପକ୍ଷରୁ, ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ କେନ୍ଦ୍ର ମନ୍ତ୍ରୀଙ୍କଠାରୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ଗ୍ରହଣ କରିଛନ୍ତି । ଏହି ସଫଳତା ସରକାରୀ ଭାଷା ହିନ୍ଦୀର ପ୍ରଭାବଶାଳୀ, ନବସୃଜନ-ଆଧାରିତ ଏବଂ ପ୍ରଯୁକ୍ତିବିଦ୍ୟା-ସକ୍ଷମ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଏମ୍‌ସିଏଲ୍‌ର ନିରନ୍ତର ପ୍ରୟାସର ଏକ ସିଧାସଳଖ ଫଳାଫଳ ।

ସରକାରୀ ଭାଷାର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ପାଇଁ ଏମ୍‌ସିଏଲ୍ ପକ୍ଷରୁ ଅନେକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । 'କଣ୍ଠସ୍ଥ ୨.୦' ଉପରେ ଆଧାରିତ କର୍ମଶାଳା ମାଧ୍ୟମରେ, କର୍ମଚାରୀମାନଙ୍କୁ ବୈଷୟିକ ଅନୁବାଦ, ହିନ୍ଦୀ ଟାଇପିଂ ଏବଂ ଡିଜିଟାଲ କାର୍ଯ୍ୟପ୍ରବାହରେ ହିନ୍ଦୀ ବ୍ୟବହାର ବିଷୟରେ ବ୍ୟବହାରିକ ବୁଝାମଣା ପ୍ରଦାନ କରାଯାଉଛି । ତାଲିମ ଏବଂ ଦୈନନ୍ଦିନ କାର୍ଯ୍ୟାଳୟ କାର୍ଯ୍ୟରେ ହିନ୍ଦୀକୁ ସରଳ, ସୁବ୍ୟବସ୍ଥିତ ଏବଂ ପ୍ରଭାବଶାଳୀ ଭାବରେ ବ୍ୟବହାର କରିବା ପାଇଁ କମ୍ପାନୀ ଡିଜିଟାଲ ଉପକରଣ ଏବଂ ଗଣମାଧ୍ୟମକୁ ବ୍ୟାପକ ଭାବରେ କାର୍ଯ୍ୟକାରୀ କରିଛି ।

ଏତଦ୍‌ବ୍ୟତୀତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟି (ନରାକାସ), ସମ୍ବଲପୁରର ଅଧ୍ୟକ୍ଷତାର ଦାୟିତ୍ୱ ମଧ୍ୟ ଏମ୍‌ସିଏଲ୍ ବହନ କରିଆସୁଛି । ଏମ୍‌ସିଏଲ୍ ନେତୃତ୍ୱରେ, ନରାକାସ, ସମ୍ବଲପୁର ସେମିନାର, କର୍ମଶାଳା, ପ୍ରତିଯୋଗିତା ଏବଂ ପ୍ରକାଶନ ମାଧ୍ୟମରେ ହିନ୍ଦୀର ପ୍ରଚାରକୁ ଅଧିକ ସକ୍ରିୟ, ସଂଗଠିତ ଏବଂ ଫଳାଫଳ-ମୁଖୀ କରିଛି । ଏହି ସମ୍ମାନ ସରକାରୀ ଭାଷା ହିନ୍ଦୀ ଏବଂ ଏହାର ଅଭିନବ ପଦ୍ଧତି ପ୍ରତି ଏମ୍‌ସିଏଲ୍‌ର ପ୍ରତିବଦ୍ଧତାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ।



**କୋଇଲା କ୍ଷେତ୍ର ସମ୍ବନ୍ଧୀୟ ଅର୍ଦ୍ଧବାର୍ଷିକ ସମୀକ୍ଷା ବୈଠକ**

# ଏମ୍‌ସିଏଲ୍ ଉଚ୍ଚ ପ୍ରଶଂସିତ, ସମ୍ମାନିତ




**ନୂଆଦିଲ୍ଲୀ/ସମ୍ବଲପୁର, ୧୪।୧୧/ଏଜେନ୍ସି:** କୋଇଲା କ୍ଷେତ୍ର ସମ୍ବନ୍ଧୀୟ ଅର୍ଦ୍ଧବାର୍ଷିକ ସମୀକ୍ଷା ବୈଠକରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)କୁ ସମ୍ମାନଜନକ ମାନ୍ୟତା ସହିତ ସମ୍ମାନିତ କରାଯାଇଛି । ଏତଦ୍‌ବ୍ୟତୀତ ଏମ୍‌ସିଏଲ୍ ପକ୍ଷରୁ ଦୀର୍ଘ ୧୫ଦିନ ବ୍ୟାପୀ କାର୍ଯ୍ୟକାରୀ କରାଯାଇଥିବା ସ୍ୱଚ୍ଛତା ଅଭିଯାନ ସମୟରେ ଏହାର କମାଣ୍ଡ୍ ବା ପ୍ରମୁଖ ଅଞ୍ଚଳଗୁଡ଼ିକରେ କରାଯାଇଥିବା ପ୍ରଭାବଶାଳୀ ସ୍ୱଚ୍ଛତା ଅଭିଯାନ, ଗଣ ବୃକ୍ଷରୋପଣ ଅଭିଯାନ, ପରିମଳ କାର୍ଯ୍ୟକଳାପ, ସ୍କୁଲ ସଚେତନତା କାର୍ଯ୍ୟକ୍ରମ ଏବଂ ବ୍ୟାପକ ସାମୁଦାୟିକ ଗତିବିଧିକୁ ସ୍ୱୀକାରୋକ୍ତି ପୂର୍ବକ କମ୍ପାନୀକୁ ସ୍ୱଚ୍ଛତା ପଖୱାଡା ପାଇଁ ତୃତୀୟ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା ।

ନୂଆଦିଲ୍ଲୀରେ ଆୟୋଜିତ କୋଇଲା କ୍ଷେତ୍ର ଉପରେ ଅର୍ଦ୍ଧବାର୍ଷିକ ସମୀକ୍ଷା ବୈଠକରେ, କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ଏବଂ କେନ୍ଦ୍ର କୋଇଲା ଏବଂ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ଏହି ସମ୍ମାନ ଗ୍ରହଣ କରିଥିଲେ ।

ଏହି ସମ୍ମାନ ତଥା ପୁରସ୍କାର ଏମ୍‌ସିଏଲ୍‌ର ସୁପ୍ରଶାସନିକ, ପରିଷ୍କାର ପରିଚ୍ଛନ୍ନତା ଏବଂ ସାମୁହିକ ଗୋଷ୍ଠୀବାଦ ଦିଗରେ ଏହାର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରୁଛି । ଏମ୍‌ସିଏଲ୍ ଏହାର ସମସ୍ତ କାର୍ଯ୍ୟକ୍ଷମ କ୍ଷେତ୍ରରେ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା, ଜନସଚେତନତା ବୃଦ୍ଧି କରିବା ଏବଂ ପଡ଼ି ରହିଥିବା ମାମଲାଗୁଡ଼ିକର ଦକ୍ଷ ସମାଧାନ ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ସ୍ୱତନ୍ତ୍ର ଅଭିଯାନ ୫.୦ ଅଧୀନରେ ସ୍ୱତନ୍ତ୍ର ସ୍ୱୀକୃତି ପାଇଛି । ଏହି ଅଭିଯାନ ଅଧୀନରେ, କମ୍ପାନୀ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଅଭିଯାନ, ପ୍ରସାର କାର୍ଯ୍ୟକଳାପ, ଡିଜିଟାଲ୍ ରେକର୍ଡ ପରିଚାଳନା ଏବଂ ସ୍ୱଚ୍ଛତା ଏବଂ ସେବା ଦକ୍ଷତାକୁ ସୁଦୃଢ଼ କରିବା ପାଇଁ ଜନସାଧାରଣଙ୍କ ସହଭାଗୀତାର ପଦକ୍ଷେପ ଗ୍ରହଣ କରିଥିଲା । ଏହି ମାନ୍ୟତାଗୁଡ଼ିକ ଦାୟିତ୍ୱପୂର୍ଣ୍ଣ ଶାସନ, ସ୍ଥାୟୀ ଖଣି କାର୍ଯ୍ୟପଦ୍ଧତି ଏବଂ ପରିବେଶଗତ ପରିଚାଳନା ପ୍ରତି ଏମସିଏଲର ନିରନ୍ତର ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରିଥାଏ ।

# ‘ଶିଶୁଙ୍କ ପ୍ରତି ସମସ୍ତଙ୍କର ସକାରାତ୍ମକ ଚେତନା ରହିବା ବାଞ୍ଛନୀୟ’

**ଡେଲାଙ୍ଗ,୧୪।୧୧/ଏନ୍‌ଏନ୍‌ଏସ୍:** ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ଜୟନ୍ତୀ ଉପଲକ୍ଷେ ଶିଶୁ ଦିବସ ବିଭିନ୍ନବିଦ୍ୟାଳୟରେ ପାଳନ ହୋଇଯାଇଛି। ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅଭୟ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିଶୁ ଦିବସ ଅବସରରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ରାମଚନ୍ଦ୍ର ଦାଶ ଓ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ତଥା ଶିଶୁ ସାହିତ୍ୟିକ ପ୍ରଭାତ ଚନ୍ଦ୍ର ରଥ ଯୋଗଦେଇ କହିଥିଲେ ଯେ ଶିଶୁମାନଙ୍କ ପ୍ରତି ସମାଜରେ ସମସ୍ତେ ଯତ୍ନବାନ ଓ ଦୟାଶୀଳ ହେବା ଉଚିତ୍। କୋମଳ ମତି ଶିଶୁମାନଙ୍କ ପାଇଁ ପ୍ରତ୍ୟେକଙ୍କ ସକାରାତ୍ମକ ଚିନ୍ତାଧାରା ରହିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ନେହରୁଙ୍କ ବାଲ୍ୟ ଜୀବନ, ବୈଜ୍ଞାନିକ ଚିନ୍ତାଧାରା, ଦେଶପ୍ରେମ ଆଦି ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ପ୍ରଦାନକରିଥିଲେ। ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ସିମରନ୍ ଆସୀନ, ଆଶୁତୋଷ ସାମନ୍ତରାୟ, ଆତ୍ମଜିତ୍ ବେହେରା, ନେହରୁ ବେଶଧାରୀ ଛାତ୍ର ଶ୍ରୀୟଂଶୁ ସାହୁ ଓ ଅନ୍ୟମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି ଅଧ୍ୟକ୍ଷ ପ୍ରମୋଦ କୁମାର ସେଠୀ, ସଭ୍ୟସଭ୍ୟା ଓ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ଆମେ ପଢ଼ିବୁ, ଆମେ ଗଢ଼ିବୁ ନୃତ୍ୟ ପରିବେଷଣ କରାଯାଇଥିବାବେଳେ ଶିକ୍ଷୟିତ୍ରୀ ପାପ୍ଲିନ୍ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ରୌପ୍ୟଜୟନ୍ତୀ ଉତ୍ସବ ଉଦ୍‌ଘାଟିତ



**ଖଣ୍ଡପଡ଼ା,୧୪।୧୧/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ରୌପ୍ୟଜୟନ୍ତୀ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଖଣ୍ଡପଡ଼ା ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ ମୁଖ୍ୟଅତିଥି ରୂପେ ଯୋଗଦେଇ ରୌପ୍ୟଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଚିତ୍ରଶିଳ୍ପୀ ଲଡୁକିଶୋର ସିଂହସାମନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଲାଷ, ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲିପସା ନନ୍ଦ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ସାହୁ, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ନାୟକ, ଉଦୟନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା ସହ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରି ସମାଜରେ ଜଣେ ଜଣେ ଭଲ ମଣିଷ ହେବାକୁ ଉପଦେଶ ପ୍ରଦାନ କରିଥିଲେ। ସେହିପରି ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧାର ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡଃ ଗଣେଶ୍ୱର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଭାରତୀ ଭୂଷଣ ମିଶ୍ର, ପଣ୍ଡିତ ମନୋଜ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁପ୍ରସାଦ ରଥ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ କୁମାର ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ରକଳା ଓ ହସ୍ତକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତଙ୍କ ମନୋରଞ୍ଜନ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶନିବାର ସନ୍ଧ୍ୟାରେ ରୌପ୍ୟଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହେବ ବୋଲି ଶିକ୍ଷାକେନ୍ଦ୍ର କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ।

# ୨ ଫେରାର ଅଭିଯୁକ୍ତ ଗିରଫ



**ସାକ୍ଷୀଗୋପାଳ,୧୪।୧୧/ଏନ୍‌ଏନ୍‌ଏସ୍:** ଦୀର୍ଘ ୩ ବର୍ଷ ଧରି ପୁଲିସକୁ ଚକ୍‌ମା ଦେଇ ଏକ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ରହି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ୨ଜଣ ଫେରାର ଅଭିଯୁକ୍ତଙ୍କୁ ସତ୍ୟବାଦୀ ଥାନା ପୁଲିସ ଗୁରୁବାର ଗିରଫ କରିଛି। ଏହି ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସତ୍ୟବାଦୀ ଥାନା ଭାରପ୍ରାପ୍ତ ନିରୀକ୍ଷକ ବିଜୟ କେତନ ବେହେରା ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହି ଥାନା ଅଞ୍ଚଳର ସୋଳହଳ ଗ୍ରାମରେ ଚଢ଼ଉ କରି ସେହି ଗ୍ରାମର ଅଭିମନ୍ୟୁ ପଣ୍ଡା (୫୧) ଏବଂ ମହେଶ ପଣ୍ଡା (୨୮)ଙ୍କୁ ଗିରଫ କରିଥିଲେ। ପୂର୍ବ ସୂଚନା ଅନୁଯାୟୀ ୨୦୨୨ ଡିସେମ୍ବର ୩ ତାରିଖରେ ଜମିବାଡ଼ି, ଠାକୁର ପୂଜା ସହିତ ନଡ଼ିଆ ତୋଳିବାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିଲା। ହତ୍ୟାକାଣ୍ଡରେ ଇନ୍ଦ୍ରମଣି ପଣ୍ଡାଙ୍କର ପୁରୀରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ସେ ସମୟରେ ମୃତକଙ୍କ ପରିବାରର ଅଭିଯୋଗକୁ ଭିତ୍ତି କରି ସତ୍ୟବାଦୀ ଥାନାରେ କେସ୍ ନମ୍ବର ୩୫୫/୨୨ ରେ ଏକ ମାମଲା ରୁଜୁ କରାଯାଇଥିଲା। ଏ ସମ୍ପର୍କରେ ପିପିଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବାଶିଷ ମିଶ୍ର ଓ ସତ୍ୟବାଦୀ ଥାନା ଆଇଆଇସି ଶ୍ରୀ ବେହେରାଙ୍କ ସହିତ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ହତ୍ୟାକାଣ୍ଡର ପୂର୍ବ ବିବରଣୀ ପ୍ରଦାନ ସହିତ ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ଶିଶୁ ଦିବସ



**ବୋଲଗଡ଼,୧୪।୧୧/ଏନ୍‌ଏନ୍‌ଏସ୍:** ବୋଲଗଡ଼ ବ୍ଲକ ମାଣିକାଗୋଡାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶିଶୁ ଦିବସ ଶୁକ୍ରବାର ପାଳନ କରାଯାଇଛି। ମୁଖ୍ୟଅତିଥି ରୂପେ ବିଜେପି ଜିଲ୍ଲା ସମ୍ପାଦକ ଇଂ. କର୍ପୂର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିରୂପେ ପରିଚାଳନା କମିଟି ଅଧ୍ୟକ୍ଷ ସହଦେବ ସୁବୁଦ୍ଧି, ପ୍ରଧାନଶିକ୍ଷକ ତ୍ରିଲୋଚନ ସ୍ୱାଇଁ, ବରିଷ୍ଠ ଶିକ୍ଷକ ହାଡ଼ିବନ୍ଧୁ ସାହୁ ପ୍ରମୁଖ ଯୋଗଦେଇ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିଶୁ ଦିବସର ମହତ୍ୱ ଓ ଛାତ୍ରଛାତ୍ରୀମାନଙ୍କର ମାତୃଭୂମି ଭାବନା ଜାଗ୍ରତ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଆଜିର ଶିଶୁ କାଲିର ଭବିଷ୍ୟତ ଓ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟତ୍ରୀମାନଙ୍କୁ ଦେଶପ୍ରେମ ଓ ମାତୃଭୂମିର ସୁରକ୍ଷା ପାଇଁ ବଳିଦାନ ନିମନ୍ତେ ଶପଥ ପାଠ କରାଇଥିଲେ ମୁଖ୍ୟ ଅତିଥି ଶ୍ରୀ ସାହୁ। ମଞ୍ଚାସୀନ ଅତିଥିବୃନ୍ଦ ଅନୁଷ୍ଠିତ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ସହ ମିଷ୍ଟାନ ବଣ୍ଟନ କରିଥିଲେ। ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ବେହେରା ମଞ୍ଚ ପରିଚାଳନା କରିଥିଲେ। ଅନୁପମା ସୁନ୍ଦରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଝିଲି ବରାଡ଼, ପ୍ରତିମା ପ୍ରଧାନ, ରେଶମ୍ମା ବେଗମ୍, ଅନିତା ସାହୁ ଓ କୁନି ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଗାୟତ୍ରୀ ମାଝୀ ଧନ୍ୟବାଦ୍ ଦେଇଥିଲେ।

ଫୁଲନଖରା: ବାରଙ୍ଗ ବ୍ଲକ ଅନ୍ତର୍ଗତ ରାୟପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଦିବସ ଅବସରରେ ଶିଶୁ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ପୁଣ୍ୟ ଜନ୍ମଦିନ ଅବସରରେ ଆୟୋଜିତ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମରେ ନୃତ୍ୟ, ଗୀତ, ହାସ୍ୟରସ, ବେଟି ବଞ୍ଚାଅ- ବେଟି ପଢାଅ ପ୍ରଭୃତି ନାଟିକା ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ବାଳକୃଷ୍ଣ ବେହେରା, ସମ୍ମାନିତ ଅତିଥି ନିଆଳି ସଙ୍କୁଳ ପ୍ରମୁଖ ଉମାକାନ୍ତ କର, ଅଜୟ ପରିଡ଼ା, ଆଞ୍ଚଳିକ ଶାନ୍ତି କମିଟି ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, କଟକ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ସାମ୍ବାଦିକ କାନନ ବିହାରୀ ନାୟକ, ଆଦିତ୍ୟ ଛୋଟରାୟ, ପରିଚାଳନା କମିଟି ସଭାପତି ରବିନାରାୟଣ ପଣ୍ଡା, ଉପସଭାପତି ପ୍ରଦିପ କୁମାର ପଣ୍ଡା, ସଦସ୍ୟା ଶକୁନ୍ତଳା ସେଠୀ ପ୍ରମୁଖ ଯୋଗଦେଇ କୁନି କୁନି ପିଲାମାନଙ୍କୁ ଆଶୀର୍ବଚନ ପ୍ରଦାନ କରିବା ସହିତ କୃତି ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ମାନସ ରଞ୍ଜନ ପଣ୍ଡା, ସହ-ସମ୍ପାଦକ ନିହାର ରଞ୍ଜନ ରାଉତରାୟ, କୋଷାଧ୍ୟକ୍ଷ ଅବିନାଶ ମହାନ୍ତି, ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ଗୁରୁଜୀ ନବୀନ ଦାସ, ହରେକୃଷ୍ଣ ପାହୀ, ଗୁରୁମା କଲୋଲିନୀ ମହାନ୍ତି, ସର୍ମିଷ୍ଠା ମହାନ୍ତି, ମିନତି ପାତ୍ର, ପ୍ରିୟଙ୍କା ସାମନ୍ତରାୟ, ଝୁନା ସାହୁ, ସୁଜାତା ଭୋଇ, ପ୍ରଭାବତୀ ବାରିକ, ବନିତା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ପଟ୍ଟନାୟକ, ଶର୍ମିଷ୍ଠା ପରିଡ଼ା, ନିରୁନା ଭୋଇ, ମମତା ମାହାରୀ, ସସ୍ମିତା ମହାନ୍ତି, ସସ୍ମିତା ଦାସ, ରଶ୍ମିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମା’ ବରୁଣେଇ ସଂକୀର୍ତ୍ତନ କଳା ପରିଷଦର ଦ୍ୱିତୀୟ ବାର୍ଷିକ ଉତ୍ସବ

**ଖୋର୍ଦ୍ଧା,୧୪।୧୧/ଏନ୍‌ଏନ୍‌ଏସ୍:** ଆଜି ପୂର୍ବାହ୍ନରେ ହଳଦିଆ ବସନ୍ତ ଲୋକନାଥ ମନ୍ଦିରରେ ମା’ ବରୁଣେଇ ସଂକୀର୍ତ୍ତନ କଳା ପରିଷଦର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା କଳା ସଂସ୍କୃତି ସଂଘ ସଭାପତି କବିରାଜ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସନ୍ଦୀପ ପାଣିଗ୍ରାହୀ ଯୋଗଦାନକରି ପାରମ୍ପାରିକ ଲୋକକଳା ସାମାଜିକ ଏକତା ଓ ସମ୍ପ୍ରତି ବଜାୟ ରଖିବା ସହ ସଂକୀର୍ତ୍ତନ ଓଡ଼ିଆ ଅସ୍ମିତାର ଭାବାବେଗ ବହନ କରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରୁଣେଇ ସଂକୀର୍ତ୍ତନ କଳା ପରିଷଦର ସଭାପତି ରବୀନ୍ଦ୍ର ଦାଶ, ସମ୍ପାଦକ ହୃଦାନନ୍ଦ ସାହୁ, କର୍ମକର୍ତ୍ତା ହେମନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆଖପାଖ ଅଞ୍ଚଳର ବହୁ ବର୍ଷୀୟାନ କଳାକାର ସମେତ ଯୁବ କଳାକାର ବିଭିନ୍ନ ପ୍ରକାରର ସଂକୀର୍ତ୍ତନ ପରିବେଷଣ କରିଥିଲେ। ଶେଷରେ ସମସ୍ତ ଅତିଥି ବର୍ଷୀୟାନ କଳାକାରମାନଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

# ଜନଶକ୍ତି ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ



**ଓଡ଼ଗାଁ,୧୪।୧୧/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଦେଓଗାଁ-ଭାଲିଆଡିହିରେ ଶୁକ୍ରବାର ଶିଶୁ ଦିବସ ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଓଡ଼ଗାଁ ବିଡିଓ ଜିତେନ୍ଦ୍ର ନାୟକ ଓ ମୁଖ୍ୟବକ୍ତା ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜକିଶୋର ସାହୁ ମଞ୍ଚାସୀନ ଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପାଣ୍ଡେରିପଡା ପଞ୍ଚାୟତର ସରପଞ୍ଚ ଗାୟତ୍ରୀ ରାଉତ, ମଶାବାରୀ କ୍ଲଷ୍ଟର୍ ସିଆର୍‌ସିସି ଯଶୋବନ୍ତ ପଟ୍ଟନାୟକ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ରଣଜିତ୍ ମହାପାତ୍ର, ପୁରାତନ ଛାତ୍ର ଦିଲ୍ଲୀପ କୁମାର ବିଶୋଇ, ମୋ ସ୍କୁଲ୍ ସଦସ୍ୟ ଧୋବା ସ୍ୱାଇଁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶରତ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଓ ପଞ୍ଚସଖା ଶିକ୍ଷାସେତୁର ସମସ୍ତ ସଦସ୍ୟ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟନାରାୟଣ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ଜୟନ୍ତ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ। ସୌଭାଗ୍ୟ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁକାନ୍ତି ସେଠୀ, ଟ୍ୱିଙ୍କିଲ୍ ବିଶ୍ୱାଳ, ଦେବାଶିଷ ବିଷୋଇ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନେ ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷକ ପ୍ରଦୋଷ କୁମାର ରାଉତ ସଭିଙ୍କୁ ଧନ୍ୟବାଦ୍ ଦେଇଥିଲେ।

# ଅନ୍ତର୍ଜାତୀୟ ଚିଲିକା ସେଲ୍‌ଡକ୍ ଲୋକ ସଂସ୍କୃତି ଉତ୍ସବ ପ୍ରସ୍ତୁତି




**ବାଣପୁର,୧୪।୧୧/ଏନ୍‌ଏନ୍‌ଏସ୍:** ଶୁକ୍ରବାର ଅପରାହ୍ନରେ ବଡ଼କୁଳ ସ୍ଥିତ ଓଡ଼ିଆର୍ଟ ସମ୍ମିଳନୀ କକ୍ଷରେ ଏକାଦଶ ଅନ୍ତର୍ଜାତୀୟ ଚିଲିକା ଶେଲଡକ ଲୋକ ସଂସ୍କୃତି ଉତ୍ସବ ପାଳନ ଅବସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୪ ଦିନ ବ୍ୟାପି ଉତ୍ସବରେ ସୁଦୂର ଦକ୍ଷିଣ କୋରିଆ, ଶ୍ରୀଲଙ୍କା ଓ ଭାରତର ବିଭିନ୍ନ ପ୍ରାନ୍ତ ତଥା ଆଞ୍ଚଳିକ କଳାକାରମାନଙ୍କ କଳାକୃତି ପ୍ରଦର୍ଶନ ସାଙ୍ଗକୁ ନୃତ୍ୟ ଗୀତ ପରିବେଷଣ ଦୈନନ୍ଦିନ ଜାରି ରହିବାନେଇ ଓଡ଼ିଆର୍ଟ ପକ୍ଷରୁ ସୂଚନା ଦେଇଛନ୍ତି। ଉକ୍ତ ଉତ୍ସବ ମାଧ୍ୟମରେ ଓଡ଼ି ଆର୍ଟକୁ ଲୋକପ୍ରିୟ କରିବା ପାଇଁ ମୂଳ ଲକ୍ଷ୍ୟ ରହିଛି। ଚଳିତ ବର୍ଷ ଏସିଆର ସମର କଳା ନୃତ୍ୟ ମୁଖ୍ୟ ଆକର୍ଷଣ ରହିଥିବା ବେଳେ ଉକ୍ତ ଉତ୍ସବକୁ ଆଇନ,ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରିବା ନେଇ ଓଡ଼ିଆର୍ଟ ପକ୍ଷରୁ ପ୍ରକାଶ ପାଇଛି। ଏଥିସହିତ ଚାରି ଦିନ ବ୍ୟାପି ଉତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସ୍ଥାନୀୟ ଆଗ୍ରହୀ ଯୁବକଯୁବତୀ ଓ ଛାତ୍ରଛାତ୍ରୀମାନଙ୍କୁ ଟେରାକୋଟା, ପଟ୍ଟଚିତ୍ର, ଚାନ୍ଦୁଆ,ଏମ୍ବ୍ରାଇଡେରୀ, କାଇଞ୍ଚ ମାଳି ସମ୍ବନ୍ଧୀୟ ପ୍ରଶିକ୍ଷଣ ଦିଆଯିବ। କାର୍ଯ୍ୟକ୍ରମରେ ଓଡ଼ିଆର୍ଟ କମିଟି ଅଧ୍ୟକ୍ଷା ହେଲେନ ଆଚାର୍ଯ୍ୟ, ପ୍ରତିଷ୍ଠାତା ପ୍ରସନ୍ନ କୁମାର ଦାଶ, କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁଧାଂଶୁ ଶେଖର ତ୍ରିପାଠୀ ଓ ସାଂସ୍କୃତିକ ସମ୍ପାଦକ ସୁଶାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଫାଟିଲା ପାଣି ପାଇପ୍, ଉପଭୋକ୍ତା ହନ୍ତସନ୍ତ

**ବୟାଳିଶମୌଜା,୧୪।୧୧/ଏନ୍‌ଏନ୍‌ଏସ୍:** ବୟାଳିଶମୌଜା ଅନ୍ତର୍ଗତ ଦଧିବାମନପୁର ପଞ୍ଚାୟତ ସ୍ଥିତ ବହଳପଡ଼ା ଗ୍ରାମର ଗୋପାଳ ସାହି ଓ ଭୋଇ ସାହି ମଧ୍ୟସ୍ଥ କୂଅମୂଳ ପାଖ ରାସ୍ତାର ଅଳ୍ପ ମାଟି ତଳେ ଯାଇଥିବା ବସୁଧା ପାନୀୟ ଜଳ ଯୋଗାଣର ପାଣି ପାଇପ ଆଜକୁ ଏକ ମାସ ହେବ ଫାଟିଯାଇ ରାସ୍ତା ଉପରେ ପାଣି ଯାଉଛି। ସେହି ସ୍ଥାନର ଅତି ନିକଟରେ ଗୁହାଳ ଥିବାରୁ ପାଣି ବନ୍ଦ ସମୟରେ ଗୁହାଳରୁ ନିଷ୍କାସିତ ଗାଈ ଗୋରୁ ମୂତ୍ର ଇତ୍ୟାଦି ସେହି ପାଇପ ମଧ୍ୟ ଦେଇ ପାନୀୟ ଜଳରେ ମିଶୁଛି। ଏହି କଦର୍ଯ୍ୟ ସ୍ଥିତି ଆଜକୁ ଏକ ମାସ ହେବ ଘଟିଲାଣି। ସେ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଥିବା ଜନସାଧାରଣ ଓ ଶିଶୁମାନଙ୍କ ଅବସ୍ଥା ଯେ କେତେବେଳେ କ’ଣ ହେବ ତାହା କହିହେବନାହିଁ। ଦାୟିତ୍ୱରେ ଥିବା କର୍ମକର୍ତ୍ତାଙ୍କୁ ବହୁ ବାର ଜଣାଇଲେ ମଧ୍ୟ କାହିଁକି ମରାମତି ହୋଇପାରୁନାହିଁ ତାହା ତଦନ୍ତ ସାପେକ୍ଷ। ବିଭାଗୀୟ ଅଧିକାରୀ ଉକ୍ତ ଘଟଣାକୁ ଗୁରୁତର ସହ ବିଚାରକୁ ନେଇ ଫାଟିଥିବା ପାଇପ୍‌ର ତୁରନ୍ତ ମରାମତି କରିବାକୁ ବିହିତ ନିର୍ଦ୍ଦେଶ ଦେଲେ ପାନୀୟ ଜଳ ଉପରେ ନିର୍ଭର କରୁଥିବା ଶହ ଶହ ଉପଭୋକ୍ତା ଉପକୃତ ହେବେ ବୋଲି ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।



# ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ମାଧ୍ୟମରେ ସ୍ଥାୟୀ ବିକାଶ ଲକ୍ଷ୍ୟ



**ପୁରୀ,୧୪।୧୧/ଏନ୍‌ଏନ୍‌ଏସ୍:** ସ୍ଥାୟୀ ବିକାଶ ଲକ୍ଷ୍ୟ ବା ସସ୍‌ଟେନବଲ୍ ଡେଭେଲପ୍‌ମେଣ୍ଟ ଗୋଲ୍ ସମ୍ପର୍କରେ ଏକ ବିଜ୍ଞାନ ପ୍ରଦର୍ଶନୀ ଆଜି ପୂର୍ବାହ୍ନରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୫୧ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଏହାକୁ ଉଦ୍‌ଘାଟନ କରିବା ସହ ନିରନ୍ତର ବିକାଶ ଲକ୍ଷ୍ୟରେ ଏହି ପ୍ରକଳ୍ପଗୁଡ଼ିକ ସହଯୋଗ କରିପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ପିଲାମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଓ ଦକ୍ଷତା ରହିଛି। ଏହି ଭଳି ପ୍ରଦର୍ଶନୀ ତାହାର ପରିପ୍ରକାଶ ଦିଗରେ ସହାୟକ ହେବ ବୋଲି ସେ କହିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

# ବେଆଇନ୍ ବାଲି ଚାଲାଣ ଅଭିଯୋଗ

**ନୟାହାଟ,୧୪।୧୧/ଏନ୍‌ଏନ୍‌ଏସ୍:** ଦେବୀନଦୀରୁ ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଛି। ବିଭିନ୍ନ ଅଞ୍ଚଳକୁ ନୟାହାଟ ମୁଖ୍ୟରାସ୍ତା ଦେଇ ଚୋରା ଚାଲାଣ କରାଯାଉଛି। ବାଲିମାଫିଆମାନେ କୋଟି କୋଟି ଟଙ୍କାର ରାଜସ୍ୱ ଠକିବା ପାଇଁ ନକଲି ଜାଲ ରସିଦ ତିଆରିକରି କେ ୨ଫର୍ମ ନଥାଇ ବାଲି ବୋହୁଛନ୍ତି। ଅଧିକାଂଶ ଗାଡ଼ିର କାଗଜପତ୍ର ସଠିକ୍ ନଥିବାବେଳେ ତହସିଲଦାର, ଲଘୁଖଣିଜ ବିଭାଗ, ପୁଲିସ ପକ୍ଷରୁ ତନଖି କରାଯାଉନଥିବାରୁ ବାଲିମାଫିଆମାନେ କୋଟି କୋଟି ଟଙ୍କାର ବାଲିବିକ୍ରିକରି ସରକାରଙ୍କୁ ରାଜସ୍ୱ ଠକୁଛନ୍ତି। ଜନସାଧାରଣଙ୍କୁ ଉନ୍ନତମାନର ବାଲି ଦେବେ ବୋଲି କହି ନିମ୍ନମାନର ବାଲିକୁ ଉଚ୍ଚ ଦାମ୍‌ରେ ବିକ୍ରିକରି ମାଲା ମାଲ ହେଉଛନ୍ତି। ପ୍ରଶାସନ କାହିଁକି ଏହା ଉପରେ ଚଢ଼ାଉ କରୁନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୟାହାଟର ଧୂମାଳ ପଞ୍ଚାୟତର ଗଡ଼ନିପାଣିଆ ହରିଜନ ସାହି ପାଖରେ ଚୋରା ବାଲି ମହଜୁତ ରଖାଯାଇ ବିଭିନ୍ନ ସମୟରେ ଚୋରା ଚାଲାଣ କରାଯାଉଛି। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ, ଗୋପ ତହସିଲଦାର ଓ ଲଘୁଖଣିଜ ବିଭାଗକୁ ପଚାରିବାରେ ସେମାନେ କହିଥିଲେ ଯେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।



**ନିତି ଭାରତୀ**

ନିରବତା ହେଉଛି ଈଶ୍ୱରଙ୍କ ଭାଷା, ଅନ୍ୟସବୁ ଦୁର୍ବଳ ଅନୁବାଦ । - ରୁମି

NITIDIN
ନିତିଦିନ
ଶନିବାର, ୧୫ ନଭେମ୍ବର, ୨୦୨୫

# ଦେଶାତ୍ମବୋଧର ମହାମନ୍ତ୍ର 'ବନ୍ଦେ ମାତରମ୍'



ପ୍ରହଲାଦ କୁମାର ସିଂହ


'ବନ୍ଦେ ମାତରମ୍/ ସୁଜଲାମ୍ ସୁଫଲାମ୍ ମଲୟଜ ଶୀତଲମ୍/ ଶସ୍ୟ ସାମଲାମ୍ ମାତରମ୍...।' ସ୍ୱାଧୀନତା ସଂଗ୍ରାମର ଘନଘଟା ମଧ୍ୟରେ ୧୮୮୨ ମସିହାରେ ବଙ୍କିମ୍‌ଚନ୍ଦ୍ରଙ୍କ କାଳଜୟୀ ଉପନ୍ୟାସ 'ଆନନ୍ଦ ମଠ'ରେ ପ୍ରକାଶ ପାଇଥିଲା ଏହି ପ୍ରେରଣାଦାୟୀ ରାଷ୍ଟ୍ରୀୟ ସଙ୍ଗୀତ । ତେବେ ଏହାର ମୂଳ ରଚନା ଢେର୍ ପୂର୍ବରୁ ହୋଇଥିଲା । ଇଂରେଜମାନଙ୍କ କବଳରୁ ଦେଶକୁ ସ୍ୱାଧୀନ କରିବା ଲାଗି ଯେଉଁ ଦୀର୍ଘ ଲଢ଼େଇ ଚାଲିଲା, ସେଥିରେ ବନ୍ଦେ ମାତରମ୍ ଧ୍ୱନି ଅନେକଙ୍କୁ ଆକର୍ଷିତ କରିଥିଲା । ଏହି ଦୁଇ ପଦ ଶବ୍ଦର ପ୍ରଭାବଶାଳୀ ଯାଦୁକରୀ ଶକ୍ତିରେ କେତେ ଯେ ଯୁବକ ଛାତ୍ର ନିଜ ଜୀବନକୁ ଦେଶମାତୃକା ପାଇଁ ବାଜି ଲଗାଇ ସହିଦ ହୋଇଛନ୍ତି, ଜେଲ୍ ଯାଇଛନ୍ତି, ଚରମ ନିର୍ଯାତନା ଭୋଗିଛନ୍ତି, ତାହାର ହିସାବ ନାହିଁ । ଏଠାରେ ଉଲ୍ଲେଖନୀୟ ଯେ ବଙ୍କିମ୍‌ଚନ୍ଦ୍ର ବ୍ରିଟିଶ ସରକାରରେ ଡେପୁଟି ମାଜିଷ୍ଟ୍ରେଟ୍ ଚାକିରି କରୁଥିଲେ ମଧ୍ୟ ତାଙ୍କର ସ୍ୱାଧୀନଚେତା ସ୍ୱଭାବ ତାଙ୍କୁ ନିଆରା ଭାବେ ଗଢ଼ି ତୋଳିଥିଲା । ଓଡ଼ିଶାର ଯାଜପୁର ଅଞ୍ଚଳରେ ବଙ୍କିମ୍‌ଚନ୍ଦ୍ର କିଛି ବର୍ଷ କାର୍ଯ୍ୟରତ ଥିବାବେଳେ ତାଙ୍କ କାଳଜୟୀ ଅନ୍ୟ ଏକ ଉପନ୍ୟାସ 'ଦେବୀ ଚୌଧୁରାଣୀ' ରଚିତ ହୋଇଥିଲା ।

୧୮୯୬ରେ ରହିମତୁଲ୍ଲା ଏମ୍ ସାୟାନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କଲିକତା କଂଗ୍ରେସ ଅଧିବେଶନ କାଳରେ ବନ୍ଦେ ମାତରମ୍ ବୋଲା ଯାଇଥିଲା । ଏହି ରାଷ୍ଟ୍ରୀୟ ସଙ୍ଗୀତର ସ୍ୱର ଦେଇଥିଲେ ନିଜେ କବିଗୁରୁ ରବୀନ୍ଦ୍ରନାଥ ଠାକୁର । ପରବର୍ତ୍ତୀ ସମୟରେ ବଙ୍ଗ ଭଙ୍ଗ ଆନ୍ଦୋଳନ କାଳରେ ବନ୍ଦେ ମାତରମ୍ ସଙ୍ଗୀତ ଚାରିଆଡ଼େ ଝଙ୍କୃତ ହୋଇଥିଲା । ଏ ପରିପ୍ରେକ୍ଷୀରେ ବରିସାଲଠାରେ ୧୯୦୬ରେ ଅନୁଷ୍ଠିତ ବେଙ୍ଗଲ ପ୍ରୋଭିନ୍‌ସିଆଲ୍ କନ୍‌ଫରେନ୍ସରେ ବେଶ୍ ଉନ୍ମାଦନାର ସହ ଏହି ସଙ୍ଗୀତ ଗାନ କରାଯାଇଥିଲା । କବିଗୁରୁ ବେଶ୍ ଆବେଗମୟ ସ୍ୱରରେ ବନ୍ଦେ ମାତରମ୍ ଗାଉଥିବା ବେଳେ ହିନ୍ଦୁ ମୁସଲମାନମାନଙ୍କ ସମେତ ସବୁ ବର୍ଗର ଉପସ୍ଥିତ ପ୍ରତିନିଧିମାନେ ତାଙ୍କ ସହ ସ୍ୱର ମିଳାଇ ଥିଲେ ।

୧୯୩୭ରେ କଂଗ୍ରେସ କାର୍ଯ୍ୟକାରୀ ସମିତି ମୌଲାନା ଅବୁଲ୍ କଲାମ୍ ଆଜାଦ୍, ଜବାହରଲାଲ ନେହରୁ, ସୁଭାଷ ଚନ୍ଦ୍ର ବୋଷ ଓ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କୁ ନେଇ ଏକ ଉପସମିତି ଗଠନ କରିଥିଲେ । ରବୀନ୍ଦ୍ରନାଥ ଠାକୁରଙ୍କ ସହ ଏହି ଉପସମିତି ଆଲୋଚନା କରି ରାଷ୍ଟ୍ରଗାନ ଚୂଡ଼ାନ୍ତ କରିବାକୁ ସ୍ଥିର ହୋଇଥିଲା । ଏଠାରେ ଉଲ୍ଲେଖନୀୟ ଯେ ବନ୍ଦେ ମାତରମ୍ ଗାନର ପ୍ରଥମ ଦୁଇଟି ପଦକୁ ରାଷ୍ଟ୍ରଗାନରେ ରଖିବା ପାଇଁ ମତ ପ୍ରକାଶ ପାଇଥିଲା । ତେବେ ପରବର୍ତ୍ତୀ ସମୟରେ ସ୍ୱରର ମାଧୁର୍ଯ୍ୟକୁ ଆଖି ଆଗରେ ରଖି ରବୀନ୍ଦ୍ରନାଥଙ୍କ 'ଜନ ଗଣ ମନ' ରାଷ୍ଟ୍ରୀୟ ସଙ୍ଗୀତର ମର୍ଯ୍ୟାଦା ପାଇଲା । ୧୯୪୭ରେ ଜାତିସଂଘକୁ ଯାଇଥିବା ଭାରତର ପ୍ରତିନିଧି ଦଳ ଏକ ଗ୍ରାମୋଫୋନ୍ ରେକର୍ଡରେ ଜନ ଗଣ ମନର ଯେଉଁ ସୁଲଳିତ ବାଦ୍ୟ ସଙ୍ଗୀତ ଶୁଣାଇ ଥିଲେ, ତାହା ଜାତିସଂଘର ଅନ୍ୟ ରାଷ୍ଟ୍ରର ପ୍ରତିନିଧିମାନଙ୍କୁ ଚମକାଇ ଦେଇଥିଲା ।

୧୯୫୦ ଜାନୁଆରୀ ୨୪ରେ ସମ୍ବିଧାନ ପ୍ରଣୟନ ସଭା ଜନ ଗଣ ମନକୁ ରାଷ୍ଟ୍ରୀୟ ସଙ୍ଗୀତର ମର୍ଯ୍ୟାଦା ଦେବାକୁ ପ୍ରସ୍ତାବ ଗ୍ରହଣ କଲେ । ଏ ପରିପ୍ରେକ୍ଷୀରେ ସମ୍ବିଧାନ ପ୍ରଣୟନ ସଭାର ଅଧ୍ୟକ୍ଷ ଡକ୍ଟର ରାଜେନ୍ଦ୍ର ପ୍ରସାଦ ସ୍ପଷ୍ଟ କରି ଦେଇଥିଲେ ଯେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ବନ୍ଦେ ମାତରମ୍ ଏକ ଐତିହାସିକ ଭୂମିକା ନିଭାଇ ଥିଲା । ତେଣୁ ବନ୍ଦେ ମାତରମ୍ ଗାନକୁ ମଧ୍ୟ ଜନ ଗଣ ମନ ଭଳି ସମାନ ସମ୍ମାନ ଦିଆଯିବ । ବନ୍ଦେ ମାତରମ୍ ଧ୍ୱନି ଓ ରାଷ୍ଟ୍ରଗାନକୁ ବାରମ୍ବାର ଜାତିର ଜନକ ମହାତ୍ମା ଗାନ୍ଧୀ ପ୍ରଶଂସା କରି ଆସିଛନ୍ତି । ୟଙ୍ଗ୍ ଇଣ୍ଡିଆର ୧୯୨୦ ସେପ୍ଟେମ୍ବର ୮ ତାରିଖ ସଂସ୍କରଣରେ 'ଥ୍ରି ନ୍ୟାସନାଲ୍ କ୍ରାଇଜ୍' ଶୀର୍ଷକ ଏକ ଲେଖାରେ ଗାନ୍ଧିଜୀଙ୍କ ଆଭିମୁଖ୍ୟ ଏ ପ୍ରସଙ୍ଗରେ ସ୍ପଷ୍ଟ । ବେଜୱାଡ଼ା ଗସ୍ତରେ ଥିବା ବେଳେ ଲୋକେ ମହାତ୍ମା ଗାନ୍ଧୀକି ଜୟ ଏବଂ ମହମ୍ମଦ ଅଲ୍ଲୀ ଓ ସୌକତ ଅଲ୍ଲୀ କି ଜୟ ବୋଲି ଧ୍ୱନି ଦେଉଥିଲେ । ବ୍ୟକ୍ତିବିଶେଷଙ୍କ ଜୟ ଜୟକାର ନ କରି ହିନ୍ଦୁ-ମୁସଲମାନ କି ଜୟ ବୋଲି ଧ୍ୱନି ଦେବାକୁ ଗାନ୍ଧିଜୀ ପରାମର୍ଶ ଦେଇଥିଲେ । ତେବେ ସୌକତ ଅଲ୍ଲୀ ଲକ୍ଷ୍ୟ କଲେ ଯେ ଏଭଳି ଧ୍ୱନି ଅପେକ୍ଷା ହିନ୍ଦୁମାନେ ବନ୍ଦେ ମାତରମ୍ ଓ ମୁସଲମାନମାନେ ଆଲ୍ଲା ହୋ ଆକବର୍ ଧ୍ୱନି ଦେଉଛନ୍ତି । ବିସ୍ତୃତ ଆଲୋଚନା କରି ଗାନ୍ଧିଜୀ ଲେଖିଲେ, ବନ୍ଦେ ମାତରମ୍‌ର ଅର୍ଥ ମାତୃଭୂମିର ବନ୍ଦନା କରିବା । ଆଲ୍ଲା ହୋ ଆକବର୍‌ର ଅର୍ଥ ଭଗବାନ ହିଁ ସବୁଠାରୁ ବଡ଼ ଓ ଅନ୍ୟ କେହି ନୁହେଁ । ଏହି ଦୁଇଟି ଧ୍ୱନି ସହିତ ହିନ୍ଦୁ ମୁସଲମାନ ଏକତା ନ ରହିଲେ ଭାରତ ମାତାର ଜୟ ହୋଇ ପାରିବ ନାହିଁ । ଏମିତିକି ଭାରତ ମାତାକି ଜୟ ଧ୍ୱନି ଅପେକ୍ଷା ବନ୍ଦେ ମାତରମ୍ ଧ୍ୱନି ତାଙ୍କ ପ୍ରାଣରେ ଅଧିକ ଶିହରଣ ସୃଷ୍ଟି କରୁଛି ବୋଲି ଗାନ୍ଧୀ ସେତେବେଳେ ଉଲ୍ଲେଖ କରିଥିଲେ ।

୧୯୩୯ ଜୁଲାଇ ପହିଲାରେ ବନ୍ଦେ ମାତରମ୍ ପ୍ରସଙ୍ଗରେ ହରିଜନ ପତ୍ରିକାରେ ଗାନ୍ଧିଜୀ ଅନ୍ୟ ଏକ ପ୍ରେରଣାଦାୟୀ ଆଲେଖ୍ୟ ପ୍ରକାଶ କରିଥିଲେ । ଆନନ୍ଦ ମଠ ଓ ବଙ୍କିମ୍‌ଚନ୍ଦ୍ରଙ୍କ ବିଷୟରେ ସେ ପିଲାଦିନେ କିଛି ଜାଣି ନଥିବା ବେଳେ କିନ୍ତୁ ବନ୍ଦେ ମାତରମ୍ ଧ୍ୱନି ତାଙ୍କ ମନରେ ଶିହରଣ ସୃଷ୍ଟି କରୁଥିଲା । ଏହି ସଙ୍ଗୀତ ଓ ଧ୍ୱନିରେ ପବିତ୍ର ଜାତୀୟ ଭାବନା ଭରି ରହିଛି । ଏହା ହିନ୍ଦୁଙ୍କ ଗୀତ କିମ୍ବା ହିନ୍ଦୁମାନେ ଗାଇବା ପାଇଁ ଏକ ଗୀତ ବୋଲି ତାଙ୍କ ମନରେ କେବେ ବି ଧାରଣା ଆସି ନଥିଲା । ବଙ୍ଗ ଭଙ୍ଗ ଆନ୍ଦୋଳନ ପୂର୍ବରୁ ଓ ପରେ ଉଭୟ ହିନ୍ଦୁ ଓ ମୁସଲମାନ ଜାତୀୟ ଆନ୍ଦୋଳନରେ ବନ୍ଦେ ମାତରମ୍ ଧ୍ୱନି ଭିତରେ ନିଜର ଧର୍ମୀୟ ଭାବନାକୁ ହଜାଇ ଦେଇ ରାଷ୍ଟ୍ରୀୟ ସ୍ରୋତରେ ସାମିଲ ହେଉଥିଲେ । ଲକ୍ଷ ଲକ୍ଷ ଲୋକଙ୍କୁ ବନ୍ଦେ ମାତରମ୍ ଧ୍ୱନି ଓ ସଙ୍ଗୀତ ଦେଶାତ୍ମବୋଧ ଭାବନାରେ ଉଦ୍‌ବୁଦ୍ଧ କରୁଥିଲା । ଏ ପରିପ୍ରେକ୍ଷୀରେ ବନ୍ଦେ ମାତରମ୍‌କୁ ନେଇ କୌଣସି ବିବାଦ ଉପୁଜିବାକୁ ଗାନ୍ଧିଜୀ ପସନ୍ଦ କରୁ ନଥିଲେ ।




୧୯୪୫ ଡିସେମ୍ବରରେ 'ଡିସ୍‌କସନ୍ ୱିଥ୍ ପଲିଟିକାଲ୍ ଓ୍ୱାର୍କର୍ସ' ଶୀର୍ଷକ ଲେଖାରେ ବନ୍ଦେ ମାତରମ୍ ସଂକ୍ରାନ୍ତରେ ଗାନ୍ଧିଜୀଙ୍କ ମତ ବେଶ୍ ପ୍ରାସଙ୍ଗିକ । କଲେକ୍ଟେଡ୍ ଓ୍ୱାର୍କସ୍ ଅଫ୍ ମହାତ୍ମା ଗାନ୍ଧୀରେ ଏହା ସ୍ଥାନିତ ହୋଇଛି । 'ବନ୍ଦେ ମାତରମ୍' ପରିବର୍ତ୍ତେ 'ଜୟମ୍ ଜୟମ୍' ଭଳି ପ୍ରେରଣାଦାୟୀ ଦେଶାତ୍ମବୋଧକ ସଙ୍ଗୀତ ରାଷ୍ଟ୍ରଗାନ କରିବା ପ୍ରସଙ୍ଗରେ ଉଠିଥିବା ଏକ ପ୍ରଶ୍ନର ଉତ୍ତରରେ ଗାନ୍ଧିଜୀ କହିଥିଲେ ଯେ ତାଙ୍କ ଓ ଜଳିକାନ ଗୌରବାବହ ଇତିହାସ ସୃଷ୍ଟି କରିଥିବା ବନ୍ଦେ ମାତରମ୍‌କୁ କଦାପି ବଦଳା ଯାଇ ପାରିବ ନାହିଁ । ବନ୍ଦେ ମାତରମ୍‌କୁ ଛାଡ଼ିବା ଅର୍ଥ ଜଣେ ତା'ର ମା'କୁ ପରିତ୍ୟାଗ କରିବା । କେବଳ ସେତିକି ନୁହେଁ ରାଷ୍ଟ୍ରଗାନ ପାଇଁ ପ୍ରେରିତ ବହୁ ପତ୍ରର ଶେଷରେ ସେ ବନ୍ଦେ ମାତରମ୍ ମଧ୍ୟ ବ୍ୟବହାର କରିଥିବା ଦେଖିବାକୁ ମିଳେ । ତେବେ ଭାରତ ବିଭାଜନ ସହ ସାମ୍ପ୍ରଦାୟିକ ବିଦ୍ୱେଷ ବୃଦ୍ଧି ପାଇଁ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ମୁସଲିମ୍ ଲିଗ୍ ଓ ହିନ୍ଦୁ ମହାସଭା ସେପରି ଛାତ୍ର ରକ୍ତରେ ହୋଲି ଖେଳ ଆରମ୍ଭ କରିଦେଲେ ତାହା ଆମର ଗୌରବାବହ ରାଷ୍ଟ୍ରଗାନକୁ ବି ସାମ୍ପ୍ରଦାୟିକ ବିଦ୍ୱେଷ ଭିତରକୁ ଟାଣି ଆଣିଲା । ଏ ପରିପ୍ରେକ୍ଷୀରେ ଗାନ୍ଧିଜୀ ବାରମ୍ବାର ଖେଦୋକ୍ତି ପ୍ରକାଶ କରିବା ସଙ୍ଗେ ସଙ୍ଗେ ମା' ଓ ମାତୃଭୂମିକୁ ବିବାଦ ମଧ୍ୟକୁ ନ ଟାଣିବା ପାଇଁ ବାରମ୍ବାର ଉଭୟ ଗୋଷ୍ଠୀଙ୍କୁ ନିବେଦନ କରି ଆସୁଥିଲେ । ବନ୍ଦେ ମାତରମ୍ ରାଷ୍ଟ୍ରୀୟ ଧ୍ୱନି ଥିବା ବେଳେ ସ୍ୱାଧୀନତା ସଂଗ୍ରାମକୁ ନୂଆ ମୋଡ଼ ଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆରମ୍ଭ କଲେ ଜୟ ହିନ୍ଦ୍ ନାରା । ଏହା ବି ସଂଗ୍ରାମୀମାନଙ୍କ ଦ୍ୱାରା ଆଦୃତ ହେଲା । ଗାନ୍ଧିଜୀ ଉଭୟ ବନ୍ଦେ ମାତରମ୍ ଓ ଜୟ ହିନ୍ଦ୍ ନାରାକୁ ମଧ୍ୟ ଗ୍ରହଣ କରୁଥିଲେ । ତେବେ କାହାର ଇଚ୍ଛା ବିରୋଧରେ ଏହି ନାରାକୁ ଅନ୍ୟ କାହା ଉପରେ ଚାପି ନଦେବା ଲାଗି ସେ ମତବ୍ୟକ୍ତ କରୁଥିଲେ ।

କଲିକତାଠାରୁ କରାଚୀ ପର୍ଯ୍ୟନ୍ତ ବିଭିନ୍ନ କଂଗ୍ରେସ ଅଧିବେଶନରେ ସମ୍ମାନର ସହ ବନ୍ଦେ ମାତରମ୍ ଗାନ କରା ଯାଉଥିଲା । ବେରେଲିଠାରୁ ବାରାମ୍ପୁର ପର୍ଯ୍ୟନ୍ତ ବିଭିନ୍ନ ସଭା ସମିତିରେ ବି ଏହା ବୋଲା ଯାଉଥିଲା । ସ୍ୱାଧୀନତା ଆନ୍ଦୋଳନ କାଳରେ ନେତା ଓ ଜନତା ସେମାନଙ୍କ ଭାଷଣରେ ବନ୍ଦେ ମାତରମ୍ ଧ୍ୱନି ଦେଉଥିଲେ । ନମସ୍କାର ପରିବର୍ତ୍ତେ ଅନେକ ପରସ୍ପରକୁ ବନ୍ଦେ ମାତରମ୍ କହି ସମ୍ମାନ ଜଣାଉ ଥିଲେ । ଆମ ଜାତୀୟ ପତାକାର ଇତିହାସରେ ବି ବନ୍ଦେ ମାତରମ୍‌ର ଭୂମିକା ରହିଛି । ଭଗିନୀ ନିବେଦିତା ୧୯୦୫ରେ ପ୍ରସ୍ତୁତ କରିଥିବା ପତାକାରେ ରଖିଥିଲେ ବନ୍ଦେ ମାତରମ୍ ।

୧୯୦୬ରେ ବଙ୍ଗର ବିପ୍ଳବୀମାନେ ଏକ ନୂଆ ପତାକା ତିଆରି କରି ପାର୍ସି ବାଗାନ୍ ଛକରେ ତାହା ଉତ୍ତୋଳିତ କରିଥିଲେ । ଏହି ତ୍ରିରଙ୍ଗା ଝଣ୍ଡାରେ ବି ବନ୍ଦେ ମାତରମ୍ ରହିଥିଲା । ମ୍ୟାଡାମ୍ ଭିକାଜି ରୁସ୍ତମ୍ କାମା ୧୯୦୭ରେ ଜର୍ମାନୀର ଷ୍ଟଟ୍‌ଗାର୍ଡ ସହରରେ ଅନୁଷ୍ଠିତ ଆନ୍ତର୍ଜାତିକ ସମ୍ମିଳନୀରେ ଭାରତର ଯେଉଁ ଝଣ୍ଡା ଉତ୍ତୋଳନ କରିଥିଲେ ତାହାର ମଧ୍ୟ ଭାଗରେ ବି ଲେଖା ଥିଲା ବନ୍ଦେ ମାତରମ୍ ।

ଇତି ମଧ୍ୟରେ ସ୍ୱାଧୀନତା ପ୍ରାପ୍ତିର ୭୮ ବର୍ଷ ବିତି ଗଲାଣି । ତଥାପି ବି ପ୍ରାୟ ଦେଢ଼ ଶହ ବର୍ଷ ତଳେ ରଚନା କରା ଯାଇଥିବା ପ୍ରେରଣାଦାୟୀ ଦେଶାତ୍ମବୋଧକ ରାଷ୍ଟ୍ରଗାନ ବନ୍ଦେ ମାତରମ୍ ଆଜିର ଦିନରେ ମଧ୍ୟ ଲୋକପ୍ରିୟ ହୋଇ ରହିଛି । ଜୟ ହିନ୍ଦ୍ ଓ ବନ୍ଦେ ମାତରମ୍ ଧ୍ୱନିର ଗ୍ରହଣୀୟତା ବଢ଼ିଛି । 'ଜନ ଗଣ ମନ' ଜାତୀୟ ସଙ୍ଗୀତ ହୋଇଥିଲେ ବି ଜନପ୍ରିୟ ଦେଶାତ୍ମବୋଧକ ସଙ୍ଗୀତ 'ବନ୍ଦେ ମାତରମ୍' ରାଷ୍ଟ୍ରଗାନ ଭାବେ ସମାନ ସମ୍ମାନ ପାଉଛି । ଏହି ଧ୍ୱନି ଓ ସଙ୍ଗୀତ ଆଜିର ଦିନରେ ବି ରାଷ୍ଟ୍ରପ୍ରେମୀମାନଙ୍କ ମନରେ ଉଦ୍ଦୀପନା ସୃଷ୍ଟି କରିଆସୁଛି । ଆମ ଦେଶର ସଂସ୍କୃତି କୁହେ 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗଦପି ଗରିୟସୀ' । ମା' ଓ ମାତୃଭୂମିକୁ ଛାଡ଼ିଦେଲେ ଆମର ଅସ୍ତିତ୍ୱ ନାହିଁ । କେବଳ କଥାରେ ନୁହେଁ, ଆମକୁ କାମରେ ଏହା କରି ଦେଖାଇବାକୁ ପଡ଼ିବ । ■

ମୋ: ୯୪୩୭୦୧୭୩୯୫
prahalladsinha@gmail.com

# ମହାନ୍ ବିପ୍ଳବୀ ବିର୍ସା ମୁଣ୍ଡା



ଲଳିତ ମୋହନ ମିଶ୍ର

ବିର୍ସା ମୁଣ୍ଡା- ସେ ବୀର, ସେ ଅମର, ଜନଜାତି ନେତା ତଥା ସ୍ୱାଧୀନତା ସଂଗ୍ରାମୀ । ମହାନ୍ ବିପ୍ଳବୀ ବିର୍ସା ମୁଣ୍ଡା ୧୮୭୫ ମସିହା ନଭେମ୍ବର ୧୫ ତାରିଖ ଦିନ ସୁନ୍ଦରଗଡ଼ ଜିଲ୍ଲାର ଉଲିହାତୁ ଆଦିବାସୀ ଗ୍ରାମର ଏକ ମୁଣ୍ଡା ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ସୁଗନା ମୁଣ୍ଡା ଓ ମାତାଙ୍କ ନାମ କରମୀ ମୁଣ୍ଡା । ପିଲାଟି ବେଳୁ ବିର୍ସା ଥିଲେ ସାହସୀ ଓ ସ୍ୱାଭିମାନୀ । ସରଳ ବିଶ୍ୱାସୀ ମୁଣ୍ଡାମାନଙ୍କୁ ଗୋରା ଶାସକମାନେ କିପରି ସେବକ ପଟ୍ଟା ଲେଖାଇ ନେଇ ଗୋତି ଓ ବେଠି ଖଟାଉ ଥିଲେ, ବନ୍ଧୁକର ଧମକ ଦେଖାଇ ଫସଲ କାଟି ନେବା ଓ ଜବରଦସ୍ତ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ କରାଉ ଥିଲେ ଏବଂ ନାନା ପ୍ରକାର ଅତ୍ୟାଚାର କରୁଥିଲେ, ତାହା ବିର୍ସା ପିଲାବେଳେ ଗ୍ରାମବାସୀଙ୍କଠାରୁ ଶୁଣିଥିଲେ । କିନ୍ତୁ ଚାଇଁବସା ମିଶନ୍ ସ୍କୁଲରେ ଅଧ୍ୟୟନ କରୁଥିବା ସମୟରେ ବିର୍ସାଙ୍କ ସ୍ୱାଧୀନ ଚେତନା, ସ୍ପଷ୍ଟବାଦୀ ଗୁଣ ଓ ହିନ୍ଦୁ ଧର୍ମକୁ ଭଲ ପାଉଥିବା ଯୋଗୁଁ ବିଦ୍ୟାଳୟର ଗୋରା ପ୍ରଧାନ ଶିକ୍ଷକ ଆକ୍ରୋଶମୂଳକ ମନୋଭାବ ନେଇ ବିର୍ସାଙ୍କୁ ଚାବୁକରେ ଅମାନୁଷିକ ଭାବେ ପ୍ରହାର କରି ବିଦ୍ୟାଳୟରୁ ବାହାର କରିଦେଲେ । ସେହି ଦିନଠାରୁ ପାଠପଢ଼ାରେ ପୂର୍ଣ୍ଣଚ୍ଛେଦ ପକାଇ ଦେଶ ମାତୃକାକୁ ପିରିଙ୍ଗି ଶାସନରୁ ମୁକ୍ତ କରିବା ପାଇଁ ବିର୍ସାଙ୍କ ହୃଦୟରେ ସୃଷ୍ଟି ହୋଇଥିଲା ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖା ।

ଆଦିବାସୀ ଅଞ୍ଚଳ ବଣେଇ, ଗୁରୁଣ୍ଡିଆ, କଲିପଶ ଇତ୍ୟାଦି ଗ୍ରାମର ମୁଣ୍ଡା, କିଷାନ୍, କୋହ୍ଲ, ଖଡିଆର ଆଦିବାସୀ ଭାଇ ଭଉଣୀମାନଙ୍କ ସେବା କରିବା ସାଙ୍ଗକୁ ବ୍ରିଟିଶ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ଶାସନ ବିରୁଦ୍ଧରେ ସେ ପ୍ରଚାର କଲେ । ସେବକ ପଟ୍ଟା ଲେଖ ନାହିଁ, ଖଜଣା ଦିଅ ନାହିଁ, ସରକାର କଥା ମାନ ନାହିଁ କି ବନ୍ଧୁକ ମୁନକୁ ଡରିଯାଇ ଖ୍ରୀଷ୍ଟ ଧର୍ମ ଗ୍ରହଣ କର ନାହିଁ ଇତ୍ୟାଦି ସଂଗ୍ରାମର ପନ୍ଥା ବତାଇଲେ । ତାଙ୍କର ଓଜସ୍ୱିନୀ ଭାଷଣରେ ଉଦ୍‌ବୁଦ୍ଧ ହୋଇ ଶହ ଶହ ଆଦିବାସୀ ଗୋରାଙ୍କ ବିରୁଦ୍ଧରେ ସଶସ୍ତ୍ର ବିପ୍ଳବ କରିବାକୁ ଶପଥ ନେଇଥିଲେ । ବିର୍ସାଙ୍କ ସଶସ୍ତ୍ର ବିପ୍ଳବର ଆହ୍ୱାନ ସମଗ୍ର ବ୍ରିଟିଶ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲା । ତେଣୁ ସରକାର ଭୟଭୀତ ହୋଇ ପଡ଼ିଲେ । ୧୮୯୫ ମସିହା ଅଗଷ୍ଟ ୧୬ ତାରିଖ ଦିନ ପୁଲିସ୍ ଏସ୍‌ପି ଶ୍ରୀ ମେୟରସ୍ ସଶସ୍ତ୍ର ପୁଲିସ ବାହିନୀଙ୍କ ସାହାଯ୍ୟରେ ବିର୍ସା ମୁଣ୍ଡା ଓ ତାଙ୍କର ୧୫ ଜଣ ସାଥୀଙ୍କୁ ଗିରଫ କଲେ । ବିଚାର ପରେ ସେମାନଙ୍କୁ ଦେଶଦ୍ରୋହୀ ଅପରାଧରେ ଦୁଇ ବର୍ଷ କାରାଦଣ୍ଡ ଭୋଗିବାକୁ ରାଞ୍ଚି ଜେଲକୁ ପଠାଗଲା । ଜେଲ୍ ଜୀବନ ବିର୍ସାଙ୍କ ସ୍ୱାଧୀନ ଚେତନାକୁ ବହୁଗୁଣିତ କରି ବିପ୍ଳବୀ ବିର୍ସା ମୁଣ୍ଡାରେ ପରିଣତ କଲା ।

ମହାରାଣୀ ଭିକ୍ଟୋରିଆଙ୍କ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଭାରତର ସମସ୍ତ ବନ୍ଦୀମାନଙ୍କୁ ମୁକ୍ତ କରାଗଲା । ସେହି ନୀତିରେ ବିର୍ସା ଓ ସହକର୍ମୀମାନେ ରାଞ୍ଚି ଜେଲ୍‌ରୁ ଖଲାସ ହୋଇଥିଲେ । ବିର୍ସା ସଂଗ୍ରାମୀମାନଙ୍କୁ ଆହ୍ୱାନ ଦେଇ କହୁଥିଲେ, 'ଦେଖିବ ରହିଥା, ଆମ ଧନୁ, ତୀର, ବର୍ଚ୍ଛା ଓ ତଲୱାର କଥା କହିବ ଏବଂ ଆମେ ଆମ ଜନ୍ମ ମାଟିକୁ ଫେରି ପାଇବା ।' ବିର୍ସାଙ୍କ ଆହ୍ୱାନରେ ଶହ ଶହ ଆଦିବାସୀ ଭାରତ ମାଟିରୁ ଗୋରା ଶାସକଙ୍କୁ ନିପାତ କରିବାକୁ ଦୃଢ଼ ଶପଥ ନେଇଥିଲେ । ବିର୍ସାଙ୍କ ନେତୃତ୍ୱରେ ୧୮୯୯ ମସିହା ଡିସେମ୍ବର ୯ ତାରିଖ ଦିନ ସଂଗ୍ରାମୀମାନେ ନିଆଁ ହୁଲା, ଧନୁ, ତୀର ଓ ବର୍ଚ୍ଛା ଧରି ଖ୍ରୀଷ୍ଟିଆନ୍ ତଥା ଗୋରାମାନଙ୍କ ବାସଗୃହ ଓ ଅଫିସ୍ ଗୃହରେ ନିଆଁ ଲଗାଇ ଦେଲେ । ସିଂହଭୂମି ଜିଲ୍ଲାର ପୋରହାଟରେ ବିଦ୍ରୋହୀମାନେ ବହୁ ପରିମାଣରେ ପୋଡ଼ାଜଳା କରିଦେଲେ ଏବଂ ରାଷ୍ଟ୍ରର ମୁଖ୍ୟ ବିଚାରାଳୟ ଉପରେ ଆକ୍ରମଣ ସମୟରେ ବାର ଜଣ ମୃତ୍ୟୁବରଣ କରିଥିଲେ । ଏହି ଚାଞ୍ଚଲ୍ୟକର ଘଟଣା ବ୍ରିଟିଶ ସାମ୍ରାଜ୍ୟରେ ଆତଙ୍କ ସୃଷ୍ଟି କରିଥିଲା । ସରକାର ବିର୍ସାଙ୍କୁ ଧରିବାରେ ସାହାଯ୍ୟ କରୁଥିବା ବ୍ୟକ୍ତିଙ୍କୁ ପାଞ୍ଚଶହ ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଥିଲେ । ବିର୍ସା ଓ ତାଙ୍କର ମୁଖ୍ୟ ସହକର୍ମୀ ଗୟା ମୁଣ୍ଡାର ଅନୁସନ୍ଧାନ ପାଇଁ କନଷ୍ଟେବଲ ଜୟରାମ ଓ ବୁଦ୍ଧୁରାମଙ୍କୁ ଏଟ୍‌କେଡ଼ି ଗ୍ରାମକୁ ପଠାଗଲା । ଏହି ଖବର ପାଇ ଗୟା ମୁଣ୍ଡାର ନିର୍ଦ୍ଦେଶରେ ଅନୁଗାମୀମାନେ କନଷ୍ଟେବଲ ଦ୍ୱୟଙ୍କୁ ଗ୍ରାମ ନିକଟସ୍ଥ ଚଜନା ନଦୀ କୂଳରେ କୋଚିଲା ତୀର ମାରି ଓ କୁରାଢ଼ିରେ ହାଣି ୧୯୦୦ ମସିହା ଜାନୁଆରୀ ୫ ତାରିଖରେ ହତ୍ୟା କରିଥିଲେ । ଏହାର ପ୍ରତିଶୋଧ ନେବା ପାଇଁ ଡେପୁଟି କମିଶନର ମିଷ୍ଟର ଷ୍ଟ୍ରିଟ୍‌ଫିଲଡ୍ ଗିରଫ କଲାବେଳେ ସଶସ୍ତ୍ର ବାହିନୀର ଭୀଷଣ ଆଘାତରେ ଗୟା ମୁଣ୍ଡାର ମୃତ୍ୟୁ ହୋଇଥିଲା । ଗୟା ମୁଣ୍ଡାର ମୃତ୍ୟୁ ପରେ ବିର୍ସାଙ୍କ ନେତୃତ୍ୱରେ ବିଦ୍ରୋହୀମାନେ ଅଚାନକ ଦମନ ଲୀଳାର ମୁଖ୍ୟ କେନ୍ଦ୍ର ଖୁଣ୍ଟି ଥାନାକୁ ଆକ୍ରମଣ କରିବାକୁ ଗଲା ବେଳେ ରାସ୍ତାରେ କନଷ୍ଟେବଲ ରଘୁରାମକୁ ହତ୍ୟା କରି ଥାନା ସାମ୍ନାରେ ଶବଟିକୁ ପକାଇ ଅନ୍ୟାନ୍ୟ ପୁଲିସଙ୍କୁ ଥାନା ଛାଡ଼ି ଚାଲିଯିବାକୁ ଧମକ ଦେଇ ଥାନାରେ ନିଆଁ ଲଗାଇ ଦେଲେ । ବିଦ୍ରୋହୀମାନଙ୍କ ବିଭିନ୍ନ ହତ୍ୟା, ଆକ୍ରମଣ ଓ ପୋଡ଼ାଜଳାରେ ସରକାର ମର୍ମାହତ ହୋଇ ସଂଗ୍ରାମର କେନ୍ଦ୍ରସ୍ଥଳ ଡୋମ୍ବାରୀ ପାହାଡ଼କୁ ଘେରାଉ କରି ବିପ୍ଳବୀ ବିର୍ସା ମୁଣ୍ଡାଙ୍କୁ ଗିରଫ ପାଇଁ ଉଦ୍ୟମ କରିବାରୁ ଲୋକେ ପ୍ରତିଶୋଧ ପାଇଁ ସଜବାଜ ହେଲେ ।

ବିର୍ସାଙ୍କ ରଣ ସଂଗ୍ରାମର ଆହ୍ୱାନରେ ଶତାଧିକ ମୁଣ୍ଡା ପରିବାରର ଆବାଳ ବୃଦ୍ଧବନିତା ଖାଦ୍ୟ ସାମଗ୍ରୀ ସହ ଧନୁ ତୀର, ବର୍ଚ୍ଛା ଓ ନିଆଁହୁଲା ଧରି ୩୦୦ ଫୁଟ ଉଚ୍ଚ ଡୋମ୍ବାରୀ ପାହାଡ଼ ଉପରେ ରଣ ପାଇଁ ସଜ୍ଜିତ ହେଲେ । ତାହା ଥିଲା ବିର୍ସା ମୁଣ୍ଡାଙ୍କ ନେତୃତ୍ୱରେ ସଂଗଠିତ ଜନଜାଗରଣ । ଜାନୁଆରୀ ୯ ତାରିଖ ଦିନ ଡୋମ୍ବାରୀ ପାହାଡ଼ର ବକ୍ଷରେ ସଂଗ୍ରାମୀମାନଙ୍କୁ ବିର୍ସା ମୁଣ୍ଡା ଓ ତାଙ୍କର ପଟ୍ଟଶିଷ୍ୟ ନରସିଂହ ମୁଣ୍ଡା ଉଦ୍‌ବୋଧନ ଦେବା ସମୟରେ ଡିଏସ୍‌ପି ମିଷ୍ଟର ଫୋବର୍ସ ଓ ଡେପୁଟି କମିଶନର ମିଷ୍ଟର ଷ୍ଟ୍ରୀଟ୍‌ଫିଲଡ୍ ଦୁଇଶହ ସୈନ୍ୟ ଧରି ଡୋମ୍ବାରୀ ପାହାଡ଼କୁ ଘେରି ଯାଇଥିଲେ ଏବଂ ବିଦ୍ରୋହୀମାନଙ୍କୁ ଆତ୍ମସମର୍ପଣ କରିବା ପାଇଁ ଆପୋଷ ଆଲୋଚନାର ବ୍ୟବସ୍ଥା କରିଥିଲେ । କିନ୍ତୁ ବିଦ୍ରୋହୀମାନେ ସେଥିରେ ରାଜି ନହୋଇ ପାହାଡ଼ ଉପରୁ ଧନୁ ତୀର, ବର୍ଚ୍ଛା ଓ ପଥରରେ ସୈନ୍ୟମାନଙ୍କୁ ଆକ୍ରମଣ କରିଥିଲେ । ଫଳରେ ସୈନ୍ୟମାନେ ଉତ୍ୟକ୍ତ ହୋଇ ଗୁଳି ବର୍ଷଣ କରିଥିଲେ । ସେଥିରେ ନରସିଂହ ମୁଣ୍ଡାଙ୍କ ସମେତ ଦୁଇ ଶହ ସଂଗ୍ରାମୀ ଡୋମ୍ବାରୀ ପାହାଡ଼




ବକ୍ଷରେ ଟଳିପଡ଼ି ସହିଦ ହେଲେ । କିନ୍ତୁ ବିର୍ସା ମୁଣ୍ଡା ଅଳ୍ପକେ ରକ୍ଷା ପାଇ ଆତ୍ମଗୋପନ ପାଇଁ ଚକ୍ରଧରପୁର ଜଙ୍ଗଲକୁ ପଳାଇ ଗଲେ । ସରକାର ବିର୍ସାଙ୍କର କୌଣସି ସନ୍ଧାନ ନପାଇ ମୁଣ୍ଡାମାନଙ୍କ ଉପରେ ନିର୍ମମ ଅତ୍ୟାଚାର କରି ସେମାନଙ୍କ ଧନ ସମ୍ପତ୍ତି ନେବା ସାଙ୍ଗକୁ ଘରମାନଙ୍କରେ ନିଆଁ ଲଗାଇ ଦେଲେ । ସେହି ଅତ୍ୟାଚାରରୁ ମୁଣ୍ଡାମାନଙ୍କୁ ରକ୍ଷା କରିବାକୁ ଯାଇ ବିର୍ସାଙ୍କ ସହକର୍ମୀ ଡେନକା ମୁଣ୍ଡା ଓ ମାଝିଆ ମୁଣ୍ଡା ସରକାରଙ୍କ ନିକଟରେ ଆତ୍ମସମର୍ପଣ କଲେ । ବିଚାର ପରେ ସେମାନଙ୍କୁ ଦେଶରୁ ନିର୍ବାସିତ କରାଗଲା । ଏହିଭଳି ବିର୍ସା ନିଜର ଅନେକ ସହକର୍ମୀଙ୍କୁ ହରାଇ ଥିଲେ ମଧ୍ୟ ମନରେ ସ୍ୱାଧୀନତାର ଅସରାଏ ଆଶା ନେଇ ବଣ ଜଙ୍ଗଲରେ ମାସ ମାସ ଧରି ଘୂରି ବୁଲିଲେ ।

ଓଡ଼ିଶାର ଭିଟାମାଟି ଛାଡ଼ି ସଂଗ୍ରାମକୁ ନୂତନ ରୂପ ଦେବା ଲାଗି ବିର୍ସା ମୁଣ୍ଡା ସିଂହଭୂମି ଜିଲ୍ଲାକୁ ଚାଲିଗଲେ । ସେଠାରେ ସାଙ୍ଗଠନିକ କାର୍ଯ୍ୟ କରୁଥିବା ସମୟରେ ସେନ୍ତେରା ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରେ ସେ ଲୁଚି ରହିଥିବା ଖବର ବିଶ୍ୱାସଘାତକ ଶଶୀଭୂଷଣ ରାୟ ଓ ମାଝିଆ ମାରିଆ ପାଞ୍ଚ ଶହ ଟଙ୍କା ଲୋଭରେ ଗୋରା ସରକାରଙ୍କୁ ଦେଇଥିଲେ ଏବଂ ୧୯୦୦ ମସିହା ମାର୍ଚ୍ଚ ୩ ତାରିଖରେ ବିର୍ସାଙ୍କୁ ଧରାଇ ଦେଲେ । ବିର୍ସାଙ୍କୁ ଗିରଫ କରି ରାଞ୍ଚି ଜେଲକୁ ନେବା ବେଳେ ତାଙ୍କର ଶହ ଶହ ଅନୁଗାମୀ ତାଙ୍କ ପଛେ ପଛେ ଗଲେ । ଗଣ୍ଡଗୋଳର ଆଶଙ୍କା କରି ସରକାର ରାତାରାତି ବିର୍ସାଙ୍କ ହାତ ଗୋଡ଼ରେ ବେଡ଼ି ପକାଇ କଡ଼ା ନିରାପତ୍ତାରେ ହଜାରିବାଗ୍ ଜେଲ୍‌କୁ ନେଲେ । କିନ୍ତୁ ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ପୁଣି ରାଞ୍ଚି ଜେଲ୍‌କୁ ଅଣାଗଲା । ଜେଲ୍‌ରେ ବିର୍ସାଙ୍କୁ କଏଦୀ ଭଳି ରଖି ମନ ଇଚ୍ଛା ନିର୍ଯାତନା ଦିଆ ଯାଉଥିଲା । ଶେଷରେ ତାଙ୍କ ଖାଦ୍ୟରେ ବିଷ ଦିଆଗଲା ।

ଏସବୁ କରୁଣ ଦୃଶ୍ୟ ଜେଲ୍‌ର ଡାକ୍ତର ତଥା ସହପାଠୀ ଅମୂଲ୍ୟ ଓ ମେହେନ୍ତର ଶିବନା ଦେଖୁଥିଲେ । ତଥାପି ଉଭୟ ମୂକ ପାଇଟି ଯାଇଥିଲେ । ମିଥ୍ୟା ଅଭିଯୋଗରେ ବିର୍ସାଙ୍କୁ ଅଭିଯୁକ୍ତ କରି କୋର୍ଟରେ ବିଚାର ଚାଲିଥିଲା । କିନ୍ତୁ ତାଙ୍କ ସପକ୍ଷରେ ସାକ୍ଷୀ ଦେବାକୁ କୋର୍ଟ ବାହାରେ ରୁଣ୍ଡ ହୋଇଥିବା ଶହ ଶହ ଆଦିବାସୀଙ୍କୁ ବିଚାରପତି ସୁଯୋଗ ଦେଇ ନଥିଲେ । କେବଳ ବିଚାରାଳୟ କୋଠରିରେ ବିର୍ସା ମୁଣ୍ଡା ପ୍ରଳାପ କରୁଥିଲେ । ପ୍ରଳାପ ଦେଖି ବିଚାରପତି ବିଚାର ସ୍ଥଗିତ ରଖି ବିର୍ସାଙ୍କୁ ଜେଲ୍‌କୁ ପଠାଇ ଦେଲେ । ସେହି ମହାନ୍ ବିପ୍ଳବୀ ତଥା ଦେଶପ୍ରେମୀ ବିର୍ସା ମୁଣ୍ଡା ରାଞ୍ଚି ଜେଲ୍‌ର ଏକ କୋଠରିରେ କଳବଲ ହୋଇ ୧୯୦୦ ମସିହା ଜୁନ୍ ୯ ତାରିଖ ଦିନ ପ୍ରାଣତ୍ୟାଗ କଲେ । ୨୫ ବର୍ଷ ବୟସରେ ସହିଦ ହୋଇ ଜାତୀୟ ଆନ୍ଦୋଳନର ଏକ ବରେଣ୍ୟ କର୍ଣ୍ଣଧାର ଭାବରେ ନିଜକୁ ପ୍ରତିପାଦିତ କଲେ ।

ବିର୍ସାଙ୍କ ମୃତ୍ୟୁ ପରେ ତାଙ୍କର ବହୁ ସହକର୍ମୀଙ୍କୁ ଦ୍ୱୀପାନ୍ତର ଓ କେତେକଙ୍କୁ ଫାଶୀ ଦିଆଗଲା ଏବଂ ଡାକ୍ତର ଅମୂଲ୍ୟଙ୍କୁ ସରକାର ବାଧ୍ୟ କରିଥିଲେ ଯେ ହଇଜା ରୋଗରେ ବିର୍ସା ମୁଣ୍ଡାଙ୍କ ମୃତ୍ୟୁ ହୋଇଛି ବୋଲି ପୋଷ୍ଟମର୍ଟମ୍ ରିପୋର୍ଟ ଦେବାକୁ । ଡାକ୍ତର ଅମୂଲ୍ୟ ସରକାରଙ୍କ ନିକଟରେ ମିଥ୍ୟା ରିପୋର୍ଟ ପେଶ୍ କରିଥିବାରୁ ଚାକିରି ଛାଡ଼ିଲେ । ମେହେନ୍ତର ଶିବନା ପାଗଳ ହୋଇ ଖୋଜି ବୁଲିଲା ବିର୍ସା ମୁଣ୍ଡାଙ୍କୁ । ତାହା ଥିଲା ଜଣେ ଜାତୀୟ ବୀରଙ୍କ ପ୍ରତି ସେମାନଙ୍କର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ବିପ୍ଳବୀ ସହିଦ ବିର୍ସା ମୁଣ୍ଡାଙ୍କ ତ୍ୟାଗ ଅତୁଳନୀୟ । ସରଳ ଆଦିବାସୀ ମୁଣ୍ଡା ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ଦେଶକୁ ସ୍ୱାଧୀନ କରିବା ପାଇଁ ତାଙ୍କର ଯେଉଁ ଉତ୍ସର୍ଗୀକୃତ ମନୋଭାବ ଥିଲା, ତାହା ପରବର୍ତ୍ତୀ କାଳରେ ବହୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ଅନୁପ୍ରାଣିତ କରିଥିଲା । ତାଙ୍କର ବୀରତ୍ୱପୂର୍ଣ୍ଣ ସଂଗ୍ରାମର ଗାଥା ଯୁଗ ଯୁଗ ଧରି ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ, ଏହା ନିଃସନ୍ଦେହ ।■

ନୟାଗଡ଼, ମୋ: ୯୪୩୭୯୮୫୮୬୬

# ଏଚ୍-୧ବି ଓ 'ଟାକୋ'

ଇତି ମଧ୍ୟରେ ଆମେରିକାରେ ଘଟି ଯାଇଥିବା ବଡ଼ ଘଟଣାଟିଏର ପରିସମାପ୍ତି ଘଟିଛି । ଘଟଣାଟି ହେଉଛି- ସରକାରୀ ସଟ୍‌ଡାଉନ୍ ବା ଅଚଳାବସ୍ଥା । ଏହି ଅବସ୍ଥା ସେତିକି ବେଳେ ସୃଷ୍ଟି ହୋଇଥାଏ, ଯେତେବେଳେ ଆମେରିକାର ସିନେଟ୍ (ସଂସଦ)ରେ ବାର୍ଷିକ ପାଣ୍ଠି ବିଲ୍ ପାରିତ ହୋଇ ନଥାଏ । ଫଳରେ ସରକାରଙ୍କୁ କେତେକ ଖର୍ଚ୍ଚକୁ ରୋକିବାକୁ ପଡ଼ିଥାଏ, ଯେପରିକି ସରକାରୀ କର୍ମଚାରୀମାନଙ୍କୁ ବିନା ବେତନରେ ଛୁଟି ନେବାକୁ ପଡ଼ିଥାଏ, ସାମାଜିକ ସୁରକ୍ଷା ବ୍ୟବସ୍ଥା ବନ୍ଦ କରି ଦିଆଯାଏ- ଅର୍ଥାତ୍, ମୋଟାମୋଟି ସରକାରଙ୍କୁ ପ୍ରତ୍ୟେକ ଜରୁରୀ ମନେ କରାଯାଉ ନଥିବା କାମ ବନ୍ଦ କରିବାକୁ ପଡ଼ିଥାଏ । ଚଳିତ ଥରର ସଟ୍‌ଡାଉନ୍ ବିଗତ ସାତ ବର୍ଷ ଭିତରେ କେବେ ହୋଇ ନଥିଲା ଏବଂ ଏହା ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲୁ ରହିଥିଲା, ଯାହାର ଏଇ ନିକଟରେ ମାତ୍ର ଅନ୍ତ ଘଟିଛି । ଏବେ ଆମେରିକୀୟମାନେ, ବିଶେଷକରି ଯେଉଁମାନେ ସରକାରଙ୍କ ପାଇଁ କାମ କରୁଛନ୍ତି, ସେମାନେ ଟିକେ ଶାନ୍ତିରେ ନିଃଶ୍ୱାସ ମାରିବାର ସୁଯୋଗ ପାଇଛନ୍ତି । ଏଥିପାଇଁ ଯେଉଁ କାରବାର କରାଯାଇଛି, ତାହା ହେଉଛି- ଏହି ଚୁକ୍ତି ଆମେରିକା ସରକାରଙ୍କର ବର୍ତ୍ତମାନର ୩୮ ଟ୍ରିଲିଅନ୍ ଡଲାର କରଜ ସହିତ ବର୍ଷକୁ ହାରାହାରି ୧.୮ ଟ୍ରିଲିଅନ୍ ଡଲାର କରଜ କରିବାକୁ ଆମେରିକୀୟ ସଂଘୀୟ ସରକାରଙ୍କୁ ଅନୁମତି ପ୍ରଦାନ କରିଛି । ଡେମୋକ୍ରାଟ୍‌ମାନେ ପାଣ୍ଠି ଯୋଗାଣକାରୀ ବିଲ୍‌କୁ ଫେରାଇ ଆଣିବା ପାଇଁ ପରାଜୟ ସ୍ୱୀକାର କରିନେବା ଭଳି ମନେ ହେଉଥିବା ବେଳେ ସର୍ଭେଗୁଡ଼ିକ ଦର୍ଶାଇ ଥିଲା ଯେ ୫୦ ପ୍ରତିଶତ ଆମେରିକୀୟ ରିପବ୍ଲିକାନ୍‌ମାନଙ୍କୁ ଏହି ସଟ୍‌ଡାଉନ୍ ପାଇଁ ଦୋଷ ଦେଇଥିଲେ, ଯେତେବେଳେ କି ୪୭ ପ୍ରତିଶତ ଡେମୋକ୍ରାଟ୍‌ମାନଙ୍କର ଏଥିପାଇଁ ଦୋଷ ରହିଥିବା କହିଥିଲେ । ସେ ଯାହାହେଉ, ୪୩ ଦିନ ଧରି ଆମେରିକା ପ୍ରଶାସନରେ ଲାଗି ରହିଥିବା ଏହି ସଟ୍‌ଡାଉନ୍ ବିଶ୍ୱର ଏହି ମହାଶକ୍ତି ପାଇଁ କିଛି ଭଲ ସଂକେତ ବହନ କରେନାହିଁ- ଏଭଳି ଏକ ପରିସ୍ଥିତି ଯାହା କ୍ୱଚିତ୍ ଅନ୍ୟ କୌଣସି ଦେଶରେ ଘଟିଥାଏ । ଆମେରିକାରେ ରାଷ୍ଟ୍ରପତିଙ୍କୁ ନିୟନ୍ତ୍ରଣ କରିବା ପାଇଁ ପାଣ୍ଠି ଯୋଗାଣର କ୍ଷମତା ହେଉଛି ସର୍ବାଧିକ ଶକ୍ତିଶାଳୀ କ୍ଷମତା, ଯାହା ଏଠାକାର ବ୍ୟବସ୍ଥାପିକା ଉପରେ ନ୍ୟସ୍ତ କରାଯାଇଛି । ଏହି ସଟ୍‌ଡାଉନ୍ ଆଉ ଗୋଟିଏ ଦୃଷ୍ଟିରୁ ମଧ୍ୟ ଆମେରିକା ପାଇଁ ଅତି ଖରାପ ଅବସ୍ଥାର ସୂଚକ, ବିଶେଷକରି ଏହା ଯେତେବେଳେ ନିଜର ଦୃଢ଼ ପ୍ରତିଦ୍ୱନ୍ଦ୍ୱୀ ଚୀନ୍ ସହିତ ପ୍ରତିଯୋଗିତା କରୁଛି । ନିକଟରେ ଟ୍ରମ୍ପ୍ ପ୍ରଶାସନ ଚୀନ୍ ସହିତ ଏକ ଅତ୍ୟନ୍ତ ଖରାପ ବୁଝାମଣା କରିବାକୁ ବାଧ୍ୟ ହୋଇଥିଲା, ଯେତେବେଳେ ଏହା ଅନୁଭବ କଲା ଯେ ଏହାର ଆଶାଠାରୁ ଅର୍ଥନୀତିକ ମୂଲ୍ୟ ଢେର୍ ଅଧିକ ହୋଇ ପଡୁଛି ।

ଚୀନ୍ ସହିତ ମନାନ୍ତରର ଅନ୍ତ ଘଟାଇବା ପରେ ଶ୍ରୀଯୁକ୍ତ ଟ୍ରମ୍ପ୍ ବେଜିଂ ସହିତ ପୁଣିଥରେ ଦୀର୍ଘକାଳୀନ ଖେଳ ଖେଳିବା ପାଇଁ ଆମେରିକାର ସାମର୍ଥ୍ୟଗୁଡ଼ିକୁ ବୃଦ୍ଧି କରିବାକୁ ଉଦ୍ୟମ କରୁଥିବା ମନେହୁଏ । ଏହାର ଏକ ଅଂଶ ଭାବରେ ସେ ଏବେ ନିଜେ ପକାଇ ଥିବା ଛେପ ଢୋକିବାକୁ ଆଗେଇ ଆସିଛନ୍ତି, ଅର୍ଥାତ୍ ଅପ୍ରବାସନ ଉପରେ ତାଙ୍କ ଦ୍ୱାରା ଜାରି କରାଯାଇଥିବା କଟକଣାକୁ କୋହଳ କରିବା ନିମନ୍ତେ ମନ ସ୍ଥିର କରି ସାରିଛନ୍ତି । ସେ ସର୍ବାନ୍ତକରଣରେ ଗୋଟିଏ ସତ୍ୟକୁ ଗ୍ରହଣ କରି ନେଇଛନ୍ତି ଯେ ଅନ୍ୟ ଦେଶମାନଙ୍କରୁ କୁଶଳୀ ପ୍ରବାସୀ ନାଗରିକମାନଙ୍କୁ ନିଜ ଦେଶକୁ ନ ଆଣି ଆମେରିକା ପ୍ରଗତି ହାସଲ କରି ପାରିବ ନାହିଁ । ଆମେରିକାର ଏକ ନ୍ୟୁଜ୍ ଚ୍ୟାନେଲକୁ ସାକ୍ଷାତକାର ଦେବା ସମୟରେ ସାକ୍ଷାତକାର ନେଉଥିବା ବ୍ୟକ୍ତିଙ୍କର ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶ୍ରୀଯୁକ୍ତ ଟ୍ରମ୍ପ୍ ସିଧାସଳଖ କହିଛନ୍ତି ଯେ ଏକ ବେକାରୀ ଧାରାରୁ ଲୋକମାନଙ୍କୁ ଉଠାଇ ନିଆଯାଇ ଗୋଟିଏ ଫ୍ୟାକ୍ଟ୍ରିରେ ମିସାଇଲ ତିଆରି କରିବାକୁ ଛାଡ଼ି ଦିଆଯାଇ ପାରିବ ନାହିଁ, ଯାହା ଆମେରିକାର ସ୍ଥାନୀୟ ପ୍ରତିଭା ଭଣ୍ଡାର ସମ୍ପର୍କରେ ଏକ ସଠିକ୍ ବିବରଣୀ । ଶ୍ରୀଯୁକ୍ତ ଟ୍ରମ୍ପ୍ ସବୁବେଳେ ତାଙ୍କ ଦେଶର ନେତାମାନଙ୍କଠୁ ଅଲଗା- ସେ ଯେ କୌଣସି ସମସ୍ୟାର ସମାଧାନ କରିବା ପାଇଁ ଦେଣନେଣ କାରବାରର ଆଭିମୁଖ୍ୟ ପୋଷଣ କରିଥାନ୍ତି; ଆଉ ଯେତେବେଳେ ଦେଖନ୍ତି ଯେ ତା' ସତ୍ତ୍ୱେ ମଧ୍ୟ ପରିସ୍ଥିତି ତାଙ୍କ ସପକ୍ଷରେ ଯାଉନାହିଁ, ସେତେବେଳେ ସେ ପୁଣିଥରେ ପୁରୁଣା ପଦ୍ଧତିକୁ ଆପଣାଇବାକୁ ପଛଘୁଞ୍ଚା ଦିଅନ୍ତି, ଯାହା ତାଙ୍କ ପାଇଁ ଏକ ଦୁର୍ନାମ ଅର୍ଜନ କରିଥାଏ, ଯାହାକୁ ଅନେକେ ଏବେ 'ଟାକୋ' (ଟ୍ରମ୍ପ୍ ଅଲ୍‌ୱେଜ୍ ଚିକେନସ୍ ଆଉଟ୍), ଅର୍ଥାତ୍ 'ଟ୍ରମ୍ପ୍ ନିଜେ ପକାଇ ଥିବା ଛେପକୁ ପୁଣିଥରେ ଢୋକନ୍ତି' ବୋଲି କହୁଛନ୍ତି ।

ପରିସ୍ଥିତିକୁ ସମ୍ଭାଳିବା ପାଇଁ ଶ୍ରୀଯୁକ୍ତ ଟ୍ରମ୍ପ୍ ଏବେ ଏଚ୍-୧ବି ଭିସା ବାବଦରେ କୋହଳ ନୀତି ଅବଲମ୍ବନ କରିବାକୁ ଆଗେଇ ଆସିଛନ୍ତି, ଯେଉଁଥିପାଇଁ ସେ ନିଜ ଦଳରୁ ମଧ୍ୟ ରୋଷର ଶିକାର ହୋଇଛନ୍ତି । ଆଉ ତାଙ୍କ ନୀତି ଠିକ୍ ବୋଲି ଦର୍ଶାଇବାକୁ ଯାଇ ଟ୍ରେଜେରୀ ସେକ୍ରେଟାରୀ ସ୍କଟ୍ ବେସାନ୍ତ ତାଙ୍କୁ ସୁରକ୍ଷା ଦେବାକୁ ଯାଇ କହିଛନ୍ତି ଯେ ଆସନ୍ତା ସାତ କି ଆଠ ବର୍ଷ ପାଇଁ ବିଦେଶୀ ଶ୍ରମିକମାନେ ତା' ଦେଶରେ ରହି ଆମେରିକାର ଶ୍ରମିକମାନଙ୍କୁ ପ୍ରଶିକ୍ଷିତ କରି ନିଜ ନିଜ ଦେଶକୁ ବାହୁଡ଼ି ଯିବାର ଉଦ୍ଦେଶ୍ୟ ନେଇ ଶ୍ରୀଯୁକ୍ତ ଟ୍ରମ୍ପ୍ ଏଭଳି କୋହଳ ନୀତି ଆପଣାଇବାକୁ ଯାଉଛନ୍ତି । ଶ୍ରୀଯୁକ୍ତ ବେସାନ୍ତଙ୍କ ମନ୍ତବ୍ୟ ପୁନଶ୍ଚ ସୂଚାଉଛି ଯେ ଟ୍ରମ୍ପ୍ ପ୍ରଶାସନ ଏବେ ବି ସାମୟିକ ବା ଅସ୍ଥାୟୀ ଭିସା ନୀତି ଉପରେ କାଏମ୍ ରହିଛି । ସେ ଯାହାହେଉ, ନିର୍ବାଚନୀ ପ୍ରତିକୂଳତା ଏବଂ ଚୀନ୍ ସହିତ ତାଙ୍କର ନାଟକୀୟ ବୁଝାମଣା ଶ୍ରୀଯୁକ୍ତ ଟ୍ରମ୍ପ୍ ଏବଂ ତାଙ୍କର ଦଳକୁ ଅନୁଭବ କରାଇବାରେ ସକ୍ଷମ ହୋଇଛି ଯେ କେବଳ ଭାବପ୍ରବଣତା ସେମାନଙ୍କୁ ଭଲ ରାଷ୍ଟ୍ରନୀତି ପ୍ରଣୟନ କରିବାରେ ସାହାଯ୍ୟ କରି ପାରିବ ନାହିଁ । ଟ୍ରମ୍ପ୍ ପ୍ରଶାସନ ତେଣୁ ଅତ୍ୟଧିକ ପ୍ରତିଭାସମ୍ପନ୍ନ ବିଦେଶୀମାନଙ୍କୁ ନିଜ ଦେଶକୁ ଡାକିବା ପାଇଁ ଅପ୍ରବାସନ ପ୍ରତି ରହିଥିବା ସାମ୍ପ୍ରତିକ ମନୋଭାବରେ ପରିବର୍ତ୍ତନ କରିବାର ଅପରିହାର୍ଯ୍ୟତା ରହିଛି । ଯେଉଁ ଭାରତୀୟମାନେ ଆମେରିକୀୟ ଭିସା ପାଇବାକୁ ଏବେ ସୁଦ୍ଧା ଆଗ୍ରହୀ, ସେମାନେ ଜାଣି ରଖିବା ଉଚିତ ଯେ ଏ ବାବଦରେ ଆମେରିକାର ନିୟମ ତଥାପି କଠୋର ରହିପାରେ; ତେଣୁ ସେମାନେ ସଫଳତା ଲାଭ କରିବା ପାଇଁ କଠିନ ପରିଶ୍ରମ କରିବା ଉଚିତ ।■

# ବୋଝିଆର ଜୀବନ

ଷ୍ଟେସନ ଓ ବସ୍‌ଷ୍ଟାଣ୍ଡରେ କୁଲିମାନେ ଥାଆନ୍ତି । ବୋଝକୁ ଗୋଟିଏ ସ୍ଥାନରୁ ନେଇ ଅନ୍ୟ ଜାଗାରେ ରଖନ୍ତି । ବଦଳରେ କିଛି ଟଙ୍କା ପାଆନ୍ତି । ବୋଝଟି ରଖିଦେଲା ପରେ ତାଙ୍କର ଦାୟିତ୍ୱ ସରିଲା । ସେ ବୋଝ ହଜିଲା କି ଭାଙ୍ଗିଲା, ସେଥିରେ ମୁଣ୍ଡ ପୂରାନ୍ତିନି । ସେମାନେ ବୋଝକୁ ମୁଣ୍ଡାନ୍ତି, କିନ୍ତୁ ମୁଣ୍ଡ ଭିତରକୁ ତାକୁ ନିଅନ୍ତିନି । ଆମେ କିନ୍ତୁ ବେଳେବେଳେ ବେଶି ବୋଝିଆ ହୋଇଯାଉ । ବିନା ପାଉଣାରେ/ ପାରିଶ୍ରମିକରେ ଅନ୍ୟର ବୋଝକୁ ମୁଣ୍ଡ ଭିତରେ ବୋହି ଚାଲିଥାଉ । ସେ ବୋଝ ଅନ୍ୟ କେହି ଦେଖନ୍ତିନି । ଆମକୁ ବେଶ୍ ଭଲ ଲାଗେ । ଏମିତିକି ଅନ୍ୟ ବୋଝକୁ କାହାଠାରୁ ନା କାହାଠାରୁ ଛଡ଼େଇ ଆଣୁ । ନିଜର କର୍ମ ଭିତରେ ବି ଆମ ଦାୟିତ୍ୱ, ସେବା, ସଫଳତା ଦେଖା ଯାଏନା, ଦେଖାଯାଏ ଅନ୍ୟର ବୋଝ । ଥରେ ଯଦି ବୁଝି ଯାଆନ୍ତେ ମୁଁ ଯାହା ଧରିଛି, ତାହା ମୋ ପାଇଁ ଅନାବଶ୍ୟକ, ତେବେ ଛାଡ଼ି ଦିଅନ୍ତେ । ଅଳିଆକୁ ସମ୍ପତ୍ତି ବିଚାରୁ ଥିବା ଲୋକକୁ ପାଗଳ କୁହାଯାଏ । କାରଣ ଆମେ ଫିଙ୍ଗି ଦେଇଥିବା ଅଳିଆକୁ ପାଗଳଟିଏ ସମ୍ପତ୍ତି ବିଚାର କରି ଗଣ୍ଠିଲି କରି ବୋହୁଥାଏ । ଅତି ମୂଲ୍ୟବାନ ଭାବି ମୁଣ୍ଡତଳେ ଦେଇ ଶୁଏ । ବର୍ଷାରେ ନିଜେ ଭିଜି ଅଳିଆକୁ ସୁରକ୍ଷା ଦିଏ । ଆମେ ସେ ପାଗଳଠାରୁ କମ୍ ନୁହଁ- ଯଦି ଅନ୍ୟର ଅଦରକାରୀ ବୋଝକୁ ଦରକାରୀ ଭାବିଛୁ ।

ଉତ୍ତିଷ୍ଠତ
ପଦାରବିନ୍ଦ

ଛାତ୍ରାବାସରେ ରହୁଥିଲେ କିଛି ପିଲା । ପରସ୍ପର ଭିତରେ ପ୍ରତିଯୋଗିତା ଚାଲେ । ତାହା ପ୍ରତିଯୋଗିତା ନୁହେଁ ତ ପ୍ରତିଦ୍ୱନ୍ଦ୍ୱିତା । ଆମ ଭିତରେ ବି କିଛି ଲୋକ ପ୍ରତିଦ୍ୱନ୍ଦ୍ୱିତା କରନ୍ତି । ଘରଟିଏ କରୁଥିଲେ ପଡ଼ିଶାକୁ ଈର୍ଷାରେ ସାହାଯ୍ୟ କରନ୍ତିନି । ଅନ୍ୟର ଫସଲ ଉଜୁଡ଼ି ଯାଉଥିଲେ ସୁରକ୍ଷା ଦିଅନ୍ତିନି । ସେମିତି ପିଲାଙ୍କ ପ୍ରତିଯୋଗିତା ପ୍ରତିଦ୍ୱନ୍ଦ୍ୱିତାର ରୂପ ନେଇଥାଏ । କେହି କାହାକୁ ସହି ପାରନ୍ତିନି । ଦିନେ ଗୁରୁଜୀ ଜଣେ ଛାତ୍ରକୁ କହିଲେ- 'ବହି ଥାକରୁ ନୀଳ ମଲାଟ ଥିବା ବହିଟି ଆଣିବୁ । ଆସିଲା ବେଳେ ବଗିଚାରୁ ଦୁଇଟି ଚମ୍ପା ଫୁଲ ଆଣିବୁ ।' ପିଲାଟି ଗୁରୁଜୀଙ୍କ ଆଦେଶରେ ଗଲା । ବହୁ ସମୟ ପରେ ଫେରିଲା । କିନ୍ତୁ ଫାଙ୍କା ହାତରେ । କହିଲା- 'ଗୁରୁଜୀ, ଥାକ ସାରା ଖେଳେଇଲି । ଆପଣ କହିଥିବା ବହି ପାଇଲିନି । ଚମ୍ପା ଫୁଲ ବହୁତ ଉପରେ ଅଛି । ବହୁତ ଚେଷ୍ଟା କଲି । ହାତ ପାଇଲାନି ।' ଗୁରୁଜୀ ଆଉ ଜଣେ ପିଲାକୁ ସେହି କାମ ପାଇଁ ପଠେଇଲେ । ପିଲାଟି ବହି ଥାକକୁ ବହୁତ ଖୋଜିଲା । ଖୋଜିବା ଭିତରେ ସେ ଭାବୁଥାଏ, ଯଦି ବହିଟି ମିଳିଯାଏ, ତେବେ ତା' ସହପାଠୀ ନିଶ୍ଚୟ ଗାଳି ଶୁଣିବ । ଖୋଜିବାର ବ୍ୟଗ୍ରତା ବଢ଼ି ଯାଉଥାଏ । ସେ ବହି ଖୋଜୁ ନଥିଲା ତ ଆର ପିଲା ଉପରେ ଗାଳିକୁ ଖୋଜୁଥିଲା । କିଛି ସମୟ ପରେ ବହି ମିଳିଗଲା । ଏବେ ପିଲାଟି ଖୁବ୍ ଖୁସି । ବହି ପାଇବାରେ ସେତେ ଖୁସି ନୁହେଁ । ସହପାଠୀ ଗାଳି ଶୁଣିବ ବୋଲି ଖୁସି । ବାଟରେ ପଡ଼ିଲା ଚମ୍ପା ଗଛ । ସତକୁ ସତ ଫୁଲ ଖୁବ୍ ଉଚ୍ଚରେ । ବହୁ କଷ୍ଟରେ ଗଛରେ ଚଢ଼ିଲା । ଗଛ ଚଢ଼ିଲା ବେଳେ ଲାଗୁଥିଲା, ସେ ଗୁରୁଜୀଙ୍କ ପାଇଁ ଫୁଲ ତୋଳିବାକୁ ଗଛ ଚଢୁନି, ବରଂ ତା' ସହପାଠୀର ଗାଳି ତୋଳିବା ପାଇଁ ଗଛ ଚଢ଼ିଛି । ଯଦି ପ୍ରଥମ ପିଲାଟି ଭଳି ଗୁରୁଜୀ ଏ ପିଲାକୁ ପ୍ରଥମେ ପଠେଇ ଥାଆନ୍ତେ, ତେବେ ସେ ବି ଫେରି ଆସି ଥାଆନ୍ତା । କାରଣ ଗୁରୁଜୀଙ୍କ ପ୍ରଥମ ଆଦେଶରେ କିଛି ରସ ନଥିଲା । ଦ୍ୱିତୀୟ ଆଦେଶରେ ଥିଲା ଅନ୍ୟର ଦୋଷ ଦେଖେଇବା । ସହପାଠୀକୁ ଗାଳି ଶୁଣାଇବା । ତା'ପରେ ନିଜର ପ୍ରଶଂସା । ସେମିତି ଅନ୍ୟର ଦୋଷ ଦେଖେଇବାକୁ ଆମେ ଆଗୁଆ ହେଉ । ଅନ୍ୟର ଟିକିନିଖି ଭୁଲ୍‌କୁ ନିଜ ଭିତରେ ବୋଝ କରି ବୋହିଥାଉ । ■

ନିତିଦିନ NITIDIN



ବିର୍ସା ମୁଣ୍ଡାଙ୍କ ଜୟନ୍ତୀ

# ଜନଜାତି ସମୁଦାୟ ନିଜ ସଂସ୍କୃତି ଓ ପରମ୍ପରା ପ୍ରତି ଗର୍ବିତ ହେବାକୁ ଆହ୍ୱାନ




**ଜୟପୁର,୧୪।୧୧/ଏନ୍ଏନ୍ଏସ୍:** ଜୟପୁରସ୍ଥିତ ଏମ୍ ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ବାର୍ଷିକୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଜୟପୁର ଉପଜିଲ୍ଲାପାଳ ଅକବରମ ସସ୍ୟା ରେଡ୍ଡୀ ଯୋଗଦେଇ ଜନଜାତି ସମୁଦାୟକୁ ନିଜର ସଂସ୍କୃତି ଓ ପରମ୍ପରା ପ୍ରତି ଗର୍ବିତ ହେବାକୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁନ୍ଦ୍ରା, ବୈପାରିଗୁଡ଼ା, କୋରାପୁଟ, ପଟାଙ୍ଗି ଓ ଦଶମନ୍ତପୁର ବ୍ଲକ୍‌ର ୧୦୦ରୁ ଅଧିକ ଜନଜାତି ଚାଷୀ ଉତ୍ସାହର ସହିତ ଯୋଗ ଦେଇଥିଲେ। ସେମାନେ ନିଜର ସମୃଦ୍ଧ ସଂସ୍କୃତି, ପାରମ୍ପରିକ ଜ୍ଞାନ ଓ ପରମ୍ପରାକୁ ସୁରକ୍ଷିତ ରଖି ବାୟୋ-ହ୍ୟାପିନେସ୍ ଲକ୍ଷ୍ୟକୁ ସାଧନ କରିବାର ଆବଶ୍ୟକତାକୁ ଉଲ୍ଲେଖ କରିଛନ୍ତି। ଅଂଶଗ୍ରାହୀମାନେ ବିର୍ସା ମୁଣ୍ଡାଙ୍କ ଜୀବନ, ସଂଘର୍ଷ ଓ ଜନଜାତି ସମାଜ ପାଇଁ ତାଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍ ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଏମ୍ ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ କାର୍ତ୍ତିକ ଚରଣ ଲେଙ୍କା ଉପସ୍ଥିତ ଥିଲେ। ଡ଼ଃ କାର୍ତ୍ତିକ ଚରଣ ଲେଙ୍କା ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ



**ଦେବଗଡ଼,୧୪।୧୧/ଏନ୍ଏନ୍ଏସ୍:** ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ଅକ୍ଟୋବର ମାସ ପାଇଁ ଭୂ-ରାଜସ୍ୱ, ରୟାଲ୍‌ଟି, ଜଳକର, ବସୁନ୍ଧରା, ସ୍କୁଲ୍ କଲେଜ ପଟା ଓ ସମସ୍ତ ଅନ୍ୟାନ୍ୟ କର ଆଦାୟ କରିବାକୁ ଥିବା ତହସିଲଦାର୍, ଅତିରିକ୍ତ ତହସିଲଦାର୍ ଓ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଦେବଗଡ଼ ତହସିଲଦାର୍, ବାରକୋଟ ତହସିଲଦାର୍, ରିଆମାଳ ତହସିଲଦାର୍, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଜିଲ୍ଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁର୍, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ପଣ୍ଡ, ୫ ଗିରଫ



**ରାଉରକେଲା,୧୪।୧୧/ଏନ୍ଏନ୍ଏସ୍:** ରେଳବାଇ କଲୋନୀରେ ଡକାୟତି ଯୋଜନା କରୁଥିବାବେଳେ ପୁଲିସ୍ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଚିନ ପ୍ରସାଦ, ଯତୀନ ରାୟ, ଦେବ ମହାନ୍ତି, ଶ୍ୟାମ ଦାସ ଓ ଶଙ୍କର ଅମାନ୍ତ। ଅଭିଯୁକ୍ତଙ୍କଠାରୁ ପୁଲିସ୍ ୨ଟି ଲୁହାରଡ଼, ଗୋଟିଏ ଭୁଜାଲି ଓ ୨ଟି ଛୁରୀ ଜବତ କରିବା ସହ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି। ପ୍ଲାଣ୍ଟ ସାଇଟ୍ ଏସ୍ଆଇ ସିଦ୍ଧାର୍ଥ ପ୍ରଧାନ ସଦଳବଳେ ପାଟ୍ରୋଲିଂ କରୁଥିବାବେଳେ ଏହି ଯୁବକମାନେ ସନ୍ଦିଗ୍ଧ ଅବସ୍ଥାରେ ରେଳବାଇ କଲୋନୀର ଫିଲଟର୍ ହାଉସ୍ ନିକଟରେ ଏକାଠି ହୋଇ ଡକାୟତି ଯୋଜନା କରୁଥିବା ସମ୍ପର୍କରେ ସୂଚନା ପାଇଥିଲେ। ସୂଚନା ଆଧାରରେ ପୁଲିସ୍ ସେଠାରେ ପହଞ୍ଚି ଉପରୋକ୍ତ ୫ ଅଭିଯୁକ୍ତଙ୍କୁ ଧରିଥିଲା। ତେବେ ନିଛାଟିଆ ସ୍ଥାନରେ ଏକାଠି ହେବାର କାରଣ ପଚାରିବାରୁ ସେମାନେ ସନ୍ତୋଷଜନକ ଉତ୍ତର ଦେଇନଥିଲେ। ଫଳରେ ତାଙ୍କୁ ପ୍ଲାଣ୍ଟ ସାଇଟ୍ ଥାନାକୁ ଆଣି ଅଧିକ ପଚରାଉଚୁରା କରାଯାଇଥିଲା। ସେତେବେଳେ ସେମାନେ ରେଳବାଇ କଲୋନୀ, ଆଖପାଖ ଅଞ୍ଚଳର ଦୋକାନ ଓ ପେଟ୍ରୋଲ୍ ପମ୍ପରୁ ଡକାୟତି ଯୋଜନା ସମ୍ପର୍କରେ ସ୍ୱୀକାର କରିଥିଲେ। ତେଣୁ ପୁଲିସ୍ ସମସ୍ତଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଅଭିଯୁକ୍ତ ପ୍ରସାଦ ନାଁରେ ଏକାଧିକ ଥାନାରେ ମାମଲା ଥିବାବେଳେ ଯତୀନ ନାଁରେ ୩, ଶ୍ୟାମ ନାଁରେ ୬ ଓ ଶଙ୍କର ନାଁରେ ଗୋଟିଏ ମାମଲା ଥିବା ସୂଚନା ମିଳିଛି।

‘ଚଇତି’ ମହୋତ୍ସବ ପାଇଁ ପ୍ରସ୍ତୁତି

# ୨ରୁ କାଶୀପୁର ମାଣିକେଶ୍ୱରୀଙ୍କ ପୀଠରୁ ଶୁଭାରମ୍ଭ




**ରାୟଗଡ଼ା,୧୪।୧୧/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲାର ଲୋକ ମହୋତ୍ସବ ‘ଚଇତି’ ଆସନ୍ତା ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଡିସେମ୍ବର ୨ ତାରିଖ କାଶୀପୁରରେ ମା’ ମାଣିକେଶ୍ୱରୀଙ୍କ ପୀଠରୁ କଳସ ଯାତ୍ରା ଆରମ୍ଭ ସହ ଏହାର ବିଧିବଦ୍ଧ ଭାବେ ଶୁଭାରମ୍ଭ ହେବ। ଡିସେମ୍ବର ୩ରୁ ୧୬ ତାରିଖ ପର୍ଯ୍ୟନ୍ତ ବ୍ଲକ୍‌ସ୍ତରୀୟ ଚଇତି ପାଳନ କରାଯିବ। ଏନେଇ ବ୍ଲକ୍ ବିଡିଓ ଏବଂ ବ୍ଲକ୍ ଅଧ୍ୟକ୍ଷମାନେ ନିଷ୍ପତ୍ତି ନେବେ। ଆସନ୍ତା ଡିସେମ୍ବର ୨୦ରୁ ୨୨ ତାରିଖ ୩ ଦିନ ଧରି ଉପଖଣ୍ଡସ୍ତରୀୟ ଚଇତି ତଥା ‘ଇଡିତାଲ ଚଇତି’ ଗୁଣପୁରରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏଥିପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ଚଳିତ ବର୍ଷ ଅନ୍ୟ ରାଜ୍ୟର କଳାକାରଙ୍କୁ ଆଣିବାକୁ ସାଂସ୍କୃତିକ କମିଟି ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଏହି କାର୍ଯ୍ୟକ୍ରମକୁ ଆହୁରି ଚିତ୍ତାକର୍ଷକ କରିବା ପାଇଁ ସଭ୍ୟମାନେ ମତବ୍ୟକ୍ତ କରିଛନ୍ତି। ସେହିପରି ଗତବର୍ଷ ଯେଉଁ ତ୍ରୁଟି ରହିଥିଲା ସେଥିରେ ସୁଧାର ଆଣିବା ପାଇଁ ମଧ୍ୟ ଦାବି କରିଥିଲେ। ବିଭିନ୍ନ ସଂଗଠନଙ୍କୁ ଜିଲ୍ଲା ପ୍ରଶାସନ ଅଣଦେଖା କରୁଥିବା ନେଇ ଅଭିଯୋଗ ହୋଇଥିଲା। ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଅତିଥିଭାବେ ରାୟଗଡ଼ା ବିଧାୟକ ଆପଲାସ୍ୱାମୀ କାଡ୍ରାକା, ଜିଲ୍ଲାପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍ କୁମାର, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପ ଓ ରାୟଗଡ଼ା ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବୈଠକାରେ ସହରର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ନିଜ ନିଜ ମତ ଉପସ୍ଥାପନ କରିଥିଲେ।

# ଆଓ୍ୱାଦ୍ କିଶୋର ପାଣ୍ଡେ ଏମ୍‌ସିଏଲ୍ ନିର୍ଦ୍ଦେଶକ



**ଝାରସୁଗୁଡ଼ା,୧୪।୧୧/ଏନ୍ଏନ୍ଏସ୍:** ଏମ୍‌ସିଏଲ୍ ଲଖନପୁର କୋଲ୍‌ଫିଲ୍ଡସର୍ ମହାପ୍ରବନ୍ଧକ ଆଓ୍ୱାଦ କିଶୋର ପାଣ୍ଡେଙ୍କୁ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)ର ନିର୍ଦ୍ଦେଶକ (ବୈଷୟିକ, ପ୍ରକଳ୍ପ ଏବଂ ଯୋଜନା) ପଦବୀ ପାଇଁ ମନୋନୀତ କରାଯାଇଛି। ଭାରତ ସରକାରଙ୍କ କାର୍ମିକ ଏବଂ ତାଲିମ୍ ବିଭାଗର ଚୟନ ବୋର୍ଡ ଦ୍ୱାରା ଏହି ଚୟନ କରାଯାଇଥିଲା। ଦେଶର ବିଭିନ୍ନ କୋଇଲା କ୍ଷେତ୍ରରୁ ମହାପ୍ରବନ୍ଧକ, ମୁଖ୍ୟ ମହାପ୍ରବନ୍ଧକ ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ସମେତ ମୋଟ୍ ୯ ଜଣ ବରିଷ୍ଠ ଅଧିକାରୀ ଏହି ପଦବୀ ପାଇଁ ଆବେଦନ କରିଥିଲେ। ଦୃଢ଼ ଟ୍ରାକ୍ ରେକର୍ଡ ଏବଂ କୋଇଲା ଉତ୍ପାଦନ ବୃଦ୍ଧି ପାଇଁ ଉତ୍ସର୍ଗୀକୃତ ପ୍ରୟାସକୁ ଆଧାର କରି କମିଟି ଶ୍ରୀ ପାଣ୍ଡେଙ୍କୁ ଏହି ଭୂମିକା ପାଇଁ ଚୟନ କରିଥିଲା। ଏହି ଖବର ପ୍ରକାଶ ପାଇବା ପରେ ଲଖନପୁର କୋଇଲା କ୍ଷେତ୍ରର ବିଭିନ୍ନ ଶ୍ରମିକ ସଂଗଠନର ଅଧିକାରୀ ଏବଂ ନେତାମାନେ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟକୁ ଯାଇ ଶ୍ରୀ ପାଣ୍ଡେଙ୍କୁ ପୁଷ୍ପଗୁଚ୍ଛ ଏବଂ ଫୁଲତୋଡ଼ା ଦେଇ ଅଭିନନ୍ଦନ ଜଣାଇଥିଲେ। ଶ୍ରୀ ପାଣ୍ଡେ ପୂର୍ବରୁ ଆଇବି ଭ୍ୟାଲି କ୍ଷେତ୍ରର ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରିବା ପରେ ନିକଟରେ ଲଖନପୁର କ୍ଷେତ୍ରର ମହାପ୍ରବନ୍ଧକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ନଭେମ୍ବର ୧ ତାରିଖରେ କୋଲକାତାସ୍ଥିତ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ମୁଖ୍ୟାଳୟରେ ତାଙ୍କୁ ୨୦୨୪-୨୫ ପାଇଁ ଷଷ୍ଠ ମହାପ୍ରବନ୍ଧକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

# ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର



**ଜୟପୁର,୧୪।୧୧/ଏନ୍ଏନ୍ଏସ୍:** ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ ଏବଂ ଏନ୍ଏନ୍ଏସ୍‌ର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ବିବେକାନନ୍ଦ ସୁନା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମହାବିଦ୍ୟାଳୟର ଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନେ ରକ୍ତଦାନ କରିଥିଲେ। ଏହି ଅବସରରେ ଜୟପୁର ରକ୍ତ ଭଣ୍ଡାରର କର୍ମକର୍ତ୍ତାମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ସମୁଦାୟ ୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାତାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏଥିରେ ଯୁବ ରେଡକ୍ରସ୍ କାଉନସିଲର୍ ଡ. ଉପାନନ୍ଦ ପାଣି, ଏନ୍ଏସ୍ଏସ୍ ପ୍ରୋଗ୍ରାମ୍ ଅଧିକାରୀ ସୁନୀତା କୁମାରୀ ପ୍ରଧାନ ଓ ସୀମା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଏବଂ ସ୍ୱେଚ୍ଛାସେବୀମାନେ ବିପୁଳ ସଂଖ୍ୟାରେ ଯୋଗ ଦେଇଥିଲେ ।

# ଜନଜାତୀୟ ଗୌରବ ବର୍ଷ ପଖୱାଡ଼ାରେ ବିଭିନ୍ନ କାର୍ଯ୍ୟକ୍ରମ




**ଦେବଗଡ଼,୧୪।୧୧/ଏନ୍ଏନ୍ଏସ୍:** ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନର ଆଦି କର୍ମଯୋଗୀ ଅଭିଯାନ ଅନ୍ତର୍ଗତ ଜନଜାତୀୟ ଗୌରବ ବର୍ଷ ପଖୱାଡ଼ା ଅବସରରେ ଜନସଚେତନତା ଏବଂ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୧ରୁ ୧୫ ପର୍ଯନ୍ତ ଜନଜାତୀୟ ଗୌରବ ବର୍ଷ ପଖୱାଡ଼ା କାର୍ଯକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ କଳାମାଟି ଆଦି ସେବାକେନ୍ଦ୍ରରେ ଅଧାରକାର୍ଡ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ବିତ୍ତୀୟ ସାକ୍ଷରତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୦ରୁ ୬୦ ଜନଜାତି ବର୍ଗ ହିତାଧିକାରୀ ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ ଶିବିରରେ ୩୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଅଧାରକାର୍ଡ ଶିବିରରେ ୨୩ ଜଣ ହିତାଧିକାରୀଙ୍କ ଅଧାରକାର୍ଡ ସଂଶୋଧନ ଓ ବିତ୍ତୀୟ ସାକ୍ଷରତା ସଚେତନତା ଶିବିର ମାଧ୍ୟମରେ ପ୍ରଧାନମନ୍ତ୍ରୀ ଜନଧନ୍ ଜମାଖାତାରେ ୧୨ ଜଣ ହିତାଧିକାରୀଙ୍କ ନୂତନ ଜମାଖାତା ଖୋଲାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତିଳେଇବଣି ଓ ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ ଯୋଗ ଦେଇଥିଲେ। ଏଥିରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଉଚ୍ଛବ ଚରଣ ବେହେରା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତିଳେଇବଣିର କର୍ମଚାରୀବୃନ୍ଦ, ଅଙ୍ଗନବାଡ଼ି କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଧରତି ଅବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ଦେବଗଡ଼ ଜିଲ୍ଲାରେ ୫୨ଟି ଜନଜାତି ବହୁଳ ଗ୍ରାମରେ ୪୭ଟି ଆଦିସେବା କେନ୍ଦ୍ର ଖୋଲାଯାଇଛି ଏବଂ ଏହି ସେବାକେନ୍ଦ୍ରରେ ପ୍ରତ୍ୟେକ ମାସ ପ୍ରଥମ ଏବଂ ତୃତୀୟ ଶନିବାର ଅପରାହ୍ନ ୨ଟାରୁ ୪ଟା ପର୍ଯନ୍ତ ସରକାରଙ୍କ ପ୍ରମୁଖ ସେବା ଯୋଗେଇ ଦିଆଯାଇଛି।

# ଜାତୀୟସ୍ତରରେ ଏନ୍ଆଇଟି ପ୍ରଫେସର୍ ସମ୍ମାନିତ

**ରାଉରକେଲା,୧୪।୧୧/ଏନ୍ଏନ୍ଏସ୍:** ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି)ର ଖାଦ୍ୟ ପ୍ରକ୍ରିୟାକରଣ ଇଞ୍ଜିନିୟରିଂ ବିଭାଗର ପ୍ରଫେସର୍ ଡ.ରାମଚନ୍ଦ୍ର ପ୍ରଧାନ ଜାତୀୟସ୍ତରରେ ସଫଳତା ହାସଲ କରିଛନ୍ତି। ପ୍ରକ୍ରିୟାକରଣ, ଦୁଗ୍ଧ ଓ ଖାଦ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଇଣ୍ଡିଆନ୍ ସୋସାଇଟି ଅଫ୍ ଏଗ୍ରିକଲଚୁରାଲ୍ ଇଞ୍ଜିନିୟର୍ସ ପଦକ ହାସଲ କରିଛନ୍ତି। ଏଥିପାଇଁ ତାଙ୍କୁ ଭୋପାଳସ୍ଥିତ ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚୁରାଲ୍ ଇଞ୍ଜିନିୟରିଂ (ସିଆଇଏଇ)ରେ ଅନୁଷ୍ଠିତ ୯୫ତମ ଆଇଏସ୍ଏଇ ସମ୍ମିଳନୀରେ ସମ୍ମାନିତ କରାଯାଇଛି। ଏହି ସଫଳତା ପାଇଁ ବିଭାଗୀୟ ମୁଖ୍ୟ ପ୍ରଫେସର୍ ସବ୍ୟସାଚୀ ମିଶ୍ର ଅଭିନନ୍ଦନ ଜଣାଇବା ସହ ଅଣତାପୀୟ ପ୍ରକ୍ରିୟାକରଣ ଓ ବଜାର ମୂଲ୍ୟ ବୃଦ୍ଧିରେ ପ୍ରଫେସର୍ ପ୍ରଧାନଙ୍କ ଗବେଷଣା ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି ବୋଲି କହିଥିଲେ। ପ୍ରଫେସର୍ ପ୍ରଧାନଙ୍କ ଗବେଷଣାରେ ଅଣତାପଜ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଖାଦ୍ୟ ଇଞ୍ଜିନିୟରିଂ ଓ ମୂଲ୍ୟ ବୃଦ୍ଧି, ଅଣ-କାଠ ଜଙ୍ଗଲ ଉତ୍ପାଦ ଓ ମିଲେଟସ୍ ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଆଦି ସାମିଲ୍ ରହିଛି।

# ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ବିଧାୟକଙ୍କ ପ୍ରସ୍ତାବକୁ ସରକାରଙ୍କ ଅନୁମୋଦନ



**ରାଉରକେଲା,୧୪।୧୧/ଏନ୍ଏନ୍ଏସ୍:** ସୁନ୍ଦରଗଡ଼ ଜିଲ୍ଲାରେ ଥିବା ବିଭିନ ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ ପାଇଁ ସରକାରଙ୍କ ନିକଟରେ ପୂର୍ବତନ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ଗୁଡ଼ିକୁ ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳିଯାଇଛି। ଏହି ପ୍ରକଳ୍ପର ଉନ୍ନତିକରଣ ଦ୍ୱାରା ସ୍ଥାନୀୟ ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଉନ୍ନତି ହେବାସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଦୀର୍ଘ ଦିନ ପରେ ଏହି ପର୍ଯ୍ୟଟନସ୍ଥଳୀ ସରକାରଙ୍କ ନଜରକୁ ଆଣିଥିବାରୁ ନିଶ୍ଚିତ ଭାବେ ବିଧାୟକ ପ୍ରଶଂସାର ପାତ୍ର ପାଲଟିଛନ୍ତି। ବହୁ ନେତା ଆସିକି ଯାଇଛନ୍ତି ମାତ୍ର ଏସବୁ ପ୍ରକଳ୍ପ କାହାରି ନଜରକୁ ଆସିନଥିଲା। ବିଧାୟକ ଶ୍ରୀ ନାୟକ ଏସବୁ ପ୍ରକଳ୍ପ ସ୍ଥଳକୁ ଯାଇ ଲୋକଙ୍କ ସହ ମିଶିବାରୁ ଏହା ନଜରକୁ ଆସିଥିଲା। ଆଉ ସାଧାରଣ ଲୋକ ବିଧାୟକଙ୍କୁ ଏସବୁର ଉନ୍ନତି ତଥା ବିକାଶ ସମ୍ପର୍କରେ ଅବଗତ କରାଇଥିଲେ। ବିଧାୟକ ଲୋକଙ୍କଠାରୁ ଏ ସମ୍ପର୍କରେ ଅବଗତ ହେବା ସହ ପାରିପାର୍ଶ୍ୱିକ ଅବସ୍ଥାକୁ ଉପଲବ୍ଧ କରି ସରକାରଙ୍କ ନିକଟରେ ଏସବୁ ପ୍ରକଳ୍ପ ନେଇ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ତେବେ ବିଧାୟକଙ୍କ କଥା ରଖି ବିଶ୍ରା ବ୍ଲକ୍‌ର ଅକ୍ଷୟଶୀଳା, କୁଆଁରମୁଣ୍ଡା ବ୍ଲକ୍‌ର ମନ୍ଦିରା ଡ୍ୟାମ, ଆମ୍‌କୋ ସିମ୍‌କୋ ଶହୀଦ ପୀଠ ଓ ବୀରମିତ୍ରପୁରର ବ୍ରାହ୍ମଣମରା ପ୍ରକଳ୍ପକୁ ସରକାର ଅନୁମୋଦନ କରିଥିବାରୁ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣ ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ଜିଲ୍ଲାସ୍ତରୀୟ ‘ଆସ ସ୍କୁଲ୍ ଯିବା’ ଅଭିଯାନ

୨୯୫ ଶିଶୁ ମୁଖ୍ୟସ୍ରୋତରେ ସାମିଲ୍




**ରାୟଗଡ଼ା,୧୪।୧୧/ଏନ୍ଏନ୍ଏସ୍:** ଜିଲ୍ଲାସ୍ତରୀୟ ‘ଆସ ସ୍କୁଲ୍ ଯିବା’ କାର୍ଯ୍ୟକ୍ରମ ରାୟଗଡ଼ା ବ୍ଲକ୍ କୁମ୍ଭିକୋଟାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶରେ ଜିଲ୍ଲା ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା। ଶୁକ୍ରବାର ସକାଳେ ଏକ ଶୋଭାଯାତ୍ରା କୁମ୍ଭିକୋଟାର ସମସ୍ତ ସାହି ବୁଲି ଅଧାରୁ ପାଠ ଛାଡ଼ିଥିବା ଶିଶୁଙ୍କୁ ପୁନଶ୍ଚ ବିଦ୍ୟାଳୟକୁ ଫେରାଇ ଆଣିବାକୁ ସ୍ଲୋଗାନ୍ ଓ ପ୍ଲାକାର୍ଡ ମାଧ୍ୟମରେ ସଚେତନ କରାଯାଇଥିଲା। ଏଥିରେ ଶହ ଶହ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଏବିଇଓ, ସିଆର୍‌ସିସି, ସରପଞ୍ଚ ଓ ନିର୍ବାଚିତ ପ୍ରତିନିଧିମାନେ ସାମିଲ୍ ହୋଇଥିଲେ । ପରେ କୁମ୍ଭିକୋଟା ଉଚ୍ଚବିଦ୍ୟାଳୟରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ ଓ ଶାନ୍ତିଲତା ମୁନୀ, କାଶୀପୁର ଗୋଷ୍ଠୀ ଶିକ୍ଷାଧିକାରୀ ଉମର ସିଂ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରକାଶ କୁମାର ନାୟକ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଇଶ୍ୱର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଶିଶୁ ଦିବସ ପାଳନର ଉଦ୍ଦେଶ୍ୟ ସହ ‘ଆସ ସ୍କୁଲ୍ ଯିବା’ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧାରୁ ପାଠ ଛାଡ଼ିଥିବା, ଆଦୌ ନାମ ଲେଖାଇ ନଥିବା ଓ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ସ୍କୁଲ୍ ବାହାରେ ଥିବା ଶିଶୁଙ୍କୁ ଚିହ୍ନଟ କରିବା ପାଇଁ ଜିଲ୍ଲାରେ ଗୃହ ପରିଦର୍ଶନ ସର୍ଭେକ୍ଷଣ କରାଯାଇ ୧୭ ହଜାର ୯୨୪ ଜଣ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ୪ ହଜାର ୮୧୧ ଜଣଙ୍କୁ ବିଭିନ୍ନ ବିଦ୍ୟାଳୟ ତଥା ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇ ମୁଖ୍ୟସ୍ରୋତକୁ ଅଣାଯାଇଛି। ଶୁକ୍ରବାର ଗୋଟିଏ ଦିନରେ ୧୧ ବ୍ଲକ୍‌ରେ ୨୯୫ ଜଣଙ୍କୁ ବିଦ୍ୟାଳୟ ତଥା ମୁକ୍ତ ବିଦ୍ୟାଳୟରେ ନାମ ଲେଖାଯାଇଥିବା ଏଡିଇଓ ଭଜନଲାଲ ମାଝୀ କହିଛନ୍ତି। କୁମ୍ଭିକୋଟାରେ ୮୮, ରାୟଗଡ଼ା ବ୍ଲକ୍‌ରେ ୧୨୪, ବିଷମକଟକରେ ୩୦, ଚନ୍ଦ୍ରପୁରରେ ୧୫, ଗୁଡ଼ାରୀରେ ୧୦, ଗୁଣୁପୁରରେ ୧୬, କଲ୍ୟାଣସିଂହପୁରରେ ୩୦, କାଶୀପୁରରେ ୧୨, କୋଲନରାରେ ୨୯ ଓ ରାମନାଗୁଡ଼ାରେ ୧୫ ଶିଶୁ ନାମ ଲେଖାଇଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ସହଯୋଗ କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ପରିଚାଳନା କରିଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମକର୍ତ୍ତା, ଏବିଇଓ ଛବିଲାଲ ସିଂ, ବଳରାମ ହୁଇକା, ପବିତ୍ର ମୋହନ ନାୟକ, କୁମ୍ଭିକୋଟା ଉଚ୍ଚବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ ସିଆର୍‌ସିସି ଓ ସ୍ଥାନୀୟ ଶିକ୍ଷକମାନେ ସହଯୋଗ କରିଥିଲେ।

ଜିଲ୍ଲାପାଳଙ୍କ ବଣ୍ଡା ଘାଟି ଗସ୍ତ

# ଉନ୍ନୟନ କାର୍ଯ୍ୟ ପରିଦର୍ଶନ ଓ ବିକାଶ ଉପରେ ଗୁରୁତ୍ୱ



**ମାଲକାନଗିରି,୧୪।୧୧/ଏନ୍ଏନ୍ଏସ୍:** ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଖଇରପୁଟ ବ୍ଲକ୍‌ସ୍ଥିତ ବଣ୍ଡାଘାଟିର ଅନ୍ଦ୍ରାହାଲ୍ ଓ ତୁଷେଇପଡ଼ା ଗ୍ରାମ ଗସ୍ତ କରିଛନ୍ତି। ସେହି ଅଞ୍ଚଳର ସାମଗ୍ରିକ ବିକାଶ ଓ ଜୀବନଶୈଳୀରେ ଉନ୍ନତି ଆଣିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଏହି ସମୟରେ ଅନ୍ଦ୍ରାହାଲ୍ ଗ୍ରାମକୁ ଏକ ଆଦର୍ଶ ଗ୍ରାମ ଭାବେ ଗଢ଼ି ତୋଳିବା ପାଇଁ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଞ୍ଚଳକୁ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାକୁ ନିର୍ଦ୍ଦେଶ ଦେବାସହ ସେହି ଅଞ୍ଚଳରେ ଥିବା ସାରୁ ଜଳପ୍ରପାତର ବିକାଶ ଓ ଝୁଲା ପୋଲ ନିର୍ମାଣ ପାଇଁ ଜିଲ୍ଲାପାଳ କହିଛନ୍ତି। ବଣ୍ଡା ଜନଜାତି ଲୋକଙ୍କୁ ମୌଳିକ ସୁବିଧା ଯୋଗେଇବା ପାଇଁ ରାସ୍ତା ମରାମତି, ଆଲୋକ ବ୍ୟବସ୍ଥା ଓ ଏକ କାଜୁ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅଞ୍ଚଳର ଲୋକଙ୍କୁ ପଶୁପାଳନ ସମ୍ବନ୍ଧୀୟ ଜୀବିକା ସହାୟତା ଯୋଗାଇବାକୁ କହିବା ସହ ପିଏମ୍ ଜନମନ୍ ଯୋଜନାରେ ଚାଲିଥିବା କାର୍ଯ୍ୟର ମଧ୍ୟ ଜିଲ୍ଲାପାଳ ତଦାରଖ କରିଥିଲେ। ସେହିପରି ଜିଲ୍ଲାପାଳ କୋରୁକୋଣ୍ଡା ବ୍ଲକ୍‌ର ଆମ୍ବଲିବେଡ଼ା ଓ ନାରିଙ୍ଗିଝୋଲା ଗ୍ରାମ ମଧ୍ୟ ଗସ୍ତ କରିଥିଲେ। ଏହି ସମୟରେ ଜିଲ୍ଲାପାଳ ଅଞ୍ଚଳର ବିକାଶ ଓ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦେବାସହ ଆମ୍ବଲିବେଡ଼ା ଗ୍ରାମକୁ ଏକ ବିକଶିତ ଗ୍ରାମ ଭାବେ ରୂପରେଖ ଦେବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନାରିଙ୍ଗିଝୋଲାକୁ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ପାଇଁ ଆଦିବାସୀ କଟେଜ୍, ଭ୍ୟୁ-ପଏଣ୍ଟ ଓ ବୋଟିଂ ସୁବିଧା ଭିତ୍ତିଭୂମି ତିଆରି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



**ଆଳି,୧୪।୧୧/ଏନ୍ଏନ୍ଏସ୍:** ଆଳି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆଳି ପ୍ରାଣୀ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଳି ବ୍ଲକ୍ ପ୍ରାଣୀ ଚିକିତ୍ସାଳୟର ଅଧିକାରୀ ବଦ୍ରି ନାରାୟଣ ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ଭକ୍ତବନ୍ଧୁ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସକ ସୁଧାଂଶୁ ସାମନ୍ତରାୟ,ପ୍ରାଣୀ ଚିକିତ୍ସକ ବିକାଶ ବେହେରା, ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଆଲୋକ ନାଥ, ବ୍ଲକ୍ ମତ୍ସ୍ୟ ବିଭାଗ ଅଧିକାରୀ ସସ୍ମିତା ବାରିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ମୂଳ ଲକ୍ଷ ବିଷୟରେ ଆଲୋକପାତ କରିଥିଲେ। ଗାଈ,ଛେଳି,ମେଣ୍ଢା, କୁକୁଡ଼ା, ମାଛ ଆଦି ବିଭିନ୍ନ ପ୍ରକାର ଚାଷ କରି ସ୍ୱାବଲମ୍ବୀ ହେବା ନିମନ୍ତେ ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଥିଲେ। ଏହି ଚାଷ ନିମନ୍ତେ ସରକାରୀ ସୁବିଧା ବିଷୟରେ ଚାଷୀମାନଙ୍କୁ ଅବଗତ କରାଯିବା ସହିତ ଯେଉଁ ମାନେ ଏହି ସୁବିଧା ନେଇ ଚାଷ କରିବାକୁ ଇଚ୍ଛୁକ ଅଛନ୍ତି ସେମାନେ ଅନଲାଇନରେ ଆବେଦନ କରିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସୁବିଧା ନେବା ନିମନ୍ତେ ଅବଗତ କରାଯାଇଥିଲା। ଏହି ଅବସରରେ ସରକାରୀ ଯୋଜନା ହାତେଇ ସ୍ୱାବଲମ୍ବୀ ହୋଇଥିବା ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁକୁଡ଼ା, ମାଛ, ଛେଳି, ମାଛ ଯାହାଁର, ଗାଈ ଚାଷ କରି ସଫଳତା ପାଇଥିବା ସଫଳ ଚାଷୀ ଭାବେ ମନୋରଞ୍ଜନ ମିଶ୍ର, ବିଦ୍ୟାଧର ଦାଶ, ସୁବାସ ଚନ୍ଦ୍ର ଦାସ, ଦେବଯାନୀ ସେଠୀ, ଶୁଭ୍ରଜିତ ପରିଡା, ଲାଲମୋହନ ରାଉତଙ୍କ ସମେତ ଛେଳିପାଳନ କ୍ଷେତ୍ରରେ ପଦନୀପାଳ ପଞ୍ଚାୟତର ଜୟ ଜଗନ୍ନାଥ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମହୁ ପଞ୍ଚାୟତର ଦୁର୍ଗତି ନାସିନୀ ସ୍ୱୟଂ ସହାୟକ ଗୋଷ୍ଠୀ ମାଛ ଚାଷ କ୍ଷେତ୍ରରେ ସଫଳତା ପାଇଥିବାରୁ ସେମାନଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ପାଲା ମାଧ୍ୟମରେ ସରକାରୀ ଯୋଜନା ସମ୍ବନ୍ଧରେ ଚାଷୀ ମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସର୍ବେଶ୍ୱର ନାଥ, ନିରାକାର ମଲ୍ଲିକ, ରତିରଞ୍ଜନ ମିଶ୍ର, ସତ୍ୟବ୍ରତ ଦାସ,ବାସୁଦେବ ପଲାଇ, ରଞ୍ଜିତ ପରିଡାଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିଶୁ ଦିବସ



**ଜଗତ୍‌ସିଂହପୁର,୧୪।୧୧/ଏନ୍ଏନ୍ଏସ୍:** ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ ସ୍ଥାନୀୟ ଖଇରଙ୍ଗ ଠାରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ଚାଚା ନେହେରୁଙ୍କ ୧୩୬ତମ ଜୟନ୍ତୀ ଓ ଶିଶୁ ଦିବସ ପାଳିତ ହୋଇଯାଇଛି। ପରିଚାଳନା କମିଟିର ସମ୍ପାଦକ ବିଜୟ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ଶିଶୁମାନେ ହିଁ ଦେଶର ଭବିଷ୍ୟତ। ତେଣୁ ସେମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶ ହିଁ ଦେଶର ବିକାଶ ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଅନୁଷ୍ଠାନର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମିଶ୍ର, ଶିକ୍ଷକ ପ୍ରେମକିଶୋର ସାହୁ, ଶିକ୍ଷୟିତ୍ରୀ ସରସ୍ୱତୀ ସାହୁ, କଳ୍ପନା ତ୍ରିପାଠୀ ଓ ଚିଲିକା ରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱାଧୀନ ଭାରତ ନିର୍ମାଣରେ ପଣ୍ଡିତ ନେହେରୁଙ୍କ ସାମଗ୍ରିକ ଅବଦାନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଆୟୋଜିତ ବିତର୍କ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଚାଚା ନେହେରୁ ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ଜୀବନୀ ପୁସ୍ତକ ପ୍ରଦାନ କରାଯାଇଥିଲା ଶେଷରେ ବବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବଡ଼ ଧରଣର ଡକାୟତି ପଣ୍ଡ

# ୭ ଗିରଫ, ୩ ବାଇକ୍ ଜବତ



**ଜଗତ୍‌ସିଂହପୁର,୧୪।୧୧/ଏନ୍ଏନ୍ଏସ୍:** ଜଗତସିଂହପୁର ଜିଲ୍ଲା ବିରିଡି ଥାନା ପୁଲିସକୁ ମିଳିଛି ବଡ ସଫଳତା। ବିରିଡି ଥାନା ଅନ୍ତର୍ଗତ ଶଙ୍କରପୁର ଗ୍ରାମରୁ ହେବାକୁ ଥିବା ବଡ ଧରଣର ଡକାୟତକୁ ପଣ୍ଡ କରିବା ସହିତ ଡକାୟତ ସିଣ୍ଡିକେଟରେ ଥିବା ଜଣକୁ ଗିରଫ କରିଛି। ଏଥି ସହିତ ସେମାନଙ୍କ ଠାରୁ ୨ଲକ୍ଷ ୨୫ହଜାର ୬୦୦ଟଙ୍କା ଜବତ କରିବା ସହିତ ଡକାୟତ ଓ ରବରିରେ ବ୍ୟବହୃତ ୨ଟି ଧାରିଆ ଖଣ୍ଡା, ଏକ ଟିପା ଛୁରୀ, ଲଙ୍କା ଗୁଣ୍ଡ ପ୍ୟାକେଟ୍, ୭ଟି ମୋବାଇଲ ଫୋନ, ୩ଟି ବାଇକ ସେମାନଙ୍କ ଠାରୁ ଜବତ କରାଯାଇଥିବା ଶୁକ୍ରବାର ଜଗତସିଂହପୁର ଏସ୍‌ଡିପିଓ ଆଜିଙ୍କ୍ୟା ବି ମାଣେ ସୂଚନା ପ୍ରଦାନ କରିଛନ୍ତି। ତେବେ ଗିରଫ ହୋଇଥିବା ୭ଜଣଙ୍କ ମଧ୍ୟରେ ସମସ୍ତେ ୨୪ରୁ ୪୦ ବୟସ୍କ ଯୁବକ ଅଟନ୍ତି। ସେମାନେ ହେଲେ କଟକ ଜିଲ୍ଲା କିଶନ ନଗର ଥାନା ଅନ୍ତର୍ଗତ ବୋଧପୁର ଗ୍ରାମର ଶୁକଦେବ ମଲ୍ଲିକଙ୍କ ପୁଅ ମୋହନ କୁମାର ମଲ୍ଲିକ(୨୯), ନିରଞ୍ଜନ ବେହେରାଙ୍କ ପୁଅ କୃଷ୍ଣ କେଶବ ବେହେରା(୨୫), ପାଇକଣ ଗ୍ରାମର ସୁରେନ୍ଦ୍ର ସେଠୀଙ୍କ ପୁଅ ହେମନ୍ତ ସେଠୀ(୩୪), ବାବୁଜଙ୍ଗ ମଠସାହି ଗ୍ରାମର କ୍ଷୀରୋଦ କୁମାର ସାହୁଙ୍କ ପୁଅ ସୁଜିତ୍ କୁମାର ସାହୁ(୨୪), ସାଙ୍ଗିପୁର ଗ୍ରାମର ସୁଧାକର ଦାସଙ୍କ ପୁଅ ବିଶ୍ୱଜିତ୍ ଦାସ ଏବଂ ଜଗତସିଂହପୁର ଜିଲ୍ଲାର ସଦର ଥାନା ଅନ୍ତର୍ଗତ ବରାଗୋଲ ଗ୍ରାମର ସାମ୍ବାଦିକ ସ୍ୱର୍ଗତ ଅଜୟ କୁମାର ଜେନାଙ୍କ ସାନପୁଅ ସୁବାଶିଷ୍ ଜେନା(୩୫) ଓ ବିରିଡି ଥାନା ଅନ୍ତର୍ଗତ ସଢେଇକଣ ଗ୍ରାମର ଜେନାମଣି ସୁକାନ୍ତ କେଶରୀ ବଳବନ୍ତରାୟଙ୍କ ପୁଅ ଜଗା ଓରଫ୍ ଜେନାମଣୀ ସୂର୍ଯ୍ୟ ମାଧବ କେଶରୀ ବଳବନ୍ତରାୟ(୪୦) ପ୍ରମୁଖ ଅର୍ନ୍ତଭୁକ୍ତ। ମଧ୍ୟାହ୍ନରେ ସେମାନଙ୍କ ବିରୋଧରେ ବିରିଡି ଥାନାରେ ଦଫା ୩୧୦(୪)/୩୧୦(୫)/ ବିଏନ୍ଏସ୍/ ୨୫ ଆର୍ମସ ଆକ୍ଟରେ ମାମଲା ନଂ ୨୯୦/୨୦୨୫ ରୁଜୁ କରାଯାଇ କୋର୍ଟଚାଲଣ କରାଯାଇଥିବା ଏସ୍‌ଡିପିଓ ଶ୍ରୀ ମାଣେ ସୂଚନା ପ୍ରଦାନ କରିଛନ୍ତି। ପୁଲିସ ରିପୋର୍ଟ ମୁତାବକ, ବିରିଡି ଥାନା ପୁଲିସ ଭୋର ସମୟରେ ବିରିଡି ଥାନା ଅଞ୍ଚଳରେ ପେଟ୍ରୋଲିଂ କରୁଥିବା ସମୟରେ ନିକଟସ୍ଥ ସଢେଇକଣ ଗ୍ରାମସ୍ଥିତ କୋକି ପଡିଆ ଜଙ୍ଗଲ ମଧ୍ୟରେ ଏକ ଡକାୟତ ଗ୍ୟାଙ୍ଗ୍ ବଡଧରଣ ଡକାୟତ କରିବା ପାଇଁ ଯୋଜନା କରୁଥିବା ସୁରାଗ ପାଇଥିଲେ। ଭୋର ସମୟରେ ଉକ୍ତ ପେଟ୍ରୋଲିଂ ପୁଲିସ ଟିମ୍ ଚଢଉ କରି ସେମାନଙ୍କୁ କାବୁ କରି ନେବା ସହିତ ଡକାୟତରେ ବ୍ୟବହୃତ ଉପରୋକ୍ତ ଅସ୍ତ୍ରଶସ୍ତ୍ର ଓ ନଗଦ ୨ଲକ୍ଷ ୨୫ହଜାର ୬୦୦ ଡକାୟତ ନୋଟ୍ ଜବତ କରିଥିଲେ। ତେବେ ସେମାନେ ନିକଟସ୍ଥ ଶଙ୍କରପୁର ଗ୍ରାମରେ ବଡଧରଣର ଡକାୟ କରିବା ପାଇଁ ସେଠାରେ ଯୋଜନା କରୁଥିବା ପୁଲିସ ଆଗରେ ମାନିଥିଲେ। ପୁଲିସ ସେମାନଙ୍କୁ ଗିରଫ କରି ମଧ୍ୟାହ୍ନରେ ଜଗତସିଂହପୁର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଇଥିଲେ। ବେଲ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ଆଲିପିଙ୍ଗଳ ଜେଲ୍ ପଠାଇ ଦିଆଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଗୋରୁ ଗାଡ଼ି ଅଟକାଇବାରୁ ଫୁଟିଲା ଗୁଳି

**କେନ୍ଦ୍ରାପଡ଼ା,୧୪।୧୧/ଏନ୍ଏନ୍ଏସ୍:** ଗତକାଲି ରାତ୍ରୀରେ କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଆୟବା ନାରଣପୁର ଗ୍ରାମରେ ଏକ ଗୁଳିକାଣ୍ଡ ଘଟଣା ଘଟିଛି। ପ୍ରକାଶ, ପଟ୍ଟାମୁଣ୍ଡାଇ ପଟୁ କେନ୍ଦ୍ରାପଡ଼ା ସହର ଅଭିମୁଖେ କିଛି ସଂଖ୍ୟାଲଘୁ ସାମ୍ପ୍ରଦାୟର ବ୍ୟକ୍ତିମାନେ ଏକ ଟ୍ରକ୍‌ରେ ବେଆଇନ ଭାବେ ଶହ ଶହ ଗୋରୁ ଗୁଡିକ ଚାଲାଣ କରି ଆସୁଥିଲେ। ଗତକାଲି ମଧ୍ୟ ରାତ୍ର ସମୟରେ ମଧ୍ୟ ବେଆଇନ ଗୋରୁ ଚାଲାଣ କରାଯାଉଥିବା ଖବରପାଇ କିଛି ସ୍ଥାନୀୟ ବଜରଙ୍ଗୀ ପିଲାମାନେ ଉକ୍ତ ଗୋ-ଚାଲାଣକାରରଙ୍କ ଗାଡିକୁ ପିଛାକରି ଅଟକାଇବାକୁ ଚେଷ୍ଟା କରିବାରୁ ଚୋରା ଗୋ-ଚାଲାଣ କାରୀମାନଙ୍କ ସହିତ ବଜରଙ୍ଗୀ ବ୍ୟକ୍ତିମାନଙ୍କର କିଛି ସମୟ ପାଇଁ ରାସ୍ତା ଉପରେ ଯୁକ୍ତିତର୍କ ଏବଂ ହୋହାଲ୍ଲା ହେବାରୁ ଉତ୍‌କ୍ଷିପ୍ତ ହୋଇ ଗୋ-ଚାଲାଣ କାରୀମାନେ ବନ୍ଧୁକ ଏବଂ ଖଣ୍ଡା ଭଳି ବିଭିନ୍ନ ମରଣାଅସ୍ତ୍ର ହାତରେ ଧରି ବଜରଙ୍ଗୀ ପିଲାମାନଙ୍କୁ ମାରିବା ପାଇଁ ଗୋଡ଼ାଇ ଗୋଡ଼ାଇ ନରଣପୁର ଗାଁ ମୁଣ୍ଡରେ ପହଞ୍ଚିଥିଲେ। ବଜରଙ୍ଗୀ ପିଲାମାନେ ଗୋ-ଚାଲାଣ କାରୀମାନଙ୍କ ହାତରେ ବନ୍ଧୁକ, ଭୁଜାଲି ଆଉ ଖଣ୍ଡା ଦେଖି ଭୟଭୀତ ହୋଇ ଲୁଚିଯିବାରୁ ଗାଁ ମୁଣ୍ଡରେ ଥିବା କ୍ଲବ୍‌ଘରେ ମାନସୀକ ଭାରସାମ୍ୟ ହରାଇ ଶୋଇଥିବା ଅକ୍ଷୟ ମଣ୍ଡଳ(୪୨) ନାମକ ଜୈନିକ ବ୍ୟକ୍ତି ସେହି ସମୟରେ ପରିସ୍ରା କରିବାକୁ ବାହାରକୁ ଉଠିଥିବା ବେଳେ ଗୋ-ଚାଲାଣକାରୀମାନେ ବିଚରା ନିରୀହ ଅକ୍ଷୟଙ୍କୁ ବଜରଙ୍ଗୀ ପିଲାଭାବି ଉତ୍‌କ୍ଷୀପ୍ତ ହୋଇ ତାର ବାମ ଗୋଡ଼ ଜଙ୍ଘକୁ ଗୁଳି ମାରି ସେଠାରୁ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ଠାରୁ ଖବରପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଅକ୍ଷୟ ମଣ୍ଡଳଙ୍କୁ ଇଚ୍ଛାପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରିଥିଲେ। ପରେ ପରେ ଅକ୍ଷୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନଥିବାରୁ ତାଙ୍କୁ ତୁରନ୍ତ ଏକ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ସଦର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

**Jaschrome Metal Refractories**

Plot No.830 & 831 (P), Bhusandpur, Chandikhole, Jajpur, Regd Office : Divinenagar, Chauliaganj, Nayabazar, Cuttack.

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି କି ଯସକ୍ରୋମ ମେଟାଲ ରିଫାକ୍ଟୋରିଜ ଏସଇଆଇଏଏ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ପରିଷଦ ଦ୍ୱାରା ପରିବେଶୀୟ ମଞ୍ଜୁରୀ ପ୍ରାପ୍ତ କରିଛି, ଏସଇଆଇଏଏ, ଓଡ଼ିଶା ଚିଠି ନଂ : ଏସଇଆଇଏଏ / ଓଆର / ଆଇଏନଡିଆଇ / ୫୩୩୦୦୦/୨୦୨୫ ମାଧ୍ୟମରେ ତା.୦୩.୧୧.୨୦୨୫ ରିଖ ଦିନ ପରିବେଶୀୟ ଅନୁମୋଦନ ଲାଭ କରିଛି। ଏହାର ଅବିକଳ ନକଲ ଏସଇଆଇଏଏ, ଓଡ଼ିଶା ଏବଂ ରାଜ୍ୟ ପ୍ରଦୂଷଣ ଓଡ଼ିଶାର ୱେବସାଇଟ୍‌ରେ ଉପଲବ୍ଧ ଅଛି।

ଯସକ୍ରୋମ ମେଟାଲ ରିଫାକ୍ଟୋରିଜ

# ସାଇଜ୍ଞାନ ପ୍ଲେ'ସ୍କୁଲ୍‌ରେ ଶିଶୁ ଦିବସ



**ଜଗତ୍‌ସିଂହପୁର,୧୪।୧୧/ଏନ୍ଏନ୍ଏସ୍:** ଜଗତସିଂହପୁର ପୌରପରିଷଦ ଅନ୍ତର୍ଗତ ଜୟବଡ଼ ସ୍ଥିତ ସାଇଜ୍ଞାନ ପ୍ଲେ'ସ୍କୁଲ୍ ପରିଷରରେ ଶିଶୁ ଦିବସ ଓ ଜବାରଲାଲ୍‌ଙ୍କ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇ ଯାଇଛି। ପ୍ଲେ' ସ୍କୁଲର ଅଧ୍ୟକ୍ଷା ପ୍ରଜ୍ଞା ପରମିତା ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିଶୁ ସମାରୋହରେ ଶୁଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ ବୋଲି କହିଥିଲେ। ଏଥି ସହିତ ସେମାନଙ୍କୁ ଉଚିତ୍ ମାର୍ଗରେ ଗଢି ତୋଳିବା ପରିବାର, ସମାଜ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଗୁରୁ ଦାୟିତ୍ୱ। ପିଲାମାନେ କୋମଳ, ନିଷ୍ପାପ, ସରଳ କଳିକା ସଦୃଷ ଅଟନ୍ତି। ଛୋଟ ପିଲାମାନଙ୍କ ଭବିଷ୍ୟତରେ ଦେଶର ଭବିଷ୍ୟତ ନିର୍ଭର କରିଥାଏ। ତେଣୁ ଆଜିର ଦିନରେ ଶିଶୁମାନଙ୍କୁ ସମସ୍ତେ ମାନବୀୟ ସଦଣରେ ପରିପୂର୍ଣ୍ଣ କରି ତାଙ୍କ ଭବିଷ୍ୟତ ଗଢିତୋଳିବା ଆମ ସମସ୍ତଙ୍କ ଲକ୍ଷ ହେବା ଉଚିତ ବୋଲି ଅଧ୍ୟକ୍ଷା ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ପ୍ଲେ ସ୍କୁଲର କୁନିକୁନି ଶିଶୁମାନେ କୌତୁହଳ ପୋଷାକରେ ସୁ ସଜ୍ଜିତ ହୋଇ ଆସିଥିଲେ। ଏହି କୌତୁହଳ ବେଶ ଭବିଷ୍ୟତ ପାଇଁ ପ୍ରେରଣାଦାୟୀ ହେବ ବୋଲି ଶିକ୍ଷୟିତ୍ରୀମାନେ ମତପୋଷଣ କରିଥିଲେ। ଏହି ଅବସରରେ ସ୍କୁଲ ତରଫରୁ ଶିଶୁମାନଙ୍କୁ ଉପହାର ପ୍ରଦାନ କରାଯାଇଛି ଉତ୍ସାହିତ କରାଯାଇଥିଲେ।

# ଶିଶୁ ଦିବସରେ ଛାତ୍ରଛାତ୍ରୀ ପୁରସ୍କୃତ

**ଧର୍ମଶାଳା,୧୪।୧୧/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ମହୋତ୍ସବ ପଡିଆରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ମିନତୀ ସାହୁ, ମୁଖ୍ୟବକ୍ତା ଭାବେ ଜିଲ୍ଲାଶିକ୍ଷାଧିକାରୀ ନହେଶ୍ୱର ସାହୁ, ଅତିଥି ଭାବେ ଧର୍ମଶାଳା ତହସିଲଦାର ସମିର ଦାସ, ବିଡିଓ ଜ୍ୟୋତିର୍ମୟ କର, ରସୁଲପୁର ତହସିଲଦାର ସିଦ୍ଧାର୍ଥ ଶଙ୍କର ବେହେରା, ରସୁଲପୁର ବିଡିଓ ସାତ୍ୟାନନ୍ଦ ଦାସ, ରସୁଲପୁର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୁଖ ଯୋଗଦେଇ ଶିଶୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ପୂର୍ବରୁ ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍କୁଲରେ ହୋଇଥିବା ଚିତ୍ରାଙ୍କନ,ବକ୍ତୃତା ଓ ନୃତ୍ୟ ଏହି ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ତେବେ ବରିଷ୍ଠ ବିଭାଗ ନୃତ୍ୟରେ ଅଂଶଗ୍ରହଣ କରିଥିବା ସୁଭଦ୍ରାପୁର ୟୁପି ସ୍କୁଲ, ସାରୋଇ ସ୍କୁଲ,ଦେଉଳିପାଳ ସ୍କୁଲ, ଭେଙ୍କଟେଶ୍ୱର ପବ୍ଲିକ ସ୍କୁଲ, ଝାଟିଆ ୟୁପି ସ୍କୁଲ. ଗୁରୁକୁଳ ପବ୍ଲିକ ସ୍କୁଲ,ଧର୍ମଶାଳା ପବ୍ଲିକ ସ୍କୁଲ ଓ କୃଷ୍ଣପଡା ୟୁପି ସ୍କୁଲ ପ୍ରମୁଖ ୮ ଗୋଟି ସ୍କୁଲକୁ ପ୍ରମାଣପତ୍ର ସହ ନଗଦ ରାଶି ପ୍ରଦାନ କରାଯାଇଥିଲା। ସେହିପରି ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ବିଭିନ୍ନ ସ୍କୁଲର ୪୨୦୦ ଛତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦେବରାଜ ମିଶ୍ର,ଯୁବ ସଙ୍ଗଠକ ରାଜେଶ ପାଳ, ତୀର୍ଥରାଜ ପଣ୍ଡା,ସେକ ସମସୁଦ୍ଦିନ, ଲୋକନଥ ମହାନ୍ତି, ଗୌତମ କୁମର ସାହୁ, ଅଂଶୁମାନ ରଥ ସବ୍ୟସଚୀ ସୁନ୍ଦର ରାୟ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁଦୀପ୍ତ ମହନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗ୍ନିବିପନ୍ନଙ୍କୁ ସହାୟତା

**ଆଳି,୧୪।୧୧/ଏନ୍ଏନ୍ଏସ୍:** ଆଳି ବ୍ଲକ୍ ଚଣ୍ଡିଆଗଡି ପଞ୍ଚାୟତ ବଇଦିମାଲ ଗ୍ରାମରେ ବିଦ୍ୟୁତ୍ ସର୍ଟସର୍କିଟରେ ଅଗ୍ନିକାଣ୍ଡ ଘଟି ହେମନ୍ତ ଦଳେଇଙ୍କ ଘର ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ପରିବାର ଲୋକ ସର୍ବସ୍ୱ ହରାଇ ଖୋଲା ଆକାଶ ତଳେ ରହିଥିବା ବେଳେ ଶୁକ୍ରବାର ଦିନ ସନ୍ଧ୍ୟାରେ ଆଳି ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆସ ଖୁସି ବାଣ୍ଟିବା ଫାଉଣ୍ଡେସନ ପକ୍ଷରୁ ଅଗ୍ନିବିପନ୍ନ ପରିବାରକୁ ସହାୟତା ଯୋଗାଇ ଦିଆଯାଇଛି। ଅନୁଷ୍ଠାନର ସଭାପତି ପ୍ରଶାନ୍ତ ଜେନା, ଉପ ସଭାପତି ସୁବ୍ରତ ବେହୁରା, ଦେବାଶିଷ ମଲ୍ଲିକ, ସୁକାନ୍ତ ମଲ୍ଲିକ, ଧର୍ମେନ୍ଦ୍ର ମଲ୍ଲିକ, ଲକ୍ଷ୍ମୀପ୍ରିୟା ଦାସ, ସନ୍ଧ୍ୟାରାଣୀ ପରିଡା, ସୌଭାଗ୍ୟ ରାଉତ, କହ୍ନେଇ ଚୁଳି, ଭାଗିରଥି ବେହେରା, ଅମର ଦାସ, ଅଜୟ ସାହୁ, ରଞ୍ଜନ ମଲ୍ଲିକ ପ୍ରମୁଖ ପହଞ୍ଚି ସରପଞ୍ଚ ସନାତନ ସାହୁଙ୍କ ଉପସ୍ଥିତିରେ ପରିବାର ଲୋକଙ୍କୁ ଏକମାସର ରାସନ ସାମଗ୍ରୀ ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିପରି ବଡ଼ମ୍ବିଳା ପଞ୍ଚାୟତର ନିରାକାର ମହାନ୍ତିଙ୍କ ଏକାଦଶ କାର୍ଯ୍ୟ ନିମନ୍ତେ ଅନୁଷ୍ଠାନ ପକ୍ଷରୁ ତାଙ୍କ ପରିବାରକୁ ଅର୍ଥ ରାଶି ଯୋଗାଇ ଦିଆଯାଇଛି।

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ କାର୍ଯ୍ୟ କରୁଥିବା Chief Project Manager/GSU, S.E. Railway, ଚକ୍ରଧରପୁର ନିମ୍ନୋକ୍ତ କାର୍ଯ୍ୟ ପାଇଁ ଓପନ୍ ଟେଣ୍ଡର ବିପକ୍ଷରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପ୍ରକ୍ରିୟା ପାଇଁ ମାନୁଆଲ୍ ଆବେଦନଗୁଡ଼ିକ ଗ୍ରହଣୀୟ ନୁହେଁ। ହସ୍ତଗତ ହୋଇଥିବା ଏପ୍ରକାର ମାନୁଆଲ (ଅଫ୍‌ଲାଇନ୍) ଆବେଦନଗୁଡ଼ିକୁ ଅଗ୍ରାହ୍ୟ କରିଦିଆଯିବ। **ଟେଣ୍ଡର ନୋଟିସ୍ ନଂ: CKP-GSU-JSG-25-26-8, Date: 13.11.2025, କାର୍ଯ୍ୟ ବିବରଣୀ:** ଦକ୍ଷିଣ ପୂର୍ବ ରେଳପଥର ଝାରସୁଗୁଡ଼ା ରେଳ ଷ୍ଟେସନର ଇଞ୍ଜିନିୟରିଂ, ଅଧିଗ୍ରହଣ ଏବଂ ନିର୍ମାଣ (ଇପିସି) ମୋଡ୍‌ରେ ପୁନଃବିକାଶ। **ଟେଣ୍ଡର ମୂଲ୍ୟ:** ୭୩,୫୮,୨୦,୮୨୨/-, **ଇଏମ୍‌ଡି:** ୩୮,୨୯,୧୦୦/-, **ଟେଣ୍ଡର ଫର୍ମ ମୂଲ୍ୟ :** ୦.୦୦ (ଶୂନ୍ୟ), **ଟେଣ୍ଡର ଖୋଲିବା ତାରିଖ :** ୦୮.୧୨.୨୦୨୫, ଟେଣ୍ଡର ସମ୍ପର୍କୀତ ସବିଶେଷ ତଥ୍ୟ ୱେବ୍‌ସାଇଟ୍ **http://www.ireps.gov.in**ରେ ସହଜରେ ଦେଖିହେବ। ଟେଣ୍ଡର ଆବେଦନକାରୀ/ ବିଡର୍ସମାନେ ନିଶ୍ଚିତ ରୂପେ କ୍ଲାସ୍-୩ ଡିଜିଟାଲ୍ ସିଗ୍ନେଚର ସାର୍ଟିଫିକେଟ୍ ହାସଲ କରିଥିବେ ଏବଂ IREPS ପୋର୍ଟାଲ୍ ଅଧୀନରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡର ଆବେଦନକାରୀ/ବିଡର୍ସମାନେ ହିଁ ଇ-ଟେଣ୍ଡରିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ଆବଶ୍ୟକୀୟ ଦସ୍ତାବିଜ ବା କାଗଜପତ୍ର ନିଶ୍ଚିତ ରୂପେ ଅପଲୋଡ୍ କରିବାକୁ ହେବ। **ବି.ଦ୍ର:** ସମସ୍ତ ଟେଣ୍ଡର ଆବେଦନକାରୀଙ୍କୁ ଇ-ଟେଣ୍ଡର ଫର୍ମଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ନିଃଶୁଳ୍କ ଜାରି କରାଯିବ। (କର୍ତ୍ତୃପକ୍ଷ-ରେଳୱେ ବୋର୍ଡ ଚିଠି ସଂଖ୍ୟା 2020/CE-I/CT/3E/GCC/Policy dtd. 16.07.2020)

(PR-841)

**AFFIDAVIT**

By virtue of an affidavit sworn before Executive Magistrate, Barbil, Dist- Keonjhar, dtd. 07.11.2025, I, Masa Munda, S/o- Chandu Munda, At- Matar Hatting, Nalconagar, Po/Ps- Nalconagar, Dist- Angul, Odisha-759145 do hereby declare that I have changed my name from Masa Purti (old name) to Masa Munda (new name). Henceforth, I shall be known as **Masa Munda** for all purposes.

**Masa Munda**

**AFFIDAVIT**

By virtue of an affidavit sworn before Executive Magistrate, Keonjhar, dtd. 16.10.2025, I, Ichhamani Dash, Radhikadeipur, Keonjhar Bazar, Keonjhar-758001 declare that I have changed my name from Ichhamani Dash (old name) to Ichhamayi Dash (new name). Henceforth, I shall be known as **Ichhamayi Dash** for all purposes.

**Ichhamayi Dash**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, JAJPUR**

O-1464

**Letter No. 5632** **Date : 13.11.2025**

1st Corrigendum to Bid Identification No. Tender Online **04 JJPT** of 2025-26 invited this office Letter **No. 5300, Dtd. 25.10.2025.**

**The Change as detailed below are hereby made in the above N.I.T**

| Procurement Officer | Bid Identification No. | Availability of Tender on-line for bidding: From | | To | | Last date & time of seeking tender clarification | | Date & Time of opening of Technical Bid | |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| | | As earlier | Modified | As earlier | Modified | As earlier | Modified | As earlier | Modified |
| Superintending Engineer, Rural Works Division, Jajpur. | Tender Online 04 JJPT of 2025-26 | 02.11.2025 at 10.00 AM | 20.11.2025 at 10.00 AM | 13.11.2025 up to 05.00 PM | 01.12.2025 up to 05.00 PM | 12.11.2025 up to 5.00 PM | 29.11.2025 up to 5.00 PM | 17.11.2025 at 11.30 AM | 02.12.2025 at 11.30 AM |

OIPR- **Sd/- Superintending Engineer**
**R.W. Division, Jajpur**

**THE ODISHA STATE POLICE HOUSING & WELFARE CORPORATION LTD.**

(A Government of Odisha Undertaking)
JANAPATH, BHOINAGAR, BHUBANESWAR – 22.
Ph: 0674-2541545, 2542921,
E-mail: ophwc.od@od.nic.in, Website: www.ophwc.com
e-procurement notice No.- 19/OPHWC/2025-26

CAD-2291

**INVITATION FOR BIDS (IFB)**

The Chief Engineer (OSPH&WC), Odisha, Bhubaneswar invites Percentage rate bid in Double Cover system in ONLINE MODE only, for the works as detailed below:

| | | |
|---|---|---|
| 1 | Nature of work | Building works |
| 2 | No. of Works | 08 Nos. |
| 3 | Value of Tender | Rs.67.65 Lakh to Rs.4416.08 Lakh |
| 4 | Class of Contractor | 'B' Class to 'Super' Class |
| 5 | Cost of Bid document (To be paid online) | ₹ 11,800.00 |
| 6 | Availability of Bid Documents in the website | Dt. 15/11/2025 to Dt. 06/12/2025 up to 5.00 P.M |
| 7 | Last date /time of Receipt of Bids in the Portal | Dt. 06/12/2025 up to 5.00 P.M |
| 8 | Date of Opening Bid | Dt. 08/12/2025 at 10.30 A.M |
| 9 | Date of Technical Presentation (among qualified bidders only) | Date & Time will be notified after opening of the Technical Bid. |
| 10 | *The Bidders have to participate in ONLINE bidding only. Further details can also be seen from the website: https://tendersodisha.gov.in. Any addendum/corrigendum/cancellation of tender shall not be published in Newspaper and can only be seen in the said website. *The Authority reserves the right to reject any or all bids and terminate the tender process without assigning any reason thereof. | |

N.B. The quoted rate should be all inclusive but excluding G.S.T. as applicable Under works contract

Chief Engineer (OSPH&WC)

**OFFICE OF THE NOTIFIED COUNCIL, BANKI**

No : 3058 / dt. 13.11.2025

**E-PROCUREMENT NOTICE**

**Bid Identification No. NAC-BAN-04/2025-26**

C-1460

The Executive Officer, Banki, NAC, invites percentage wise rate bids for execution of civil works as detailed in the DTCN from Govt. Registered Contractors having valid license. The bidders should submit bids as per their eligibility.

1. Total No. of work for which tender invited - 12 nos.
2. Place of execution - In Banki NAC area.
3. Estimated cost of individual work - Rs. 2,96,610/- to Rs.16,94,268/-
4. Eligible class of contractor - Govt. registered contractors as per OPWD code
5. The bid documents will be available in the website from 11.00 AM on dt.17.11.2025 upto 5 PM till 29.11.2025 for on line bidding.
6. The bid documents will be opened on dt.01.12.2025 at 11.00AM
7. The bidders has to participate in online bidding only. Further details can be seen from the e-procurement portal http://www.tendersorissa.gov.in

OIPR- Sd/- Executive Officer, NAC Banki

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)

OFFICE OF THE SENIOR GENERAL MANAGER, (PROJECTS) - II
OPTCL TECH TOWER, JANPATH, SAHEED NAGAR, BHUBANESWAR-751007

**NOTIFICATION**

**No. SGM(P-II)/2025-26/88** **Dated : 12.08.2025**

In accordance with section-164 of Indian Electricity Act, 2003 and in exercise of the power conferred upon OPTCL vide departmental of Energy, Government of Odisha Order no: R&R-II-10/2006/2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 26,53,24,335.26/-. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Project-II, OPTCL, Bhubaneswar within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), E.H.T. (Project) Division, Bolangir, as mentioned against the work, on any working day during office hours.

**Name of the Work:-** Construction of 132KV LILO line from existing 132KV Bolangir-Sonepur Circuit-I to 132/33 KV Grid S/s, Tarbha.

**Name of the Village in which the line will Pass : Tahasil:** Tarbha, **R.I Circle-** Sibatula, **Revenue Village-** Manahira, Sibatula & Padampur

**Perceived benefit that may accrue :** This will eradicate the low voltage issues and frequent interruption issues in the command areas of Tarbha, Charbhata, Dumerbahal, Khari etc.

ER. ANTARYAMI BEHERA
Sr. General Manager (Projects- II)

FIPR-58/2025-26

/optcl.odisha /optcl_odisha

**OFFICE OF THE NOTIFIED AREA COUNCIL, BARPALI**

C-1441

At/Po- Barpali, Dist.-Bargarh, Pin-768029
Mail - barpalinac@gmail.com, website- www.nacbarpali.in

No.2313 **QUOTATION CALL NOTICE** Dt. 11.11.2025

Sealed quotations are invited from registered, experienced, and reputed consultants/architects possessing valid Income Tax and GST registration certificates for selection of a **"Consultant for preparation of Detailed Project Report (DPR), Providing Project Management Consulting Services & Supervision at stages for implementation of different Developmental Projects under Barpali NAC"**. Eligible applicants must have prior experience in preparing plans, designs, detailed estimates, and rate analyses for projects. Interested consultants may apply to the undersigned for engagement in various development projects of BARPALI NAC through a two-cover bid system.

The first cover (Technical Bid) shall contain all relevant technical documents, while the second cover (Financial Bid) shall include the price quotation. Only the financial bids of technically qualified bidders will be opened after the evaluation of technical bids.

The bidder must have qualified architect and a registered member of the Council of Architecture. Additionally, the consultant must have prior experience in similar nature of projects and possess original CAD software for drawing preparation.

Eligible bidders must have annual turnover of not less than ₹2 crore in any one year within the last three financial years. Preference will be given to consultants who have previously provided similar services to various Urban Local Bodies under the Odisha State Government and produce completion certificate from the respective ULBs.

Tender documents can be obtained from the NAC office on payment of ₹6,000/- (Rupees Six Thousand)only (non-refundable) and Rs. ₹10,000/- (Ten Thousand) for EMD Cost in shape of M.R/D.D/B.C. The sealed quotations must be submitted from dt.12.11.2025 to 20.11.2025 up to 1.00 PM and the technical bid will be opened on same day at 4.00 PM in presence of the bidders or their authorised representatives.

Financial bid will be opened on dt.24.11.2025 at 11.00 AM in presence of the successful bidders who have qualified in Technical evaluation. The approved rate will be valid for 3 years and agreement will be made with the L1 bidder which will be valid for 3 years from the date of the agreement.

The undersigned reserves the right to accept or reject any or all quotations without assigning any reason.

OIPR- Executive Officer
NAC Barpali

ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

## ନୂଆପଡ଼ାରେ 'ଜୟ' ଜୟକାର ...

କଂଗ୍ରେସର ଘାସିରାମ ମାଝୀ ୪୦, ୧୨୧ ଖଣ୍ଡ ଭୋଟ୍ ଓ ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ୩୮,୪୦୮ ଖଣ୍ଡ ଭୋଟ୍ ପାଇଛନ୍ତି। ତେବେ ମୁଖ୍ୟ ବିରୋଧୀ ଦଳ ବିଜେଡି ପାଇଁ ଏହି ନିର୍ବାଚନ ଏକ ବଡ଼ ଝଟକା ସାବ୍ୟସ୍ତ ହୋଇଛି। ଦଳର ପୂର୍ବତନ ବିଧାୟିକା ତଥା ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ମାତ୍ର ୩୮,୪୦୮ ଭୋଟ୍ (୧୮.୦୭%) ମିଳିଛି, ଯାହା ତାଙ୍କୁ ତୃତୀୟ ସ୍ଥାନରେ ରଖିଛି। ନୂଆପଡ଼ା ବିଜେଡିର ଗଡ଼ ଥିଲା ତଥା ଦିବଂଗତ ରାଜେନ୍ଦ୍ର ଢ଼ୋଲକିଆ ମଧ୍ୟ ବିଜେଡିରୁ ପ୍ରତିନିଧିତ୍ୱ କରୁଥିଲେ। ଏତେ କମ୍ ଭୋଟ୍ ପାଇବା ଓ କଂଗ୍ରେସ ପ୍ରାର୍ଥୀଙ୍କଠାରୁ ପଛରେ ରହିବା ବିଜେଡି ପାଇଁ ଆଗାମୀ ଦିନରେ ଏକ ରାଜନୀତିକ ସଙ୍କଟ ସୃଷ୍ଟି କରିବାର ଆଶଙ୍କା ରହିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦୁଇ ଦୁଇଥର ନୂଆପଡ଼ା ଯାଇ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା, ଦଳର ଶତାଧିକ ନେତା ଗ୍ରାଉଣ୍ଡ ମ୍ୟାନେଜମେଣ୍ଟ କରିବା ପରେ ମଧ୍ୟ ଜିଲ୍ଲା ବାହାର ପ୍ରାର୍ଥୀଙ୍କୁ ନୂଆପଡ଼ାବାସୀ ଗ୍ରହଣ କରିନଥିବା ସ୍ପଷ୍ଟ ହୋଇଛି। ଏହି ଜନାଦେଶ ଦଳର ପାରମ୍ପରିକ ଭୋଟକୁ ଦଳଠୁ ଛଡ଼ାଇ ନେଇଛି। ଅନ୍ୟପକ୍ଷରେ ଦୀର୍ଘବର୍ଷ ଧରି ଅସ୍ତିତ୍ୱ ସଙ୍କଟରେ ଥିବା କଂଗ୍ରେସ ପାଇଁ ନୂଆପଡ଼ାର ଜନାଦେଶ ଜୀବନ୍ୟାସ ସଦୃଶ ହୋଇଛି। ଦଳ ସେଠାରେ ଦ୍ୱିତୀୟ ସ୍ଥାନ ହାସଲ କରିବା ଏକ ସକାରାତ୍ମକ ଦିଗକୁ ଉନ୍ମୁକ୍ତ କରିଛି। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଏହି ଉପନିର୍ବାଚନରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ମୋଟ୍ ୪୦,୧୨୧ ଭୋଟ୍ ହାସଲ କରି ମୁଖ୍ୟ ବିରୋଧୀ ଦଳ ବିଜେଡିକୁ ପଛରେ ପକାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆଜି ଭୋଟ୍ ଗଣତିର ପ୍ରାରମ୍ଭିକ ୪ର୍ଥ ଓ ୫ମ ରାଉଣ୍ଡରେ ସେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପଛରେ ପକାଇଥିଲେ। ମାତ୍ର ପରେ ବିଜେଡି ପ୍ରାର୍ଥୀ ତାଙ୍କୁ ପଛରେ ପକାଇ ଦେଇଥିଲେ। କିନ୍ତୁ ୧୭ତମ ରାଉଣ୍ଡ ପରଠାରୁ ଶ୍ରୀ ମାଝୀ କ୍ରମାଗତ ଭାବେ ବିଜେଡିକୁ ପଛରେ ପକାଇ ଶେଷ ରାଉଣ୍ଡ ଗଣତି ପର୍ଯ୍ୟନ୍ତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ରାଜ୍ୟରେ ଦୀର୍ଘବର୍ଷ ଧରି ଦୁର୍ବଳ ସ୍ଥିତିରେ ଥିବା କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିବା ବିଜେଡିକୁ ଶକ୍ତଧକ୍କା ହୋଇଛି। ଆଉ ରାଜ୍ୟରେ କଂଗ୍ରେସ ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ ଏକ ସୁଯୋଗ ପାଇଥିବା ଚର୍ଚ୍ଚା ହେଉଛି। ଏହି ଉପନିର୍ବାଚନରେ ଚତୁର୍ଥ ସ୍ଥାନରେ ରହିଛି ବା ଉପରୋକ୍ତ (ପ୍ରାର୍ଥୀ) ମାନଙ୍କ ମଧ୍ୟରୁ କେହି ନୁହନ୍ତି। ନୋଟା ସପକ୍ଷରେ ୨୨୪୮ ଖଣ୍ଡ ଭୋଟ୍ ପଡ଼ିଛି। ପଞ୍ଚମ ସ୍ଥାନରେ ରହିଛନ୍ତି ସ୍ୱାଧୀନ ପ୍ରାର୍ଥୀ ଲୋଚନ ସିଂହ ମାଝୀ। ସେ ୨୧୩୭ ଖଣ୍ଡ ଭୋଟ୍ ପାଇଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ଲକ୍ଷ୍ମୀକାନ୍ତ ତାଣ୍ଡି ୧୩୨୨ ଖଣ୍ଡ ଭୋଟ୍ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ କିଶୋର କୁମାର ବାଗ ୭୪୩, ଭୁବନଲାଲ ସାହୁ ୭୨୧, ହେମନ୍ତ ତାଣ୍ଡି ୬୬୨, ଚକ୍ରାନ୍ତ ଜେନା ୫୨୯, ଭକ୍ତବନ୍ଧୁ ଧରୁଆ ୫୧୧, ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ ୪୮୯, ସ୍ୱାଧୀନ ପ୍ରାର୍ଥୀ ନୀତା ବାଗ ୪୭୪, ଆଶ୍ରୟ ମହାନନ୍ଦ ୧୯୧ ଓ ଓଡ଼ିଶା ଜନତା ପାର୍ଟିର ସୁଧାକର ଦଣ୍ଡସେନା ୧୬୭ ଖଣ୍ଡ ଭୋଟ୍ ପାଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ନୂଆପଡ଼ା ବିଧାନସଭା ଆସନରେ ବିଜୟୀ ହୋଇଥିଲେ ବିଜେଡି ପ୍ରାର୍ଥୀ ତଥା ଜୟ ଢୋଲକିଆଙ୍କ ବାପା ରାଜେନ୍ଦ୍ର ଢୋଲକିଆ। ତେବେ ତାଙ୍କ ମୃତ୍ୟୁ ପରେ ଏହି ଉପନିର୍ବାଚନ କରାଯାଇଥିଲା।

## ଶୁଭେଚ୍ଛା ଜଣାଇଲେ ମୋଦୀ ...

ଢୋଲକିଆଙ୍କୁ ଅଭିନନ୍ଦନ। ମୁଁ ତାଙ୍କୁ ତାଙ୍କର ଜନସେବାରେ ସର୍ବୋତ୍ତମ କାମନା କରୁଛି। ଏହି ବିଜୟ ସୁନିଶ୍ଚିତ କରିବା ପାଇଁ ଦିନରାତି ପରିଶ୍ରମ କରିଥିବା ବିଜେପି କର୍ମୀମାନଙ୍କୁ ମଧ୍ୟ ମୋଦୀ ଅଭିନନ୍ଦନ ଜଣାଇଛନ୍ତି।

## ବିକାଶ ପାଇଁ ଭୋଟ୍ ...

ଏହାଛଡ଼ା ମୁଖ୍ୟମନ୍ତ୍ରୀ ନୂଆପଡ଼ାବାସୀ ବହୁଳ ସଂଖ୍ୟାରେ ରେକର୍ଡ ପରିମାଣରେ ନିଜ ମତଦାନ ସାବ୍ୟସ୍ତ କରିଥିବାରୁ ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଫଳାଫଳ ରାଜ୍ୟରେ ରାଜନୈତିକ ମୋଡ଼ ବଦଳାଇଛି ବୋଲି କହିବା ସହ ଆଜିର ଐତିହାସିକ ବିଜୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟୀ ନେତୃତ୍ୱ ସହିତ ଆମ ସରକାରର ଜନକଲ୍ୟାଣକାରୀ ଯୋଜନା ଏବଂ ସ୍ୱଚ୍ଛ ଶାସନ ଓ ପ୍ରଶାସନକୁ ପ୍ରତିଫଳିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ସେ କହିଛନ୍ତି ବିଜେପିର ଏହି ଐତିହାସିକ ବିଜୟ ପାଇଁ ଦୁଇଟି ମୁଖ୍ୟ କାରଣ ରହିଛି। ପ୍ରଥମତଃ ରାଜ୍ୟ ସରକାରଙ୍କ ବିକାଶର ଏଜେଣ୍ଡା ଏବଂ ଦ୍ୱିତୀୟଟି ହେଉଛି ଦିବଙ୍ଗତ ବିଧାୟକ ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆଙ୍କ ଆତ୍ମାକୁ ଅପମାନ। ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପରିବାରକୁ ବେଇମାନର ଆଖ୍ୟା ଦେଇ କୁଠାରଘାତ କରାଗଲା। ପ୍ରକୃତରେ କିଏ କାହା ସହ ବେଇମାନୀ କରିଛି, ତାର ଜବାବ୍ ନୂଆପଡାବାସୀ ଭୋଟ ମାଧ୍ୟମରେ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି ବିଜୟ ଉତ୍ସବରେ ରାଜ୍ୟ ସଭାପତି ମନମୋହନ ସାମଲ ବିଜେପି ସରକାରର କାର୍ଯ୍ୟକଳାପରେ ଆସ୍ଥା ପ୍ରକଟ କରି ନୂଆପଡ଼ାବାସୀ ଏହି ଉପନିର୍ବାଚନରେ ଆମ ସହିତ ଖୁଣ୍ଟ ଭଳି ଛିଡ଼ା ହୋଇ ରହିଲେ ବୋଲି କହିଥିଲେ। ଏହି ଅବସରରେ ଶ୍ରୀ ସାମଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇବା ସହିତ ପରସ୍ପରକୁ ମିଠା ଖୁଆଇଥିଲେ।

## ଲଢ଼େଇ ଜାରି ରହିବ ...

ପ୍ରକୃତ ଶକ୍ତି ବୋଲି କହିଛନ୍ତି। ବିଜୟୀ ବିଜେପି ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ନୂଆପଡ଼ାରେ ଅର୍ଥପୂର୍ଣ୍ଣ ବିକାଶ ଆଣିବା ପାଇଁ ସେ ଜନମତକୁ ସମ୍ମାନ ଦେବେ ବୋଲି କହିଛନ୍ତି। ମୁକ୍ତ ଓ ଅବାଧ ନିର୍ବାଚନ ହେଉଛି ଲୋକଙ୍କ ଗଣତାନ୍ତ୍ରିକ ଅଧିକାର। ଏହାର ଦାୟିତ୍ୱ ଓ କର୍ତ୍ତବ୍ୟକୁ ବଜାୟ ରଖିବା ଆମର କାମ ବୋଲି କହିଛନ୍ତି ନବୀନ। ବିଜେଡି ବହୁ ବାଧାବିଘ୍ନ ଦେଇ ଆଗକୁ ଗତିକରିଛି। ତଥାପି ଦଳ ଲୋକଙ୍କ ସେବା କରିବାରେ କେବେ ବି ହେଳା କରିନାହିଁ। ଆଗକୁ ମଧ୍ୟ ଲୋକଙ୍କ ସେବାରେ ଦଳ ବ୍ରତୀ ରହିବ। ବିଜୁ ବାବୁଙ୍କ ଆଦର୍ଶରେ ଗଢ଼ା ବିଜେଡି ଆଗକୁ ମଧ୍ୟ ଓଡ଼ିଶାର ସ୍ୱାର୍ଥ ଲାଗି ଲଢ଼େଇ ଜାରି ରଖିବ ବୋଲି ନବୀନ କହିଛନ୍ତି।

## ଏନ୍‌ଡିଏର ସୁନାମୀ ...

ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ସିଧାସଳଖ କହିଲେ ବିରୋଧୀ ଗୋଷ୍ଠୀଙ୍କ ଅନେକ ଆସନ ଏଥର ବିଜେପି ଏବଂ ଜେଡିୟୁ ଖାତାକୁ ଚାଲିଯାଇଛି। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ୨୪୩ ଆସନ ବିଶିଷ୍ଟ ବିହାରରେ ଏନ୍‌ଡିଏ ମେଣ୍ଟ ମୋଟ୍ ୨୦୨ ଆସନରେ ବିଜୟୀ ହୋଇଛି। ଏଥିମଧ୍ୟରୁ ସଂଖ୍ୟା ଗରିଷ୍ଠ ଦଳ ଭାବେ ବିଜେପି ଆଗୁଆ ରହିଛି। ବିଜେପି ଏଠାରେ ମୋଟ୍ ୮୯ ଆସନ ଜିତିଥିବା ବେଳେ ଅନ୍ୟତମ ଅଂଶୀଦାର ଦଳ ଭାବେ ନୀତୀଶ କୁମାରଙ୍କ ଦଳ ଜେଡିୟୁ (ଜନତା ଦଳ ୟୁନାଇଟେଡ୍) ୮୫ ଆସନ, ଚିରାଗ ପାଶୱାନ୍‌ଙ୍କ ଦଳ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ୧୯ ଆସନ ଜିତିଛନ୍ତି। ସେହିପରି ଏନ୍‌ଡିଏର ଅନ୍ୟ ଅଂଶୀଦାର ଦଳଙ୍କୁ ମୋଟ୍ ୯ଟି ଆସନ ମିଳିଛି। ଅନ୍ୟପକ୍ଷେ ବିରୋଧୀ ମହାମେଣ୍ଟ ମାତ୍ର ୩୪ଟି ଆସନରେ ଜିତିବାରେ ସକ୍ଷମ ହୋଇଛି। ଏଥିମଧ୍ୟରେ ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ଆରଜେଡିକୁ ୨୫ ଆସନ ମିଳିଥିବା ବେଳେ କଂଗ୍ରେସ ୬ଟି ଆସନରେ ସୀମିତ ରହିଛି। ସେହିପରି ମହାମେଣ୍ଟର ଅନ୍ୟତମ ଅଂଶୀଦାର ଦଳ ସିପିଆଇ (ଏମ୍‌ଏଲ୍)କୁ ୨ଟି ଆସନ ଏବଂ ଅନ୍ୟ ଅଂଶୀଦାର ଦଳଙ୍କୁ ୧ ଆସନ ମିଳିଛି। ସେହିପରି ଅନ୍ୟାନ୍ୟ ଖାତାକୁ ୬ଟି ଆସନ ଯାଇଥିବା ବେଳେ ପ୍ରଶାନ୍ତ କିଶୋରଙ୍କ ଦଳ ଜନସୁରଜ ପାର୍ଟି ଗୋଟିଏ ହେଲେ ଆସନ ଜିତିପାରିନାହିଁ। ସୂଚନାଯୋଗ୍ୟ ବିହାରରେ ସରକାର ଗଢ଼ିବା ପାଇଁ ମ୍ୟାଜିକ୍ ନଂ ୧୨୨ ରହିଛି। ଚଳିତ ନିର୍ବାଚନରେ ବିହାରରେ ବିଜେପି ସଂଖ୍ୟା ଗରିଷ୍ଠ ଦଳ ଭାବେ ଉଭା ହୋଇଥିବା ବେଳେ ଜେଡିୟୁ ୨ୟ ସ୍ଥାନରେ ରହିଛି। ସୁତରାଂ ବିହାରରେ ଏଥର ନୀତୀଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ପଦ ମିଳିବା ନେଇ ସାମାନ୍ୟ ସଂଶୟ ସୃଷ୍ଟି ହୋଇଛି। କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ଏନେଇ ଏକ ସଂକେତ ମଧ୍ୟ ଦେଇଛନ୍ତି। ଗଡ଼କରୀ କହିଛନ୍ତି ବିହାରରେ ଏଥର ବିଜେପିରୁ କେହି ମୁଖ୍ୟମନ୍ତ୍ରୀ ହୋଇପାରନ୍ତି। ଏପ୍ରକାର ଚର୍ଚ୍ଚା ମଧ୍ୟରେ ନୀତୀଶ ସାମାନ୍ୟ ଚିନ୍ତାରେ ପଡ଼ିଯାଇଛନ୍ତି। କାରଣ ଫଳାଫଳ ଉପରେ ଦୃଷ୍ଟିଦେଲେ ବିଜେପି ଯଦି ଜେଡିୟୁକୁ ବାଦ୍ ଦେଇ ନିଜର ଅନ୍ୟ ଅଂଶୀଦାର ଦଳଙ୍କ ସହ ମିଶି ସରକାର ଗଠନ କରିବାକୁ ଚାହେଁ ତେବେ ମଧ୍ୟ ଏହା କିଛି ମାତ୍ରାରେ ସମ୍ଭବ ପ୍ରତୀତ ହେଉଛି। ବିଜେପି ପାଖରେ ୮୯ ଆସନ ଥିବା ବେଳେ ଏଲ୍‌ଜେପିର ୧୯, ଉପେନ୍ଦ୍ର କୁଶୱାହାଙ୍କ ଦଳ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆରଏଲଏମ୍)ର ୪ ଏବଂ ଜୀତନ୍ ରାମ ମାଞ୍ଜିଙ୍କ ଦଳ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା (ହାମ୍)ର ୫ ଆସନକୁ ମିଶାଇ ମୋଟ୍ ୧୧୭ ଆସନ ହେଉଛି।

## ନିଜ ଗୋଡରେ ନିଜେ କୁରାଢ଼ୀ ...

କାର୍ଯ୍ୟାନ୍ୱୟନ ସିଦ୍ଧାନ୍ତ ରହିଥିଲା। ଯେତେବେଳେ କି ବିରୋଧୀ ଦଳଙ୍କ ପକ୍ଷରୁ ଏପ୍ରକାର ନିର୍ବାଚନୀ ପ୍ରତିଶ୍ରୁତି ଦିଆଯାଇଥିଲା ଯାହାକୁ କାର୍ଯ୍ୟକାରୀ କରାଇବା ମଧ୍ୟ କଷ୍ଟକର ବ୍ୟାପାର ଥିଲା। ଉଦାହରଣ ସ୍ୱରୂପ ଆରଜେଡି ପ୍ରାର୍ଥୀ ତଥା ବିରୋଧୀ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ଭାବେ ନିର୍ବାଚନୀ ମୈଦାନକୁ ଓହ୍ଲାଇଥିବା ତେଜସ୍ୱୀ ଯାଦବ ନିର୍ବାଚନ ପ୍ରତିଶ୍ରୁତି ଦେଇ କହିଥିଲେ ଯେ ମହାମେଣ୍ଟ କ୍ଷମତାକୁ ଆସିଲେ ସବୁ ପରିବାରର ଜଣେ ବ୍ୟକ୍ତିଙ୍କୁ ସରକାରୀ ଚାକିରି ଦେବେ। ଏହା ଶୁଣିବାକୁ ଭଲ ଲାଗୁଥିଲେ ମଧ୍ୟ ଏହାକୁ ବାସ୍ତବରେ କରାଯିବା ଅସମ୍ଭବ ରହିଥିଲା। ଏନ୍‌ଡିଏ କିନ୍ତୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି କଥା କହିଥିଲା ଯାହାକୁ କାର୍ଯ୍ୟକାରୀ କରାଯାଇପାରିବ। ବିହାରବାସୀ ଏପ୍ରକାର ପ୍ରତିଶ୍ରୁତିକୁ ବେଶ୍ ଭଲଭାବେ ବୁଝିପାରିଥିଲେ। ହୁଏତ ଏସବୁ କାରଣରୁ ଜନାଦେଶ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସପକ୍ଷରେ ଯାଇଛି।

## ୧୭ରେ ଢେଙ୍କାନାଳ ବନ୍ଦକୁ ଆପ୍‌ର ସମର୍ଥନ

**ଢେଙ୍କାନାଳ,୧୪।୧୧/ଏନ୍‌ଏନ୍‌ଏସ୍:** ସ୍ମାର୍ଟ ମିଟର ବିରୋଧରେ ନଭେମ୍ବର ୧୭ ସୋମବାର ଢେଙ୍କାନାଳ ବନ୍ଦକୁ ଆମ୍ ଆଦମୀ ପାର୍ଟି ସମ୍ପୂର୍ଣ୍ଣ ସମର୍ଥନ କରିବ ବୋଲି ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତି ନିଆଯାଇଛି ବୋଲି ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଆମ୍ ଆଦମୀ ପାର୍ଟି ସର୍ବଦା ସାଧାରଣ ଲୋକମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ଓ ରୋଜଗାର ଯୋଗାଇ ଦେବାପାଇଁ ପ୍ରତିଶ୍ରୁତିବଦ୍ଧ। ପ୍ରକାଶ, ଗତ ଦୁଇବର୍ଷ ହେଲା ଟାଟା ପାୱାରର ଶୋଷଣ ନୀତି ଏବଂ ଶୋଷଣ ଯନ୍ତ୍ର ସ୍ମାର୍ଟ ମିଟରକୁ ବିରୋଧ କରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପଥପ୍ରାନ୍ତ ସଭା ମାଧ୍ୟମରେ ଜନ ସଚେତନ କରିଆସୁଛି। ଏହି କ୍ରମରେ ଢେଙ୍କାନାଳ ଓକିଲ ସଂଘ ନେତୃତ୍ୱରେ ଗଠିତ ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୭ ନଭେମ୍ବର ସକାଳ ୬ରୁ ସନ୍ଧ୍ୟା ୬ ବାର ଘଣ୍ଟିଆ ବନ୍ଦ ଡାକରାକୁ ଆମ୍ ଆଦମୀ ପାର୍ଟି ସମ୍ପୂର୍ଣ୍ଣ ସମର୍ଥନ କରିବ। ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ ଓ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ଯୋଗଦେଇ ଟାଟା ପାୱାର ଏହି ସ୍ମାର୍ଟ ମିଟର ବନ୍ଦ କରିବା, ବିଭିନ୍ନ ଆଳ ଦେଖାଇ ଲୋକଙ୍କୁ ଫାଇନ କରିବା, ବିଦ୍ୟୁତ୍ ବିଭାଗର ଭିତ୍ତିଭୂମି ସଜାଡ଼ିବା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁବୋଧ ବେହେରା, ସମ୍ପାଦକ ଅନିଲ ସାମଲ, ଜିଲ୍ଲା ଯୁବ ସଭାପତି ସ୍ୱାଗତ ସିଂହ, ନଗର ସଭାପତି ଦେବାଶିଷ ନନ୍ଦ, ଉପଦେଷ୍ଟା ଚିତରଞ୍ଜନ ପାଣି, ବିଜୟ କୁମାର ଦାସ, ଇଂ ପିତାମ୍ବର ଦାସ, ସନାତନ ନାଏକ, ପ୍ରସନ୍ନ ବରାଳ, ଜୟନ୍ତ ଦାସ ପ୍ରମୁଖ ଯୋଗଦେଇ ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟିର ୧୭ ନଭେମ୍ବର ବାର ଘଣ୍ଟିଆ ବନ୍ଦ ଡାକରାକୁ ସହଯୋଗ କରି ସଫଳ କରିବା ପାଇଁ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି।

### ଅଭିଯୁକ୍ତ ହୋମ୍‌ଗାର୍ଡ ଅମର ଅଟକ

## ଚାକିରି ଦେବାକୁ କହି ବାପ,ପୁଅ ଠକିନେଲେ ୩୦ ହଜାର

**ଢେଙ୍କାନାଳ,୧୪।୧୧/ଏନ୍‌ଏନ୍‌ଏସ୍:** ଜିଲ୍ଲାରେ ନିକଟରେ ଶେଷହୋଇଛି ଗୃହରକ୍ଷୀ ନିଯୁକ୍ତି। ଏହି ପରୀକ୍ଷା ଦେଇଥିବା ଭୁବନର ଜଣେ ବ୍ୟକ୍ତିଙ୍କ ଠାରୁ ବାପପୁଅ ମିଶି ଚାକିରୀ କରାଇଦେବାକୁ କହି ୩୦ ହଜାର ଟଙ୍କା ଠକିନେଇଛନ୍ତି। ପୁଲିସ ଉଚ୍ଚପଦସ୍ଥ ଅଧିକାରୀଙ୍କ ଘରେ ସୁଇପର ଭାବେ କାର୍ଯ୍ୟକରୁଥିବା ବାପା ଏବଂ ଗୃହରକ୍ଷୀରେ ଥିବା ତାଙ୍କ ପୁଅ ମିଶି ଚାକିରୀ କରାଇଦେବାକୁ କହି ଏହି ଟଙ୍କା ନେଇଥିଲେ। ଚାକିରୀ ନହେବାପରେ ସେମାନଙ୍କ ଟଙ୍କା ଫେରାଉନଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଭୁବନ ଥାନା ମୁରୁଗା ଗ୍ରାମର ଅଜୟ ନାଏକ ହୋମଗାର୍ଡ ପରୀକ୍ଷା ଦେବା ପରେ ତାଙ୍କୁ ଚାକିରୀ କରାଇଦେବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ପ୍ରଦୀପ କୁମାର ଜେନା ଏବଂ ତାଙ୍କ ପୁଅ ଅମର ଜେନା। ପ୍ରଦୀପ ଉଚ୍ଚ ପଦାଧିକାରୀଙ୍କ ଘରେ ସୁଇପର ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ପୁଅ ଅମର ହୋମଗାର୍ଡରେ ଚାକିରୀ କରୁଛନ୍ତି। ସେମାନେ ଉଚ୍ଚପଦାଧିକାରୀଙ୍କ ସହ କଥାହୋଇ ଚାକିରୀରେ ରଖିଦେବେ। ଏଥିପାଇଁ ୧ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଏଥିରେ ବିଶ୍ୱାସ କରି ଅଜୟ ଗତ ଜୁନ୍ ୨୬ରେ ବାପ,ପୁଅଙ୍କୁ ୩୦ ହଜାର ଟଙ୍କା ଦେଇଥିଲେ। ଚାକିରୀ ନହେଲେ ଟଙ୍କା ଫେରାଇ ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଚାକିରୀ ନପାଇବା ପରେ ବାରମ୍ବାର ସେମାନଙ୍କ ଘରକୁ ଦୌଡିଦୌଡି ଟଙ୍କା ଫେରି ପାଉନାହାଁନ୍ତି। ଏଥିରେ ନିରାଶ ହୋଇ ଅଜୟ ଆଜି ଟାଉନ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ୮୨୨/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଅମର ନାଏକକୁ ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି। ଏନେଇ ଆଜି ସନ୍ଧ୍ୟା ସାଢେ ୮ଟାରେ ଟାଉନ ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅଭିଯୁକ୍ତ ହୋମଗାର୍ଡ ଅମରକୁ ଅଟକ ରଖାଯାଇଛି। ତାଙ୍କ ବିରୁଦ୍ଧରେ ପ୍ରମାଣ ମିଳିଛି। କିନ୍ତୁ ତାଙ୍କ ବାପା ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ବିରୁଦ୍ଧରେ କିଛି ପ୍ରମାଣ ମିଳିନାହିଁ। ଏଥିରେ ଆଉ କାହାର ସଂପୃକ୍ତି ରହିଛି କି ନାହିଁ ସେ ନେଇ ତଦନ୍ତ ଜାରି ରହିଛି। ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହିପରି ଅନ୍ୟ କେହି ଯଦି କେହି ହୋମଗାର୍ଡ ଚାକିରୀ ପାଇଁ ଟଙ୍କାଦେଇ ହାରାଶ ହୋଇଥାନ୍ତି ଟାଉନ ଥାନାରେ ଅଭିଯୋଗ କରିବା ପାଇଁ ଏସ୍‌ଡିପିଓ ରମେଶ ଦୋରା ସୂଚନା ଦେଇଛନ୍ତି।

## ମନ୍ଦିରରୁ କଳାକନା ବୁଲାଇଲେ ଦୁର୍ବୃତ୍ତ



**ପାରାଦୀପ,୧୪।୧୧/ଏନ୍‌ଏନ୍‌ଏସ୍:** ଶେଷରେ ଧର୍ମସ୍ଥଳୀକୁ ଛାଡିଲେ ନାହିଁ ଚୋର। ମନ୍ଦିରରୁ କଳାକନା ବୁଲାଇଲେ ଦୁର୍ବୃତ୍ତ। ଲୁଟିନେଲେ ଦାନହୁଣ୍ଡି ସମେତ ଲକ୍ଷ ଲକ୍ଷ ଟଙ୍କାର ଅଳଙ୍କାର। ମନ୍ଦିର କମିଟି ତରଫରୁ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆରମ୍ଭ କରିଛି ତଦନ୍ତ। ଏହିଭଳି ଘଟଣା ଘଟିଛି ପାରାଦୀପ ବୃନ୍ଦାବନ କଲୋନୀର ସର୍ବପୁରାତନ ଧର୍ମପୀଠ ଗୋପାଳଜିୟୁ ମନ୍ଦିରରେ। ସକାଳୁ ମନ୍ଦିରର ନୀତିକାନ୍ତି କରିବାକୁ ପୂଜକ ଆସିବା ବେଳକୁ ମନ୍ଦିରର ୩ଟି କବାଟ ତଡାଯାଇଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ମନ୍ଦିର କମିଟିର ସଦସ୍ୟମାନଙ୍କୁ ଫୋନ୍‌ଯୋଗେ ଜଣାଇଥିଲେ ପୂଜକ। କମିଟି ସଦସ୍ୟମାନେ ପହଞ୍ଚିବା ପରେ ମନ୍ଦିରରୁ ସମଗ୍ର ଅଳଙ୍କାର ସହିତ ଦାନବାକ୍ସ ତାଡି ଲୁଟ ହୋଇଥିବା ଦେଖିବା ପରେ ପାରାଦୀପ ଆଦର୍ଶ ଥାନାରେ ଅଭଯୋଗ କରିଥିଲେ। ଆଦର୍ଶ ଥାନା ଅଧିକାରୀଙ୍କ ସହିତ ପୁଲିସ ମନ୍ଦିରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଯଥାଶୀଘ୍ର ଘଟଣାର ଯାଞ୍ଚ କରି ଚୋରମାନଙ୍କୁ ଧରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମନ୍ଦିର ଭଳି ଧର୍ମାନୁଷ୍ଠାନରୁ ଚୋରି ଘଟଣାକୁ ସହଜରେ ଗ୍ରହଣ କରିପାରିନାହାନ୍ତି ଶ୍ରଦ୍ଧାଳୁ। ଯଥାଶୀଘ୍ର ଆଦର୍ଶ ଥାନା ପୁଲିସ ତଦନ୍ତକୁ ତ୍ୱରାନ୍ୱିତ କରି ଘଟଣାରେ ସାମିଲ ଚୋରମାନଙ୍କୁ ଧରିବାକୁ ମନ୍ଦିର କମିଟି ତରଫରୁ ନିବେଦନ କରାଯାଇଛି। ମନ୍ଦିରରୁ ଚୋରି ଘଟଣାକୁ ନେଇ ପୁଲିସର ତଦନ୍ତ ଜାରି ରହିଥିବାରୁ ଠାକୁରଙ୍କ ନୀତିକାନ୍ତି କରାଯାଇନାହିଁ।

## ବିଡିଓଙ୍କ କଣ୍ଟିଗଡ଼ିଆ ବଡ଼ପୋଖରୀ ପରିଦର୍ଶନ

**ଧର୍ମଶାଳା,୧୪।୧୧/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କଣ୍ଟିଗଡ଼ିଆ ଗ୍ରାମରେ ଥିବା ରାଜରାଜୁଡା ଅମଳର ବଡ଼ପୋଖରୀର ପୁନଃରୁଦ୍ଧାର ସହ ଉନ୍ନତିମୂଳକ କାର୍ଯ୍ୟ ପର୍ଯ୍ୟଟନ ବିଭାଗ ଓ ପ୍ରଶାସନ ତରଫରୁ କରାଯାଉଥିବା ବେଳେ ଆଜି ପୂର୍ବାହ୍ନରେ ଧର୍ମଶାଳା ବିଡିଓ ଜ୍ୟୋର୍ତିମୟ କର ପରିଦର୍ଶନରେ ଆସି ବୁଲି ଦେଖିବା ସହ ଏହାର କାର୍ଯ୍ୟ କିପରି ଆଗକୁ କରାଯିବ ସେବିଷୟରେ ଅନୁଧ୍ୟାନ ଓ ସମୀକ୍ଷା କରିଥିଲେ। ଏହି ବଡ଼ପୋଖରୀ କାର୍ଯ୍ୟ ଶେଷ ହେବା ପରେ ଧର୍ମଶାଳା ବ୍ଲକ୍‌ର ଏକ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ହେବ। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଡିଓଙ୍କ ସହ ସହକାରୀ ଯନ୍ତ୍ରୀ ଲିଙ୍ଗରାଜ ପଣ୍ଡା, ରଜତ କୁମାର ମହାପାତ୍ର, କନିଷ୍ଠ ଯନ୍ତ୍ରୀ ମୋନାଲିସା ନାୟକ ଓ ଏଇଇ ପ୍ରଶାନ୍ତି ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଦଶମଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣା

## ଜନ୍ମିତ ଶିଶୁକନ୍ୟାର ମୃତ୍ୟୁ

**ଢେଙ୍କାନାଳ,୧୪।୧୧/ଏନ୍‌ଏନ୍‌ଏସ୍:** ସମ୍ପର୍କୀୟ ଘରକୁ ନେଇଥିବା ବେଳେ ବାଟରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ନିଜ ମାମୁ ପୁଅ ଦୁଷ୍କର୍ମ କରିଥିଲା। ଏ ସମ୍ପର୍କରେ କାହା ଆଗରେ ପ୍ରକାଶ କଲେ ଜୀବନରେ ମାରିଦେବର ଧମକ ଯୋଗୁଁ ବିଚରା ଚୁପ୍ ରହିଥିଲା ନାବାଳିକା ପୀଡିତା। ତେବେ ଦୁଷ୍କର୍ମ ଯୋଗୁଁ ଗର୍ଭବତୀ ପରେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିବା ପରେ କଟକ ଶିଶୁଭବନରେ ଶିଶୁର ମୃତ୍ୟୁ ଘଟିଥିବା ଜଣାପଡିଛି। ଏହାପରେ ନାବାଳିକା ଜଣଙ୍କ ଅଭିଯୋଗ ନେଇ କାମାକ୍ଷାନଗର ଥାନାକୁ ଯିବାରେ ପୁଲିସ ତା'ର ଅଭିଯୋଗ ରଖିନଥିବା ମଧ୍ୟ ନାବାଳିକା ପୀଡିତା ଅଭିଯୋଗ କରିଛନ୍ତି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅଞ୍ଚଳରେ ଏପରି ଲଜ୍ୟା ଜନକ ଘଟଣା ଘଟିଛି। କାମାକ୍ଷାନଗର ଥାନା ପୁଲିସର ଏପରି ବ୍ୟବହାର ନେଇ ଏହି ପିଡ଼ିତା ମହିଳା ସ୍ୱେଚ୍ଛାସେବୀ ସସ୍ମିତା ଦାସଙ୍କ ସହାୟତା ଲୋଡିଛନ୍ତି। ଏପରିକି ଆଜି ସସ୍ମିତା ଦାସ ଢେଙ୍କାନାଳ ଏସ୍‌ପିଙ୍କ ଦ୍ୱାରସ୍ଥ ହେବା ପରେ ଏହି ଲଜ୍ୟାଜନକ ଘଟଣା ପଦାକୁ ଆସିଛି। ସେପଟେ ଦୁଷ୍କର୍ମ କରିଥିବା ଅଭିଯୁକ୍ତ କାମାକ୍ଷାନଗର ଥାନା ଅନ୍ତର୍ଗତ ଶିବୁଲାପଶି ପଞ୍ଚାୟତର ଚୁଲିଆ ଗ୍ରାମର ରୀଙ୍କୁ ଦରେଇ ଫେରାର ହୋଇଯାଇଥିବା ଜଣାପଡିଛି।

## ଜଳିଗଲା ୫ ବଖରା

**ପରଜଙ୍ଗ,୧୪।୧୧/ଏନ୍‌ଏନ୍‌ଏସ୍:** ପରଜଙ୍ଗ ବ୍ଲକ୍ ବାରିହାପୁର ପଞ୍ଚାୟତ ଗୋବିନ୍ଦ ପୁର ଗ୍ରାମରେ ଗତକାଲି ରାତରେ ଅଗ୍ନିକାଣ୍ଡ ଘଟି ୫ ବଖରା ଘର ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଖବରପାଇ ପରଜଙ୍ଗ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସୂଚନା ଅନୁଯାୟୀ, ଗତ ଗୁରୁବାର ରାତିରେ ଖାଇ ପିଇ ଶୋଇବାକୁ ଯିବା ବେଳେ ୧୧ଟା ବେଳକୁ କଛି ଶବ୍ଦ ହେବାରୁ ବାହାରକୁ ଆସି ଦେଖିଲା ବେଳକୁ ଘରେ ନିଆଁ ଲାଗୁଛି। ଶୁକ୍ରବାର ରାଜସ୍ୱ ବିଭାଗ ତରଫରୁ ଜରିପାଲ ଦିଆଯାଇଛି। ପଞ୍ଚୁ ବେହେରାଙ୍କ ୩ ବଖରା ଘର ଓ ରୋହିତ ବେହେରାଙ୍କ ୨ ବଖରା ଘର ଜଳି ପାଡି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି।

## ବ୍ଲକ୍ କାର୍ଯ୍ୟାଳୟରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ



**ପରଜଙ୍ଗ,୧୪।୧୧/ଏନ୍‌ଏନ୍‌ଏସ୍:** ପରଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଠାରେ ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀ ତରଫରୁ ଓଡ଼ିଶାର ପ୍ରତ୍ୟେକ ବ୍ଲକ୍‌ରେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନା ଲକ୍ଷ୍ୟରେ ଆଜି ପରଜଙ୍ଗ ବ୍ଲକ୍ କାର୍ଯ୍ୟାଳୟରେ ପ୍ରତିମୂର୍ତ୍ତି ମାନ ସ୍ଥାପନା କରାଯାଇଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୁଦନ ଦାସ, ବୀର ସୁରେନ୍ଦ୍ର ସାଏ ଓ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ହେଇଛି। ସଂଘର ସଭାପତି ରାଧାକାନ୍ତ ଦାସଙ୍କ ଉପସ୍ଥିତିରେ ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶସ୍ୱିନୀ ରାଉତ, ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ଜିଲ୍ଲାପରିଷଦ ନିରାକାର ପ୍ରଧାନଙ୍କ ଉପସ୍ଥିତିରେ ପ୍ରତିମୂର୍ତ୍ତି ଉନ୍ମୋଚିତ କରାଯାଇଛି। ଓଡ଼ିଶାର ପ୍ରତ୍ୟେକ ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଂଘର ସଭାପତି ପ୍ରକାଶ କରିଛନ୍ତି।

## ବିଜେପିର ବିଜୟ ଉତ୍ସବ ପାଳନ

**ଧର୍ମଶାଳା,୧୪।୧୧/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବିଜେପି ପକ୍ଷରୁ ଆଜି ବିଜୟ ଉତ୍ସବ ପାଳନ କରାଯାଇଛି। ନୁଆପଡାରେ ବିଜେପି ପ୍ରାର୍ଥୀ ଜୟଢୋଲକିଆଙ୍କ ବିପୁଳ ବିଜୟ ପରେ ଧର୍ମଶାଳା ବିଜେପି ଶିବିର ଉତ୍ସାହିତ ହୋଇଉଠିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବିଜେପିର ବିଧାୟକ ମନ୍ତ୍ରୀଙ୍କ ସମେତ ବିଜେପି କର୍ମୀଙ୍କ ଉଦ୍ୟମ କ୍ରମେ ନୁଆପଡାରେ ବିଜେପି ପ୍ରାର୍ଥୀ ଶ୍ରୀ ଢୋଲକିଆ କଂଗ୍ରେସ ଓ ବିଜେଡିକୁ ମାତ୍‌ଦେଇ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇପାରିଛନ୍ତି। ଏହି ଉପଲକ୍ଷେ ଧର୍ମଶାଳା ବିଜେପି ପକ୍ଷରୁ ବିଜୟ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ନିର୍ବାଚନମଣ୍ଡଳୀର ନାକପୋଲ ଠାରୁ ବିଜେପିର ଶହ ଶହ କର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ବହାରି ବାଜା ବାଣ ସହ ହାତରେ ବିଜୟ ପତକା ଓ ବିଭିନ୍ନ ପ୍ଲାକାର୍ଡ ଧରି ନାରାବାଜି କରି ଜାରକା ଶାନ୍ତିବଜାର ପର୍ଯ୍ୟନ୍ତ ଆସିଥିଲେ। ଏଥିସହ ଶୋଭାଯାତ୍ରାରେ ଆସିଥିବା ଶତାଧିକ ବିଜେପିର ମହିଳା ଓ ପୁରୁଷ କର୍ମୀମାନେ ଜାରକାସ୍ଥିତ ମହୋତ୍ସବ ପଡିଆରେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଧନ୍ୟବାଦ ଦେଇଥିଲେ।

## ଆଉ ଫେରିବନି ଜଙ୍ଗଲରାଜ ...

ଗୃହମନ୍ତ୍ରୀ ଅମିତା ଶାହ ଏବଂ ଦଳର ଅନ୍ୟ ବରିଷ୍ଠ ନେତା ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ ପିଏମ୍ ମୋଦୀ ଗାମୁଛା ହଲାଇ ବିଜେପି କର୍ମୀଙ୍କୁ ବିଜୟର ଶୁଭେଚ୍ଛା ଜଣାଇଥିଲେ। ପରେ ସେ ନିଜ ଉଦବୋଧନରେ କହିଥିଲେ ଯେ 'ବିହାର ବିକାଶ ଏବଂ ସମୃଦ୍ଧି ପାଇଁ ଭୋଟ୍ ଦେଇଛି' ।ଏନଡିଏ ସଦସ୍ୟମାନେ ସରକାରୀ ସେବକ। ତେଣୁ ସମଗ୍ର ବିହାର ଘୋଷଣା କରିଛି ଯେ, ପୁଣି ଥରେ ଏନଡିଏ ସରକାର ଗଠନ ହେବ। ସେ କହିଛନ୍ତି ଯେ, ବିହାରର ଲୋକମାନେ ଏକ ବିକଶିତ ବିହାର ପାଇଁ ଭୋଟ ଦେଇଛନ୍ତି। ସେ କହିଛନ୍ତି ଯେ, ବିହାରରେ ଏନଡିଏ ୨୦୧୦ ପରେ ସବୁଠାରୁ ବଡ଼ ଜନାଦେଶ ପାଇଛି। ସେ କହିଛନ୍ତି ଯେ, ଆଜିର ବିଜୟ ବିହାରର ବିକାଶକୁ ନୂତନ ଉଚ୍ଚତାକୁ ନେବାର ପ୍ରତିଜ୍ଞା। ବିହାରରେ ଲାଲୁ-ରାବଡ଼ି କାର୍ଯ୍ୟକାଳକୁ 'ଜଙ୍ଗଲ ରାଜ' ବୋଲି ଅଭିହିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ,'ଜଙ୍ଗଲ ରାଜ' କେବେ ବିହାରକୁ ଫେରିବ ନାହିଁ। ସେ କହିଛନ୍ତି ଯେ, 'କଟ୍ଟା' ସରକାର ଫେରିବ ନାହିଁ। ସେ କହିଛନ୍ତି ଯେ, ବିହାରର କିଛି ଦଳ ତୁଷ୍ଟିକରଣ ଫର୍ମୁଲା 'ଗଣ' ସୃଷ୍ଟି କରିଛନ୍ତି। ଆଜିର ବିଜୟ ଏକ ନୂତନ 'MY' ସମୀକରଣ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ମୋଦଷ କହିଛନ୍ତି ଯେ, 'MY' ମହିଳା ଏବଂ ଯୁବପିଢ଼ିଙ୍କ ପାଇଁ ବୁଝାଏ। ବିହାର ହେଉଛି ଦେଶର ସର୍ବାଧିକ ଯୁବ ଜନସଂଖ୍ୟା ଥିବା ରାଜ୍ୟ ମଧ୍ୟରୁ ଗୋଟିଏ। ଏହା ସମସ୍ତ ଧର୍ମ ଏବଂ ଜାତିର ଯୁବକମାନଙ୍କୁ ପ୍ରତିନିଧିତ୍ୱ କରେ। ବିହାରରେ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଁ ସେ ନିର୍ବାଚନ କମିଶନଙ୍କୁ ଶ୍ରେୟ ଦେଇଛନ୍ତି । ସେ କହିଥିଲେ ଯେ, ଏହି ନିର୍ବାଚନରେ ? ?ନିର୍ବାଚନ କମିଶନଙ୍କ ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ଦୃଢ଼ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦି ଉଲ୍ଲେଖ କରିଥିଲେ ଯେ, ବିହାରର ନକ୍ସଲ ପ୍ରଭାବିତ ଅଞ୍ଚଳରେ ପୂର୍ବରୁ ମତଦାନ ଅପରାହ୍ନ ୩ଟାରେ ଶେଷ ହୋଇଥାଏ। ମାତ୍ର ଏହି ନିର୍ବାଚନରେ, ଭୟ ବିନା ଏବଂ ଏକ ଉତ୍ସବ ପରି ମତଦାନ କରାଯାଇଥିଲା।ବିହାରର କୌଣସି ପୋଲିଂ ବୁଥରେ ଏଥର ପୁନଃ ମତଦାନ କରାଯାଇ ନାହିଁ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ବିହାରରେ ମତଦାନ କେନ୍ଦ୍ରରେ ହିଂସା ହେଉଥିଲା ଏବଂ ବାଲଟ୍ ବାକ୍ସ ଲୁଟ୍ ହେଉଥିଲା। ପୁନଃ ମତଦାନର ପରିସଂଖ୍ୟାନ କଥା ଉଲ୍ଲେଖ କରି ସେ କହିଛନ୍ତି ଯେ, ୧୯୯୫ ମସିହାରେ ୧,୫୦୦ରୁ ଅଧିକ ବୁଥରେ ପୁନଃ ମତଦାନ କରାଯାଇଥିଲା। ମାତ୍ର ଏଥର ଦୁଇ ପର୍ଯ୍ୟାୟ ନିର୍ବାଚନରେ ପୁନଃ ଭୋଟିଂର କୌଣସି ଆବଶ୍ୟକତା ପଡ଼ିନାହିଁ। ପ୍ରଧାନମନ୍ତ୍ରୀ ମୋଦି ପୁଣି ଥରେ ଛଠ୍ ଉପରେ ରାହୁଲ ଗାନ୍ଧିଙ୍କ ବିବୃତ୍ତିକୁ ଟାର୍ଗେଟ କରି ଅଭିଯୋଗ କରିଥିଲେ ଯେ, ମହାଗଠବନ୍ଧନ ଛଠ୍ ପର୍ବକୁ ଅପମାନ କରିଛି। ଏଥିପାଇଁ ସେ ଆରଜେଡି ଏବଂ କଂଗ୍ରେସକୁ କ୍ଷମା ନ ମାଗିବା ପାଇଁ ସମାଲୋଚନା କରିଥିଲେ।ସେ କଂଗ୍ରେସ ଦଳକୁ କ୍ଷମତା ବାହାରେ ରହିବା ପାଇଁ ଟାର୍ଗେଟ କରିଥିଲେ। ସେ କହିଥିଲେ ଯେ, କଂଗ୍ରେସ ଦଳ ବିହାରରେ ୩୫ ବର୍ଷ ଧରି, ଗୁଜୁରାଟରେ ୩୦ ବର୍ଷ ଧରି ଏବଂ ବଙ୍ଗଳାରେ ପାଞ୍ଚ ଦଶନ୍ଧି ଧରି କ୍ଷମତା ବାହାରେ ରହିଛି। ସେ କହିଥିଲେ ଯେ, ଗତ ତିନିଟି ଲୋକସଭା ନିର୍ବାଚନରେ କଂଗ୍ରେସ ଦଳ ତିନି ଅଙ୍କ ଛୁଇଁପାରି ନାହିଁ। ଗତ ଛଅଟି ବିଧାନସଭା ନିର୍ବାଚନର ତଥ୍ୟ ଉଦ୍ଧୃତ କରି ସେ କହିଛନ୍ତି ଯେ, କଂଗ୍ରେସ ଦଳ ଏହି ନିର୍ବାଚନରେ ମଧ୍ୟ ୧୦୦ ଛୁଇଁପାରି ନାହିଁ।

## ତାଲୁକ୍ ଆଇନ୍‌ସେବା କମିଟି ପକ୍ଷରୁ ଶିଶୁ ଦିବସ




**ଚଣ୍ଡିଖୋଲ,ବଡ଼ଚଣା,୧୪।୧୧/ଏନ୍‌ଏନ୍‌ଏସ୍:** ବଡଚଣା ବ୍ଲକ୍ ଶିକ୍ଷା ମଣ୍ଡଳ ଅଧିନସ୍ଥ ଖୋଷାଲିପୁର ସ୍ଥିତ ଖୋଷାଲିପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଚଣ୍ଡିଖୋଲ କୋର୍ଟ ତାଲୁକ୍ ସେବା କେନ୍ଦ୍ର ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି ।ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ତାଲୁକ ଆଇନ୍ ସେବା କମିଟିର ଅଧ୍ୟକ୍ଷ ଗୋପବନ୍ଧୁ ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସବ୍ ଜଜ୍ ବିଶ୍ୱ ଦୀପକ ସାହୁ, ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନର ପୂର୍ବତନ ସଭାପତି ତଥା ସରକାରୀ ଓକିଲ ଦେବରାଜ ବେହେରା, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ସମ୍ପାଦକ ପ୍ରକାଶ କୁମାର ଦାଶ, ରିଟେନର୍ ଜ୍ୟୋତିଶଙ୍କର ମହାପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବ କିଶୋର ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନ୍ମଥ ଜେନା, ସହକାରୀ ଶିକ୍ଷୟିତ୍ରୀ ସ୍ୱପ୍ନାଞ୍ଜଳୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶିଶୁମାନେ ହେଉଛନ୍ତି ଆସନ୍ତାକାଲିର ନାଗରିକ ଓ ରାଷ୍ଟ୍ର ନିର୍ମାତା। ଶିଶୁମାନଙ୍କ ବିକାଶ ଉପରେ ନିର୍ଭର କରେ ଦେଶର ବିକାଶ। ଭଗବାନ୍‌ଙ୍କ ସୃଷ୍ଟିରେ ଶିଶୁଟିଏ ଅମୃତର ସନ୍ତାନ। ବଗିଚାରେ ଯେପରି ରଙ୍ଗ ବେରଙ୍ଗର ଫୁଲ ଫୁଟି ବଗିଚାର ଶୋଭା ବର୍ଦ୍ଧନ କରିଥାଏ। ସେହିପରି ବିଦ୍ୟାଳୟରେ ପିଲାମାନେ ଶୋଭା ବର୍ଦ୍ଧନ କରିଥାନ୍ତି। ଜୀବନରେ ଭଲ ମଣିଷ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶେଷରେ ଆଇନ୍‌ଜୀବୀ ଅଭିନାଶ ବଳ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଜଣେ ଭୟାଳୁ ପ୍ରେମର ପ୍ରଦର୍ଶନ କରିବାରେ ଅସଫଳ ହୋଇଥାଏ। ପ୍ରେମ ବାହାଦୁର ବ୍ୟକ୍ତିର ବିଶେଷାଧିକାର ଅଟେ।
- ଗାନ୍ଧୀ ବାଣୀ

ନିତିଦିନ NITIDIN

## ଏତିକି ଆଜି ଥାଉ



ମାନସ ରଞ୍ଜନ ସାମଲ

ଆମେ ଓଡ଼ିଆ କେଡ଼େ ବଢ଼ିଆ
ଘୁମରେ ରଖୁ ଧାନ
ଆସିଲେ କେହି ଘରକୁ ଭାଇ
ଶଙ୍ଖୁଲୁ ଦେଇ ପାନ।
ବିରି କି ମୁଗ ରହଇ ବାଗ
ମାଟିର ଘୁମ-ଘରେ
ମୂଷା କି ଛୁଆଁ ପାଆନ୍ତି କେଉଁଆ
ଚାଷୀର ଦୁଃଖ ହରେ।
ଚକିରେ ପେଷା ଖୁସୁରୁ ଖୁସା
ଗହମ ଯଅ ରାଶି
ତାଳପତରେ ବିଞ୍ଚଣା ଘୁରେ
ନ ଥିଲା ଘରେ 'ଏସି'।
ସିନ୍ଧୁକ ପେଡ଼ି ଗହଣା ଚୁଡ଼ି
ତା ଚାବି ରଖେ ବୋଉ
ଦାମୀ ପୋଷାକ କାଟିବ ପୋକ
ସାଇତି ହେଇଥାଉ।
ଗାଉଁଲି ଘରେ ମାଟି କାନ୍ଥରେ
ରହିଚି ଗୋଟେ ଠଣା
କୁମ୍ପା ବି କୁହ ଖୋପ ବି କୁହ
ହେଲେ ସଭିଙ୍କୁ ଜଣା।
କାନ୍ଥରେ ଛବି ଠଣାରେ ଚାବି
ଥୁଆ କଜଳପାତି
ଆଲୁଅ ପାଇଁ ସୁକୁଟା ଭାଇ
ରଖେ ଡିବିରିବତି।
ଝଟିମାଟିର କୁଟା-କାଠିର
ଗାଆଁ ଉଜଳି ଯାଉ
କାଳ ଅସିଆ କଥା ମସିଆ
ଏତିକି ଆଜି ଥାଉ।

**ଚୌଦ୍ୱାର, କଟକ- ୨୮**
**ମୋ: ୮୩୨୭୭୪୦୩୮୩**

## ଦୁଇ ଭଉଣୀ



କମଳିନୀ ମଲ୍ଲିକ

ଗୀତା ମିତା ଦୁହେଁ ଦୁଇ ଭଉଣୀ
ଜଣେ ବୋକୀ ଜଣେ ଭାରି ସିଆଣି
ଜଣେ ଗାଉଥାଏ ଗୁଣୁଗୁଣୁ ଗୀତ
ଜଣେ ଗପୁଥାଏ କଥା କାହାଣୀ।
ଚାନ୍ଦ ପରି ଗୀତା ଅଟଇ ଗୋରୀ
ମିତା ଦିଶେ ମହୁ ରଙ୍ଗଟି ପରି
ଜଣେ କାନ୍ଦୁଥିଲେ ସକେଇ ସକେଇ
ଜଣେ ହସୁଥାଏ କିର୍‌ରି କିରି।
ଦୁଇ ଭଉଣୀଙ୍କ ଗୋଟିଏ ମନ
ସୁଖଦୁଃଖ ବାଣ୍ଟି କାଟନ୍ତି ଦିନ
ସାଙ୍ଗ ହେଇ ଦୁହେଁ ଦାଣ୍ଡେ ଯାଉଥିଲେ
ଜଣା ପଡ଼ନ୍ତିନି ବଡ଼ କି ସାନ।
ଗୀତା କରୁଥାଏ ଭଲ ରୋଷେଇ
ମିତା ମନ ଦେଇ ପାଠ ପଢ଼ଇ
ଘର କାମ ଯାହା ମିଶି କରୁଥାନ୍ତି
ମାନ ଅଭିମାନ ମନୁ ଦୂରେଇ।
ଦୁଃଖ ପଡ଼ିଥିଲେ ସାହା ହୁଅନ୍ତି
ସୁଖ ପଡ଼ିଥିଲେ ଭାଗ କରନ୍ତି
ଦୁଇ ଭଉଣୀଙ୍କ ସମ୍ପର୍କ ମଝିରେ
ଆଉ କିଏ ଭଲା ପଶି ପାରନ୍ତି।
ଗୀତା ବାହା ହେଇ ଗୃହିଣୀ ହେଲା
ପାଠ ପଢ଼ି ମିତା ଚାକିରି କଲା
ଦୁଇଟି ପଥରେ ଦୁହେଁ ସିନା ଗଲେ
ହେଲେ ତାଙ୍କ ଆତ୍ମା ଗୋଟିଏ ଥିଲା।

**କ୍ୱା.ନଂ.ଆଇ.ଭି. ୪୫/୧**
**ୟୁନିଟ୍-୧, ଭୁବନେଶ୍ୱର**
**ମୋ: ୯୮୫୩୫୨୩୮୮୩**

## ଆମ ଗର୍ବ, ଆମ ଗୌରବ



## ଦେବେନ୍ଦ୍ର କର

**ଜନ୍ମ ତାରିଖ: ୪ ଜୁଲାଇ ୧୯୭୯**
**ଜନ୍ମସ୍ଥାନ/ଠିକଣା: ନିୟୋଗୀ କଲୋନୀ, ମଙ୍ଗଳାବାଗ, କଟକ-୧**
**ମୋ: ୯୯୩୭୯୬୩୯୧୦**

ରାଜ୍ୟର ଜଣେ ଆଗଧାଡ଼ିର ଶିଶୁ ସାହିତ୍ୟିକ। ଗଳ୍ପ ଓ ପ୍ରବନ୍ଧ ରଚନାରେ ବିଶେଷ ସୁଖ୍ୟାତି ଅର୍ଜନ କରିଛନ୍ତି। 'ଫୁଲପରି ମହକିବା', 'ମୟୂର ପଙ୍ଖ ଓ ବୁଦ୍ଧିମାନ କିଏ' ନାମକ ୩ଟି ପୁସ୍ତକ ପ୍ରକାଶିତ। ନିଜର ଲେଖକୀୟ କୃତିତ୍ୱ ପାଇଁ ସତ୍ୟବାଦୀ ଶିଶୁ ଗଳ୍ପ ସମ୍ମାନ, ପ୍ରଗତିବାଦୀ ବାର୍ଷିକ ସମ୍ମାନ, ବୌଦ୍ଧ ସାଂସ୍କୃତିକ ଏକାଡ଼େମୀ, ବିବେକାନନ୍ଦ ପଟ୍ଟନାୟକ ସ୍ମୃତି ସମ୍ମାନ ଆଦି ପୁରସ୍କାରରେ ସମ୍ମାନିତ।

**ଆମ ପ୍ରଶ୍ନ:** ଶିଶୁ ଗଳ୍ପର ମୁଖ୍ୟ ଉପାଦାନ ଓ କଳାକୌଶଳ ସଂପର୍କରେ ଆପଣଙ୍କ ମତାମତ କଣ?

**ଆପଣଙ୍କ ଉତ୍ତର:** ଶିଶୁ ଗଳ୍ପର ମୁଖ୍ୟ ଉପାଦାନ ହେଉଛି ଏକ ମଜାଦାର କାହାଣୀ। କାହାଣୀ ଏଭଳି ହେବା ଉଚିତ୍, ଯେଉଁଥିରେ କି ଶେଷ ହେବା ପର୍ଯ୍ୟନ୍ତ କୌତୂହଳ ଶେଷ ହେଉନଥିବ। ଲିଖନଶୈଳୀ ଓ ଭାଷା ସରଳ, ସାବଲୀଳ ଓ ମନୋରଞ୍ଜନଧର୍ମୀ ହେବା ଆବଶ୍ୟକ। ଜ୍ଞାନ ଦେବାରେ ଅସୁବିଧା ନାହିଁ, କିନ୍ତୁ ଜ୍ଞାନ ଦେବାକୁ ଯାଇ ଯଦି ପିଲାର ଆଗ୍ରହ ନଷ୍ଟ କରାଯାଏ, ତେବେ ତାହା ଗ୍ରହଣୀୟ ନୁହେଁ। ଗଳ୍ପରେ ନାଟକୀୟତା ରହିଲେ ଭଲ କାରଣ ପିଲାର ଆଗ୍ରହ ବଢ଼ିବ। କାହାଣୀଟି କିପରି ପିଲାର ମନରେ ରୋମାଞ୍ଚ ସୃଷ୍ଟି କରିବ, ତା'ର ଉତ୍କଣ୍ଠା ବଢ଼ାଇବ ଏବଂ ପିଲାଟି ଗପ ପଢ଼ା ଅଧାରୁ ବନ୍ଦ ନକରିବ, ସେଥିପ୍ରତି ଲେଖକ ସତର୍କ ରହିବା ଜରୁରୀ। ପିଲା ଯଦି ଅଳ୍ପ ପଢ଼ୁପଢ଼ୁ ଗଳ୍ପର ଶେଷ କ'ଣ ହେବ, ତାହା ଅନୁମାନ କରିନେବ, ତେବେ ସେ ଗପ ଆଦୌ ସଫଳ ହେବ ନାହିଁ।

### ନିଜ ଭିତରେ ସମାଧାନ

ଗୋଟେ ଗାଁରେ ଦୁଇ ଭାଇ ରହୁଥିଲେ। ବଡ଼ ସନତ୍ ଆଉ ସାନ ସିକତ୍। ଦିହେଁ ଚାକିରି ପାଇଁ ବହୁତ ଆଡ଼େ ଚେଷ୍ଟା କରି ବିଫଳ ହେଲେ। ବଡ଼ ଭାଇ ସନତ୍ ସିକତ୍ କୁ କହିଲା ଚାଲ ଆମକୁ ତ ଚାକିରି ମିଳିଲା ନାହିଁ ଆଉ ଘରେ ନବସି ଚାଷବାସ କରିବା। ଦୁହେଁ ଏକ ମନରେ ଧାନ ସହିତ ପନିପରିବା ଚାଷ ଆରମ୍ଭ କଲେ। କିଛି ମାସ ପରେ ଭଲ ଦିପଇସା ଲାଭ ହେଲା। ଦିନେ ସିକତ୍ କହିଲା ଭାଇ ଆମେ ପରିବା ଦୋକାନଟେ କଲେ ଭଲ ହେବ। ଯାହା ଚାଷବାସ ହେବ ଆମ ନିଜ ଦୋକାନରେ ବିକ୍ରି ହେବ। ସନତ୍ ରାଜିହେଲା ସାନ ଭାଇ କଥାରେ। ଯୋଗକୁ ଦୋକାନ ଭଲ ଚାଲିଲା। ସନତ୍ ବିଲରେ ଯାହା ପନିପରିବା ଚାଷ କରେ ତାକୁ ସିକତ୍ କୁ ଦିଏ ବିକ୍ରୀ ପାଇଁ। ଯେଉଁ ଦିନ ବିଲରୁ ପରିବା ନମିଳେ ସେଦିନ ସିକତ୍ ଅନ୍ୟ ଚାଷୀ ମାନଙ୍କ ଠାରୁ ପରିବା କିଣିଦିଏ।

ଦୁଇ ଭାଇଙ୍କ ଆୟ ବଢ଼ିବା ଦେଖି ଆଖପାଖ ଲୋକ ଈର୍ଷା କଲେ। ଦୁଇ ଭାଇଙ୍କ ଭିତରେ କିପରି ଫାଟ ସୃଷ୍ଟି ହେବ କୌଶଳ ଖୋଜିଲେ। ସନତ୍ କୁ କହିଲେ ତୁମେ ବଡ଼, ବଡ଼ ଭାଇ ଭଳି ରୁହ। ତୁମେ ବିଲରେ ଅଧିକ ପରିଶ୍ରମ କରୁଛ ସେପଟେ ସିକତ୍ ଦୋକାନରେ ଆରାମ କରି ପଇସା ଗଣୁଛି। ଆଉ ସିକତ୍ କୁ କହିଲେ ତୋ ବଡ଼ ଭାଇ ବିଲରେ ଲୋକ ଲଗେଇ ନିଜେ ଆରାମ କରୁଛି ଆଉ ତୁ ଏପଟେ ଦୋକାନରେ ଦିନ ତମାମ ଖଟୁଚୁ। ଦେଖିବୁ ଦିନ ଆସିବ ସେ ଲ ସବୁ ବିଲବାରୀ ଅକ୍ତିଆର କରିନେବ ତୁ ଆଁ କରି ଚାହିଁଥିବୁ। ପ୍ରଥମେ ପ୍ରଥମେ ଦୁହେଁ ସବୁକଥା ଅଣଦେଖା କଲେ ହେଲେ ଲୋକ ସବୁବେଳେ କହିବାରୁ ମନକୁ ପାପ ଛୁଇଁଲା। ଆରମ୍ଭ ହେଲା ଦୁହିଁଙ୍କ ଭିତରେ ସନ୍ଦେହ। ସନତ୍ ଆଉ ସିକତ୍ ଭିନ୍ନେ ହେବାକୁ ସ୍ଥିର କଲେ। ବିଲରୁ ଯାହା ଆସିଲା ସନତ୍ ଅନ୍ୟ ବେପାରୀକୁ ବିକିଲା ତେଣୁ ସିକତ୍ କୁ ଅନ୍ୟ ଚାଷୀ ମାନଙ୍କଠାରୁ ପନିପରିବା କିଣିବାକୁ ପଡ଼ିଲା। ଗୋଟେଥର ବର୍ଷା ନହେବାରୁ ସନତ୍ ଚାଷବାସ ରେ ବହୁତ କ୍ଷତି ସହିଲା। ବଡ଼ ଦୟନୀୟ ହେଇଗଲା ତା ଅବସ୍ଥା। ଘରେ ଓଳିଏ ରାନ୍ଧିବାକୁ ବି କିଛି ମିଳିଲା ନାହିଁ। ଏକଥା ଶୁଣି ସାନ ଭାଇ ସିକତ୍‌ର ମନ କଷ୍ଟ ହେଲା। ସଙ୍ଗେ ସଙ୍ଗେ ବଡ଼ ଭାଇଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲା। ନିଜ ଭୁଲ୍ ପାଇଁ କ୍ଷମା ପ୍ରାର୍ଥନା କଲା। ବଡ଼ ଭାଇ କହିଲେ ଏସବୁ ଲାଗି ଆମେ ଦୁହେଁ ଦାୟୀ। ଆମେ ଆମ କଥା ନିଜ ଭିତରେ ସମାଧାନ କରିବାର ଥିଲା। ଅନ୍ୟ କଥାରେ ଭାସିଗଲେ ନିଜର କ୍ଷତି ହୋଇଥାଏ। ବାହାର ଲୋକଙ୍କ କଥା ଶୁଣି ନିଜ ଲୋକଙ୍କୁ ବିରୋଧ କରିବା ବୋକାମି ଯାହା ଆମ ସହିତ ଘଟିଛି। ସାନ ଭାଇ କହିଲା ଆଜ୍ଞା ଭାଇ ଠିକ୍ କହିଲେ ଚାଲ ଆମେ ପୂର୍ବ ପରି ଚଳିବା। ଆମେ ଦୁହେଁ ମିଶିକି ବିଲବାରୀ ଓ ଦୋକାନ କଥା ବୁଝାସୁଝା କରିବା। ଯେତେବେଳେ କିଛି ସୁବିଧା ଅସୁବିଧା ହେବ ନିଜ ଭିତରେ ସମାଧାନ କରିବା। ଆମ ଦୁଇ ଭାଇଙ୍କ ଏକତା ହିଁ ଆମ ଦୃଢ଼ତାର ପରିଚୟ। ଏଥର ଦୁଇ ଭାଇ ପୂର୍ବପରି ଚଳିଲେ ଆଉ ପାଖ ଲୋକଙ୍କ ମୁହଁରେ ଦୁଇ ଭାଇଙ୍କ ଏକାଠି ହେବା କଥା ଖୁବ୍ ଚର୍ଚ୍ଚା ଧରିଲା।



## ନାଆଁଟି ମୋର ବାଘ



ଦିବାକର ରାଉତ

ଘଞ୍ଚ ଜଙ୍ଗଲ ଓ ବଣ ପାହାଡ଼
ଲୁଚି ଛପି ବୁଲେ ବୁଦା ଉହାଡ଼
ଜୀବଜନ୍ତୁ ଦେଖି କରେ ଶିକାର
ଆନନ୍ଦରେ ମିଳେ ମୋତେ ଆହାର।
ସାରା ଜଙ୍ଗଲରେ ମୁଁ ଅଟେ ରାଜା
ଆଉ ଜୀବଜନ୍ତୁ ମୋହରି ପ୍ରଜା
ବିଲୁଆ କୁକୁର ହରିଣ ଝିଙ୍କ
ମୋତେ ଦେଖି ତାଙ୍କ ପଡ଼େ ଆତଙ୍କ।
ଶିକାରରେ କେହି ନୁହେଁ ମୋ ସରି
ଆଗରେ ପଡ଼ିଲେ ଖାଏ ମୁଁ ମାରି
ନଥାଏ ମୋ ଡର ଭୟ କାହାକୁ
ଶିକାର ଖୋଜି ମୁଁ ଚାଲେ ଆଗକୁ।
ଶତ୍ରୁତା କରେ ଯେ ମୋ ସହିତ
ଲମ୍ଫ ମାରି କରେ ତାକୁ ଆହତ,
ପ୍ରାଣ ବିକଳରେ ଯାଏ ସେ ଦୌଡ଼ି
ନହେଲେ ଦିଏ ତା ବେକକୁ ମୋଡ଼ି।
ପ୍ରତି ବର୍ଷ ହୁଏ ଆମ ଗଣନା
କମିଲେ ବିଦେଶୁ ହେଉ ଭରଣା
ସରକାରଙ୍କର ଏହି ଶୋଚନା
ଆମ ବଂଶ ରକ୍ଷା ପାଇଁ ଯୋଜନା।
ଆମରି ଛାଲର ଚାହିଦା ଭାରି
ସେ ପାଇଁ ଦିଅନ୍ତି ଆମକୁ ମାରି
ଯଦି କମିଯାଏ ଆମରି ସଂଖ୍ୟା
ଜୀବ ସନ୍ତୁଳନ ହେବକି ରକ୍ଷା!
ପଶୁଙ୍କ ଭିତରେ ମୁଁ ବଳୀୟାନ
ମୋ ପାଇଁ ଦିବସ ହୁଏ ପାଳନ
ଆମ ରକ୍ଷା ପାଇଁ ଜାଗରେ ଜାଗ
ଜାତୀୟ ପଶୁରେ ଗଣା ମୁଁ ବାଘ।

**ପ୍ଲଟ୍ ନଂ-୫୦୯-ଏ, କାନନ ବିହାର**
**ଫେଜ୍-୨, ଭୁବନେଶ୍ୱର**
**ମୋ: ୯୪୩୭୬୪୫୧୫୩**



## ନଭେମ୍ବର ମାସ ଆସିଛି



ଡ. ବିଜୟା ପାତ୍ର (ସ୍ୱାଇଁ)

ନଭେମ୍ବର ଆସିଗଲା କେତେ ଖୁସି ଆଣିଛି
ପୂଜା, ପର୍ବ, ଉତ୍ସବର ରଙ୍ଗ କେତେ ବୁଣିଛି।
ଏଇ ମାସେ କାର୍ତ୍ତିକର ପୁନେଇଁଟି ରହିଛି
ବୋଇତକ ଭସାଇବି ବୋଲି ମୁହିଁ ଚାହିଁଛି।
ପଞ୍ଚୁକ ଓ ବଡ଼ଓଷା, ଯାନିଯାତ୍ରା ହେଉଛି
ଦିଅଁ ଦରଶନ କରି ଭକ୍ତ ସୁଖ ପାଉଛି।
ଆକାଶଟା ନିରିମଳ ସଫା ସଫା ଦିଶୁଛି
ବେଳେବେଳେ ମେଘଖଣ୍ଡେ ଗଗନରେ ଭାସୁଛି।
ଶୀତ ମାଉସୀଟି ଧୀରେ ଧରା ଧାମେ ପଶୁଛି
ବଗିଚାରେ ନାନା ଜାତି ଫୁଲ ଫୁଟି ବାସୁଛି।
ମାର୍ଗଶୀର ଗୁରୁବାର ପଛେ ପଛେ ଆସୁଛି
ମାଆ ଲକ୍ଷ୍ମୀ ପୂଜା ହେବେ ଧାନକେଣ୍ଡା ହସୁଛି।
ପ୍ରଥମାଷ୍ଟମୀ ଓ ବାଟ ଓଷା ଖୁସି ଦେଉଛି
ନୂଆ ଜାମା, ପିଠା, ମିଠା ଭାର ଆସି ଯାଉଛି।
ଶିଶୁ ଦିବସଟି ଏଇ ମାସେ ଆସି କହୁଛି
ନେହେରୁଙ୍କ କଥା ଶୁଣି ମନେ ସୁଖ ପାଉଛି।
ନଭେମ୍ବର ପ୍ରତିଦିନ ଏମିତିକା ଲାଗୁଛି
ପରହିତ କରିବାକୁ ମନେ ଆଶା ଜାଗୁଛି।

**କୋଟି ତୀର୍ଥ ଲେନ୍, ଭୁବନେଶ୍ୱର-୨**
**ମୋ: ୯୪୩୭୦୧୪୩୨୨**

## ଅଜା ଆଈଙ୍କର ଯାତରା ଦେଖା



ମନୋରମା ମିଶ୍ର

ଅଜା ଆଈ ଗଲେ ଯାତରା ଦେଖି,
ଟଙ୍କା ପଇସାକୁ ପାଖରେ ରଖି।
ଅଜା ଧରିଥିଲେ ହାତରେ ବାଡ଼ି,
ଆଈ ପିନ୍ଧିଥିଲେ ସିଲିକ୍ ଶାଢ଼ି।
ଗୋଲାପ ଫୁଲଟି ଖୋସାରେ ଖୋସି,
ଚାହୁଁଥିଲେ ଆଈ ଅଳପହସି।
ମୋବାଇଲ୍ ଫୋନ୍ ପକେଟେ ରଖି,
ବାହାରିଲେ ଅଜା ଆଈଙ୍କୁ ଡାକି।
ଯାହା ଚପଲକୁ ପିନ୍ଧିଲେ ଯିଏ,
ଅଟୋଟିଏ ଡାକି ବସିଲେ ଦୁହେଁ।
ଯାତରା ଜାଗାରେ ପହଞ୍ଚିଯାଇ
ଟିକେଟ କିଣିଲେ ଦୁହିଁଙ୍କ ପାଇଁ।
ଚଉକିରେ ପାଖାପାଖି ବସିଲେ
ଯାତ୍ରା ଦେଖି ଦୁହେଁ ଭାରି ହସିଲେ।
ଆଈ କହୁଥିଲେ ଲାଗିଲା ଖୁସି
ଅଜା କହୁଥିଲେ ବହୁତ ବେଶି।
କେତେ ଦିନ ପରେ ଯାତରା ଦେଖି
ଫେରିଲେ ହାତରେ ହାତକୁ ରଖି।

**ନୀଳାଦ୍ରିବିହାର, ଭୁବନେଶ୍ୱର**
**ମୋ: ୯୮୬୧୫୬୮୫୩୨**

## ଭାରତର ସ୍କଟଲାଣ୍ଡ

ପ୍ରାକୃତିକ ଶୋଭା ବିଶେଷ କରି ସୁଦୃଶ୍ୟ ପର୍ବତମାଳା, ଶୀତଳ ପରିବେଶ ଓ ଅନ୍ୟ କେତେକ ପ୍ରାକୃତିକ ସଂପଦ ପାଇଁ ସ୍କଟଲାଣ୍ଡ ବିଶ୍ୱର ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀ ରୂପେ ପରିଚିତ। ତେଣୁ ଏହି ସବୁ ସୁବିଧା ସୁଯୋଗ ଥିବା କର୍ଣ୍ଣାଟକର 'କୋଦାଗୁ'କୁ ଭାରତର ସ୍କଟଲାଣ୍ଡ କୁହାଯାଏ। ତେବେ କୋଦାଗୁ ବିଶେଷ ଭାବେ 'କୁର୍ଗ' ନାମରେ ପରିଚିତ। ସଂପୂର୍ଣ୍ଣ ଶୀତଳ ବାତାବରଣ, ସୁଦୃଶ୍ୟ ପର୍ବତମାଳା ଓ ଗଛବୃଚ୍ଛପୂର୍ଣ୍ଣ ସବୁଜିମାମୟ ପରିବେଶ ପର୍ଯ୍ୟାଟକମାନଙ୍କୁ ମୁଗ୍ଧ କରିଥାଏ। ସୁସ୍ୱାଦୁ କଫି ପାଇଁ ମଧ ଏହି ସ୍ଥାନ ବେଶ୍ ପ୍ରସିଦ୍ଧ। ଏଠାରେ ବହୁ ପରିମାଣରେ କଫି ଚାଷ ହୋଇଥାଏ। ପବିତ୍ର ନଦୀ କାବେରୀ ମଧ କୁର୍ଗରୁ ହିଁ ବାହାରିଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଏହାର ଐତିହ୍ୟ ରପମ୍ପରା ମଧ ବେଶ୍ ସମୃଦ୍ଧ। କୁର୍ଗ ହେଉଛି ପଶ୍ଚିମ ଘାଟ ପର୍ବତମାଳାର ଏକ ଅଂଶ।



## ଆସ ବୁଲିଯିବା

## ମହାପୁରୁଷ ଶିଶୁ ଅନନ୍ତ ଦାସଙ୍କ ପୀଠ



ରଘୁନନ୍ଦନ ମହାପାତ୍ର

ଆମ ଭୁବନେଶ୍ୱରଠାରୁ ପ୍ରାୟ ୨୦ କି.ମି. ଦୂରରେ 'ବାଲିପାଟଣା' ନାମକ ଗ୍ରାମର କେନାଲ ରୋଡ୍ ପାଖରେ ରହିଛି ଜଣେ ମହାପୁରୁଷଙ୍କ ପୀଠ। ଓଡ଼ିଆ ଭକ୍ତି ସାହିତ୍ୟ ରଚନା କରି କାଳକାଳକୁ ଯଶ ଅର୍ଜନ କରିଥିଲେ ଯଶସ୍ୱୀ 'ପଞ୍ଚସଖା।' ତାଙ୍କ ମଧ୍ୟରୁ 'ଶିଶୁ ଅନନ୍ତ ଦାସ' ନାମରେ ପରିଚିତ ସେହି ମହାପୁରୁଷଙ୍କ ପୀଠ ଏକ ଦର୍ଶନୀୟ କ୍ଷେତ୍ର ହୋଇଛି। ଯାହା ଜଣାଯାଏ ୧୪୮୮ ମସିହାରେ (ଡିସେମ୍ବର ୧୫ ତାରିଖ ଦିନ) ସେହି ମହାତ୍ମା ଜନ୍ମ ଗ୍ରହଣ କରିଥିଲେ। କିନ୍ତୁ ସେ ୧୪୭୫ ମସିହା ପାଖାପାଖି ସମୟରେ ଜନ୍ମ ନେଇ ଥିଲେ ବୋଲି କେତେକ ଗବେଷକ ମତ ଦିଅନ୍ତି। ଶିଶୁ ଅନନ୍ତ ଦାସଙ୍କର ଜୀବନ ସେହି ସମୟର ଧର୍ମଧାରଣାକୁ ନେଇ ସମାଜ ସଂସ୍କାର ଦିଗରେ ଅଗ୍ରସର ହୋଇଥିଲା।

ଅତ୍ୟନ୍ତ ଶାନ୍ତ ସ୍ୱଭାବ ତଥା ଶିଶୁ ସୁଲଭ ଗୁଣ କାରଣରୁ ଶିଶୁ ଅନନ୍ତ ଭାବରେ ସେ ବେଶ୍ ଜଣାଶୁଣା ହେଲେ। କେହି କେହି କହିଥାନ୍ତି ଶ୍ରୀ ଚୈତନ୍ୟ ଦେବ ଅନନ୍ତ ଦାସଙ୍କୁ 'ଶିଶୁ' ବୋଲି ସମ୍ବୋଧନ କରିଥିବା କାରଣରୁ ସେ 'ଶିଶୁ ଅନନ୍ତ ଦାସ' ନାମରେ ପରିଚିତ ହେଲେ।

ଶିଶୁ ଅନନ୍ତ ଦାସ ଅନେକ ଭକ୍ତି ଗୀତ, ଚଉତିସା, କାବ୍ୟ ରଚନା କରି ଭକ୍ତି ସାହିତ୍ୟକୁ ଭେଟି



ଦେଇଛନ୍ତି। 'ହେତୁ ଉଦତ ଭାଗବତ', 'ଅଣାକାର ଶବ୍ଦ' ଇତ୍ୟାଦି ବହୁ ଗ୍ରନ୍ଥ ତାଙ୍କର ଅନନ୍ୟ କୃତି। ଏବିଷୟରେ ବଡ଼ ହୋଇ ଅଧିକ ଜାଣିବ ପ୍ରାଚୀନ ସାହିତ୍ୟର କଥା। ଯାହା ଜଣାଯାଏ ଶିଶୁ ଅନନ୍ତ ଦାସ ଓ ତାଙ୍କର ଶିଷ୍ୟ ସିଦ୍ଧବାରଙ୍ଗ ଖଣ୍ଡଗିରିଠାରେ ଅବସ୍ଥାନ କରୁଥିଲେ। ପରବର୍ତ୍ତୀ କାଳରେ ଆପଣାର ବାଲିପାଟଣା ଗ୍ରାମକୁ ଆସି ସମାଧି ପ୍ରାପ୍ତ ହୋଇଥିଲେ।

ସେହି ଗ୍ରାମର ଅନତି ଦୂରରେ ଏକ ପୁରୁଣା ସାହାଡ଼ା ବୃକ୍ଷ ରହିଛି। ପ୍ରାଚୀନ ସେହି ସାହାଡ଼ା ବୃକ୍ଷର ଛାୟାଶୀତଳ ପରିବେଶରେ ଶିଶୁ ଅନନ୍ତ ଦାସଙ୍କ ସମାଧି ରହିଛି। ଶିଶୁ ଅନନ୍ତଙ୍କର ଏକ ମୂର୍ତ୍ତି ଓ ଅନନ୍ତ ସର୍ପଙ୍କ ମଥା ଫଣା ଟେକି ରହିଥିବାର ଦୃଶ୍ୟ ଭକ୍ତ ତଥା ଭ୍ରମଣକାରୀଙ୍କ ମନ ଛୁଇଁଥାଏ। ସନ୍ଧ୍ୟା ସକାଳ ପ୍ରାୟ ସବୁ ସମୟରେ ସ୍ଥାନୀୟ ଗ୍ରାମବାସୀ ସମାଧି ପୀଠରେ ଦୀପଦାନ କରିଥାନ୍ତି। ପରିବେଶ ବେଶ୍ ଶାନ୍ତ ଲାଗେ। ସେହି ପୀଠରେ ନିର୍ମାଣ କରାଯାଇଅଛି ଶ୍ରୀରାଧାକୃଷ୍ଣଙ୍କ ସୁଉଚ୍ଚ ଭବ୍ୟ ମନ୍ଦିର। ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ମନ୍ଦିର ଗର୍ଭଗୃହରେ ପୂଜା ପାଉଛନ୍ତି। ପରିକ୍ରମା ପଥରେ ପାର୍ଶ୍ୱ ଦେବଦେବୀ ରହିଛନ୍ତି। ସେହି ପରିସରରେ ଏକ ଭଜନ ମଣ୍ଡପ ରହିଛି। ସ୍ଥାନୀୟ ଲୋକ ବିଶ୍ୱାସ ରହିଛି ପୀଠର ମାଟିଧୂଳି ସ୍ପର୍ଶରେ ମନୋବାଞ୍ଛା ପୂରଣ ହୋଇଥାଏ। ସେହି ମହାପୁରୁଷଙ୍କ ପୀଠ ଏବେ ଏକ ଦର୍ଶନୀୟ କ୍ଷେତ୍ର ହୋଇ ଭକ୍ତ ତଥା ଭ୍ରମଣକାରୀଙ୍କ ମନଛୁଇଁ ପାରିଛି।

**ଡାକବଙ୍ଗଳା ଛକ, ପୁରୁଣା ଭୁବନେଶ୍ୱର-୨**
**ମୋ: ୯୪୩୯୭୧୯୮୭୯**

## ତୁମ ପାଇଁ ବହି




### ନନ୍ଦନ କାନନ

ସଂପାଦକ: ସରଳା ପତ୍ରୀ
ଠିକଣା: ୧/୨୭୧, ନୂଆପଲ୍ଲୀ, ଭୁବନେଶ୍ୱର-୧୫
ମୂଲ୍ୟ: ୨୫ ଟଙ୍କା

ଏହି ଶିଶୁ ପତ୍ରିକାର ନଭେମ୍ବର-ଡିସେମ୍ବର ସଂଖ୍ୟା ବଜାରକୁ ଆସିଛି। ଏଥିରେ ରାଜ୍ୟର ବିଶିଷ୍ଟ ଲେଖକମାନଙ୍କ ସୁନିର୍ବାଚିତ ଗଳ୍ପ କବିତା ପ୍ରକାଶ ପାଇଛି। ଏଥି ସହିତ ରହିଛି ଦେଶ ଦେଶର ଖବର, ରାମାୟଣ କାହାଣୀ, ଚିତ୍ରକଥା, ରାଜାଘର କାହାଣୀ, ଶିଶୁ ନାଟକ ଆଦି ଭିନ୍ନ ରୁଚିର ଅନ୍ୟ କେତେକ ଲେଖା। ପ୍ରାୟ ସବୁ ଲେଖା ଶିକ୍ଷଣୀୟ ଏବଂ ପିଲାମାନଙ୍କର ମନୋରଞ୍ଜନରେ ନିଶ୍ଚୟ ସହାୟକ ହେବ।

## କୁନାକୁନିଙ୍କ ଚିତ୍ର





ଆକୃତି ମହାନ୍ତି
କ୍ଲାସ୍-୬, ଭୀମଟାଙ୍ଗୀ
ସରସ୍ୱତୀ ଶିଶୁମନ୍ଦିର, ଭୁବନେଶ୍ୱର



ଶିବଂଶ ସାହୁ
କ୍ଲାସ୍-୨,
ଷ୍ଟେଟ୍ ବିଗ୍ରେଡ୍ ସ୍କୁଲ, ନିମାପଡ଼ା,
ଜି:ପୁରୀ



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com





ରାଜ୍ୟ କାର୍ଯ୍ୟାଳୟରେ ବିଜୟ ଉତ୍ସବ ପାଳୁଛନ୍ତି ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ



ନୂଆପଡ଼ାର ବିଜୟୀ ପ୍ରାର୍ଥୀ ଜୟ ଢୋଲକିଆ ଗ୍ରହଣ କରୁଛନ୍ତି ବିଜୟ ପ୍ରମାଣପତ୍ର

## ବିହାରରେ ଜନତା ଜଙ୍ଗଲରାଜକୁ କଲେ ପ୍ରତ୍ୟାଖ୍ୟାନ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୪।୧୧/ଏନ୍‌ଏନ୍‌ଏସ୍:** ବିହାର ବିଧାନସଭା ନିର୍ବାଚନରେ ଏନଡିଏ ମେଣ୍ଟର ଐତିହାସିକ ବିଜୟ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ବିହାର ନିର୍ବାଚନ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନ ଜନସାଧାରଣ, ବିଜେପିର ଶୀର୍ଷ ନେତୃତ୍ୱ ତଥା କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପ୍ରଧାନ ବିହାର ବିଧାନସଭା ନିର୍ବାଚନ ଫଳାଫଳ ସମ୍ପର୍କରେ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ସ୍ପଷ୍ଟ ଓ ନିର୍ଣ୍ଣାୟକ ଜନାଦେଶ ଦେଇଥିବାରୁ ବିହାରର ମହାନ ଜନତାଙ୍କୁ ଧନ୍ୟବାଦ। ବିହାରର ଜନତା ପୁଣି ଥରେ ପ୍ରମାଣିତ କରିଛନ୍ତି ଯେ ବିକାଶ, ସୁଶାସନ ଏବଂ ସ୍ଥାୟୀ ସରକାର ହିଁ ସେମାନଙ୍କର ପ୍ରାଥମିକତା । ଏନ୍‌ଡିଏକୁ ମିଳିଥିବା ଏହି ପ୍ରଚଣ୍ଡ ଜନାଦେଶ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱରେ ଡବଲ୍ ଇଞ୍ଜିନ ସରକାରର ଜନକଲ୍ୟାଣକାରୀ ନୀତିଗୁଡ଼ିକ ଉପରେ ସାଧାରଣ ଜନତାଙ୍କ ବଡ଼ ମୋହର । ବିହାରର ଜନତା ଜଙ୍ଗଲରାଜ, ଜାତିବାଦ, ପରିବାରବାଦ ଏବଂ ନକାରାତ୍ମକ ରାଜନୀତିକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରି ନିରନ୍ତର ପ୍ରଗତି ଏବଂ 'ବିକଶିତ ବିହାର'ର ମାର୍ଗକୁ ବାଛିଛନ୍ତି ବୋଲି ଏହି ବିଜୟ ଦର୍ଶାଉଛି। ଧର୍ମେନ୍ଦ୍ର କହିଛନ୍ତି ଯେ ଏହି ଐତିହାସିକ ବିଜୟ ଏନଡ଼ିଏର ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମ, ସମର୍ପଣ ଏବଂ ଜନତାଙ୍କ ପ୍ରତି ନିଷ୍ଠାର ପ୍ରତିଫଳନ। ଏହି ଅଭୂତପୂର୍ବ ବିଜୟ ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଗୃହମନ୍ତ୍ରୀ ଅମିତ ଶାହା, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ବିହାର ପ୍ରଦେଶ ନେତୃତ୍ୱ ସହିତ ଏନଡ଼ିଏର ସମସ୍ତ ନେତା ଓ କାର୍ଯ୍ୟକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଶ୍ୱ ମଧୁମେହ ଦିବସ

**ଭୁବନେଶ୍ୱର,୧୪।୧୧/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ରୋଡସ୍ଥିତ ମଣ୍ଡଳ ରେଳ ହସ୍ପିଟାଲରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଶ୍ୱବ୍ୟାପୀ ବିଷୟବସ୍ତୁ 'ମଧୁମେହ ଏବଂ ସୁସ୍ଥତା' ରେଳବାଇ ହିତାଧିକାରୀ, କର୍ମଚାରୀ ଏବଂ ରୋଗୀମାନଙ୍କ ପାଇଁ ଆୟୋଜିତ ଦିନିକିଆ ସଚେତନତା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା।



ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ରୋଡ ରେଳମଣ୍ଡଳ ମୁଖ୍ୟ ଚିକିତ୍ସା ଅଧୀକ୍ଷକ (ସିଏମ୍‌ଏସ୍) ଡକ୍ଟର ସବିତା ସତପଥୀ ଉଦ୍‌ଘାଟନ କରି ମଧୁମେହ ପରିଚାଳନାରେ ପ୍ରାରମ୍ଭିକ ଚିହ୍ନଟ, ଜୀବନଶୈଳୀ ପରିବର୍ତ୍ତନ ଏବଂ ସାମଗ୍ରିକ ସୁସ୍ଥତାର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ଡକ୍ଟର ସତପଥୀ ସାଧାରଣ ଲୋକଙ୍କ ମଧ୍ୟରେ ମଧୁମେହର ବଢୁଥିବା ବୋଝକୁ ଏଡ଼ାଇବା ପାଇଁ ନିରନ୍ତର ସଚେତନତାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ମଧ୍ୟରେ ଭୁବନେଶ୍ୱର ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ବର୍ଷର ଡି.ଫାର୍ମା ଛାତ୍ରଛାତ୍ରୀମାନଙ୍କ ସହଯୋଗରେ ରେଳମଣ୍ଡଳ ହସ୍ପିଟାଲ୍‌ର ଓପିଡି କମ୍ପ୍ଲେକ୍ସରେ ଏକ ମଧୁମେହ ଖାଦ୍ୟ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ମୋଟ ୧୦ଟି ଶିକ୍ଷାଗତ ଷ୍ଟଲରେ ମଧୁମେହ ବିଷୟରେ ବ୍ୟାପକ ସୂଚନା ପ୍ରଦର୍ଶିତ କରାଯାଇ ଏହାର ଲକ୍ଷଣ, ନିର୍ଣ୍ଣୟ, ଜଟିଳତା, ପରିଚାଳନା ଏବଂ ଚିକିତ୍ସା ସମ୍ବନ୍ଧରେ ଅବଗତ କରାଯାଇଥିଲା। ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ସହିତ ଅନ୍ୟାନ୍ୟ ରେଳ ଅଧିକାରୀମାନେ ମଧ୍ୟ ଏହି ପ୍ରଦର୍ଶନୀ ପରିଦର୍ଶନ କରିଥିଲେ ଏବଂ ଦଳର ପ୍ରୟାସକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ଫାର୍ମାସି ବିଭାଗର ଡକ୍ଟର ଜ୍ୟୋତ୍ସ୍ନାରାଣୀ ଦାଶ, ସୁଶ୍ରୀ ସୁଚରିତା ବାବୁ, ଡକ୍ଟର ବୀଣାପାଣି ବାରିକ ଏବଂ ପ୍ରଫେସର (ଡକ୍ଟର) କୀର୍ତ୍ତିମାୟା ମିଶ୍ର ଏବଂ ପ୍ରଫେସର (ଡକ୍ଟର) କୀର୍ତ୍ତିମୟ ମିଶ୍ର ସଫଳତାର ସହିତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର କର୍ମଚାରୀମାନେ ଖୋର୍ଦ୍ଧା ରୋଡ୍ ସ୍ଥିତ ରେଳମଣ୍ଡଳର ମଣ୍ଡଳ ରେଳ ହସ୍ପିଟାଲର ଡାକ୍ତରୀ କର୍ମଚାରୀଙ୍କ ସହିତ ଘନିଷ୍ଠ ସହଯୋଗରେ କାର୍ଯ୍ୟ କରିଥିଲେ ଯାହା କାର୍ଯ୍ୟକ୍ରମର ସୁଗମ ଏବଂ ପ୍ରଭାବଶାଳୀ ପରିଚାଳନା ସୁନିଶ୍ଚିତ କରିଥିଲା।

# 'ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା'ରେ 'ଓଡ଼ିଶା ମଣ୍ଡପ' ଉଦ୍‌ଘାଟିତ

### ପ୍ରବେଶ ଦ୍ୱାରରେ ଶ୍ରୀମନ୍ଦିର ସିଂହଦ୍ୱାର ଆକୃତିର ତୋରଣ

**ଭୁବନେଶ୍ୱର,୧୪।୧୧/ଏନ୍‌ଏନ୍‌ଏସ୍:** ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆୟୋଜିତ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ବିଶେଷ ଆକର୍ଷଣ ସାଜିଛି 'ଓଡ଼ିଶା ମଣ୍ଡପ'। ଶୁକ୍ରବାର ଏହାକୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ମେଳାରେ ପ୍ରଦର୍ଶନ କରାଯାଉଛି। ଓଡ଼ିଶା ସବୁବେଳେ ମହିଳା ଶକ୍ତିଙ୍କୁ ଗୁରୁତ୍ୱ ଦେଇ ଆସୁଛି। ଚଳିତ ବର୍ଷ ଏହି ମେଳାର ବିଭିନ୍ନ ଷ୍ଟଲରେ ମହିଳାଙ୍କ ଉପସ୍ଥିତି ଏକଥାକୁ ପ୍ରମାଣିତ କରୁଛି ବୋଲି ଓଡ଼ିଶା ମଣ୍ଡପ ଉଦ୍‌ଘାଟନ ଅବସରରେ କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା। ନୂଆଦିଲ୍ଲୀରେ

### ସ୍ଥାନ ପାଇଛି ୨୮ ଷ୍ଟଲ୍

ବିଭିନ୍ନ ଷ୍ଟଲ ବୁଲି ଦେଖିବା ସହ 'ଓଡ଼ିଶା ମଣ୍ଡପ'ର ଆକର୍ଷଣୀୟ ଡିଜାଇନ୍‌କୁ ପ୍ରଶଂସା କରିଥିଲେ।

ଏଥର 'ଓଡ଼ିଶା ମଣ୍ଡପ' ବେଶ୍ ଆକର୍ଷଣୀୟ ହୋଇଛି। ଏଠାରେ ରାଜ୍ୟର ଅନନ୍ୟ କଳା, ସଂସ୍କୃତି, ଐତିହ୍ୟ ସାଙ୍ଗକୁ କୃଷି, ଶିଳ୍ପ ଓ ବାଣିଜ୍ୟ ତଥା ରାଜ୍ୟର ସାମଗ୍ରିକ ବିକାଶର ଛବି ପ୍ରତିଫଳିତ ହେଉଛି। ଓଡ଼ିଶାର ଅନନ୍ୟ ହସ୍ତତନ୍ତ ଓ ଗ୍ରାମୀଣ ଉତ୍ପାଦ, ସୁଭଦ୍ରା ଶକ୍ତି ମହିଳାଙ୍କ ହାତ ତିଆରି ଜିନିଷ ଏହି ବାଣିଜ୍ୟ ନଭେମ୍ବର ୧୪ରୁ ୨୭ ତାରିଖ ଯାଏଁ ଚାଲିବ 'ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା'। ଏଥର ଭାରତ ମଣ୍ଡପମର ହଲ୍ ନମ୍ବର-୪ରେ ସ୍ଥାନ ପାଇଛି 'ଓଡ଼ିଶା ମଣ୍ଡପ'। ଏ ବର୍ଷର ଥିମ୍ ରହିଛି 'ଏକ ଭାରତ ଶ୍ରେଷ୍ଠ ଭାରତ'। ଓଡ଼ିଆ ଅସ୍ମିତାର ପ୍ରତୀକ ମହାପ୍ରଭୁ ଶ୍ରୀ ଜଗନ୍ନାଥ। ଉତ୍କଳୀୟ ସ୍ଥାପତ୍ୟ କଳାର ନିଦର୍ଶନ ହେଉଛି ଶ୍ରୀମନ୍ଦିର। ଏଥର ଓଡ଼ିଶା ମଣ୍ଡପର ମୁଖ୍ୟ ପ୍ରବେଶ ଦ୍ୱାରରେ ଶ୍ରୀମନ୍ଦିର ସିଂହଦ୍ୱାର ଆକୃତିର ତୋରଣ ଶୋଭାପାଉଛି। ସେହିପରି



ଆଉ ଏକ ପ୍ରବେଶପଥରେ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ଦର୍ଶାଉଥିବା 'ବୋଇତ' ଆକୃତିର ତୋରଣ ମଧ୍ୟ ନିର୍ମାଣ କରାଯାଇଛି। ଓଡ଼ିଶା ମଣ୍ଡପ ଭିତରେ ଧଉଳିର ଶାନ୍ତିସ୍ତୂପ ଓ ଡୋକ୍ରା କାରିଗରି ସାଙ୍ଗକୁ ଆଧୁନିକ ଜାହାଜର ପ୍ରତିରୂପ ଦେଶ ବିଦେଶର ଦର୍ଶକଙ୍କୁ ଆକର୍ଷିତ କରୁଛି। ମଣ୍ଡପରେ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ସହଯୋଗୀ ସଂସ୍ଥା ପକ୍ଷରୁ ମୋଟ ୨୮ଟି ଷ୍ଟଲ୍ ରହିଛି। ଏଥିରେ ଅନନ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ସହିତ ଓରମାସ୍ ଦ୍ୱାରା ପ୍ରସ୍ତୁତ ଗ୍ରାମୀଣ ଉତ୍ପାଦ, ସୁଭଦ୍ରା ଶକ୍ତି ମା'ଙ୍କ ହାତ ତିଆରି ସାମଗ୍ରୀ, କୋରାପୁଟ କଫି ଏବଂ ପୁଷ୍ଟିଶସ୍ୟ ଖାଦ୍ୟ ପଦାର୍ଥ ଆଦି ସ୍ଥାନ ପାଇଛି। ସେହିପରି 'ଓଡ଼ିଶା ମଣ୍ଡପ'ରେ ରାଜ୍ୟର ଅନନ୍ୟ ହସ୍ତକଳା ଓ ହସ୍ତଶିଳ୍ପ ସାମଗ୍ରୀର ଲାଇଭ୍ ଡେମନ୍‌ଷ୍ଟ୍ରେସନ୍ ଆଉ ଏକ ଆକର୍ଷଣ ପାଲଟିଛି। ଏଠାରେ ଓଡ଼ିଶାର କାରିଗରମାନେ ପଟ୍ଟଚିତ୍ର, ତାରକସି, ସବାଇ ଘାସ ଓ ଲାଖରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରି ପ୍ରଦର୍ଶନ କରୁଛନ୍ତି। ଏହାସହ ଓଡ଼ିଶା ପ୍ରସିଦ୍ଧ ରସଗୋଲା, ଛେନାପୋଡ଼, ଛେନା ଝିଲି ଏବଂ ଦହିବରା ଆଳୁଦମ ଆଦିର ମଜା ନେବା ପାଇଁ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯାଇଛି। କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରେ ଅବସ୍ଥାପିତ ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ରିତୁ ଅରୋରା, ଅତିରିକ୍ତ ଆବାସିକ ଆୟୁକ୍ତ ସୁଚରିତା ଷଡ଼ଙ୍ଗୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ ବୈଷୟିକ ଗୁରୁବୀର ସିଂ, ଓଡ଼ିଶା ମଣ୍ଡପର ନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ପୂର୍ବତଟ ରେଳପଥ ଦ୍ୱାରା ଜନଜାତୀୟ ଗୌରବ ଦିବସ

**ଭୁବନେଶ୍ୱର,୧୪।୧୧/ଏନ୍‌ଏନ୍‌ଏସ୍:** ଭାରତର ଆଦିବାସୀ ନାୟକମାନଙ୍କ ବୀରତ୍ୱ, ଦୂରଦୃଷ୍ଟି ଏବଂ ଅସାଧାରଣ ଅବଦାନ ପ୍ରତି ଏକ ଉତ୍ସାହୀ ଶ୍ରଦ୍ଧାଞ୍ଜଳି ସ୍ୱରୂପ, ଜନଜାତୀୟ ଗୌରବ ବର୍ଷ ପଖୱାଡା ୨୦୨୫ ନଭେମ୍ବର ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ପାଳିତ ହେଉଛି। ଏହି ଦୁଇ ପକ୍ଷ ଧରି ପାଳନ ବର୍ଷବ୍ୟାପୀ ଜନଜାତୀୟ ଗୌରବ ବର୍ଷର ଏକ ଅବିଚ୍ଛେଦ୍ୟ ଅଂଶ, ଯାହା ଭାରତର ସବୁଠାରୁ ପୂଜ୍ୟ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ଏବଂ ଉପନିବେଶବାଦୀ ପ୍ରଭୁତ୍ୱ ବିରୁଦ୍ଧରେ ପ୍ରତିରୋଧର ଏକ ସ୍ଥାୟୀ ପ୍ରତୀକ - ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀକୁ ସ୍ମରଣ କରେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ଆଦିବାସୀ ସମ୍ପ୍ରଦାୟର ଐତିହାସିକ ଭୂମିକା ଏବଂ ସାଂସ୍କୃତିକ ସମୃଦ୍ଧିକୁ ସ୍ୱୀକାର କରି ସେମାନଙ୍କର ସାହସ, ଐତିହ୍ୟ ଏବଂ ରାଷ୍ଟ୍ର ନିର୍ମାଣର କାହାଣୀକୁ ଜାତୀୟ ଚେତନା ସହିତ ଜଡ଼ିତ କରିବା ପାଇଁ ଜନଜାତି ଗୌରବ ବର୍ଷ ପାଳନ କରିବାର ଘୋଷଣା କରିଥିଲେ। ତାଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଭାରତ ସରକାର ପ୍ରତିବର୍ଷ ନଭେମ୍ବର ୧୫ ତାରିଖରେ ଜନଜାତି ଗୌରବ ଦିବସକୁ ପ୍ରତିଷ୍ଠା କରିଥିଲେ, ଯାହା ଦ୍ୱାରା ଭଗବାନ ବିର୍ସା ମୁଣ୍ଡା ଏବଂ ଅନ୍ୟାନ୍ୟ ଜନଜାତି ପ୍ରତୀକଙ୍କ ଐତିହ୍ୟ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଯୋଗାଇବ। ଦେଶବ୍ୟାପୀ ଉତ୍ସବ ଏବଂ 'ଆଦିବାସୀଙ୍କୁ ସଶକ୍ତ କରିବା, ଭାରତକୁ ପରିବର୍ତ୍ତନ କରିବା' ବିଷୟବସ୍ତୁ ସହିତ ସମନ୍ୱୟ ରଖି ପୂର୍ବତଟ ରେଳପଥ ଏହାର ମୁଖ୍ୟାଳୟ, ରେଳ ସଦନ, ଭୁବନେଶ୍ୱରରେ ଜନଜାତୀୟ ଗୌରବ ଦିବସ ପାଳନ କରିଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ବିଏସକେ ରାଜକୁମାର ଅଧ୍ୟକ୍ଷତା କରିଥିଲେ ଏବଂ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରେଳ ସଦନର ନର୍ଥ ବ୍ଲକ୍ର ଆଟ୍ରିଅମ୍‌ରେ ଏକ ପ୍ରାଣବନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା ପାରମ୍ପରିକ ଆଦିବାସୀ କଳାକୃତି ଏବଂ ସାଂସ୍କୃତିକ ବସ୍ତୁ, ଆଦିବାସୀ କାରିଗରଙ୍କ ଦ୍ୱାରା ନିର୍ମିତ ହସ୍ତଶିଳ୍ପ ସାମଗ୍ରୀ, ଆଦିବାସୀ ଜୀବନଶୈଳୀ ଏବଂ ପରମ୍ପରାକୁ ପ୍ରତିଫଳିତ କରୁଥିବା ସ୍ଥାନୀୟ ଭାବରେ ନିର୍ମିତ ଉତ୍ପାଦ, ଆଦିବାସୀ ଇତିହାସ, ଐତିହ୍ୟ ଏବଂ ଭାରତର ବିକାଶରେ ସେମାନଙ୍କର ଅବଦାନକୁ ପ୍ରଦର୍ଶିତ କରୁଥିବା ପ୍ରଦର୍ଶନୀ। ଏହି ପ୍ରଦର୍ଶନୀଗୁଡ଼ିକ ପରିଦର୍ଶକମାନଙ୍କୁ ଭାରତର ଆଦିବାସୀ ସମ୍ପ୍ରଦାୟର ସୃଜନଶୀଳତା, କାରିଗରୀ ଏବଂ ସାଂସ୍କୃତିକ ଗଭୀରତାର ଏକ ନିବିଡ଼ ଝଲକ ପ୍ରଦାନ କରିଥିଲା। କାର୍ଯ୍ୟକ୍ରମ ସମୟରେ ପ୍ରଦର୍ଶିତ ସାଂସ୍କୃତିକ ପ୍ରଦର୍ଶନ ଆଦିବାସୀ ସମାଜର ତାଳ, ଶକ୍ତି ଏବଂ କାହାଣୀ କହିବା ପରମ୍ପରାକୁ ଜୀବନ୍ତ କରିଥିଲା। ବହୁ ସଂଖ୍ୟକ ପୂର୍ବତଟ ରେଳବାଇ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ, ଯାହା ସଂଗଠନର ଅନ୍ତର୍ଭୁକ୍ତି, ବିବିଧତା ପ୍ରତି ସମ୍ମାନ ଏବଂ ଆଦିବାସୀ ଐତିହ୍ୟର ସ୍ୱୀକୃତି ପ୍ରତି ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥିଲା।


### ବିଭିନ୍ନ ସ୍ଥାନରେ ଶିଶୁଦିବସ

# ଶାରୀରିକ, ମାନସିକ ଓ ଶିକ୍ଷାଗତ ବିକାଶ ଉପରେ ଗୁରୁତ୍ୱାରୋପ









**ଭୁବନେଶ୍ୱର,୧୪।୧୧/ଏନ୍‌ଏନ୍‌ଏସ୍:** ୫ନଂ ୱାର୍ଡ ସମେଇଗାଡିଆରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁଦିବସ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ -ନୃତ୍ୟ, ଗୀତ, କୌତୁକ ପୋଷାକ, ଖାଦ୍ୟମେଳା, ରଙ୍ଗୋଲି, ପରିବେଷଣ କରାଯାଇଥିଲା। ସ୍ଥାନୀୟ କର୍ପୋରେଟର୍ ମିନୁଶ୍ରୀ ଖୁଣ୍ଟିଆ, ଓଡ଼ିଆ ସାହିତ୍ୟିକ ସଂଗଠନର ସମ୍ପାଦକ ମଙ୍ଗୁଲ କୁମାର ଦାସ, ସମାଜସେବିକା ସୁନିତା ପତି ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଭବିଷ୍ୟତରେ ସୁନାଗରିକ ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ସଭାପତି ମୁରଲୀଧର ଦଳବେହେରା, ସମ୍ପାଦକ ମହେଶ୍ୱର ବେହେରା, ପ୍ରଧାନଆଚାର୍ଯ୍ୟା ଶ୍ରଦ୍ଧାଞ୍ଜଳି ଶତପଥୀ, ସମସ୍ତ ଆଚାର୍ଯ୍ୟଆଚାର୍ଯ୍ୟା ଓ ଅଭିଭାବକମାନେ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ। ପରିଶେଷରେ କୃତି ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ବଣ୍ଟନ କରାଯାଇଥିଲା।

ନୀଳାଦ୍ରି ବିହାର ସେକ୍ଟର ତିନି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଦୀନବନ୍ଧୁ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଡାକ୍ତର ଶୁଭାଶିଷ ରାଉତ, ମୁଖ୍ୟବକ୍ତା ସାମ୍ବାଦିକ ସୁକାନ୍ତ ରାଉତ, ସମ୍ମାନିତ ଅତିଥି ଭାବେ ଲେଡି ପ୍ରୋଟେକ୍ଟ ଟିମ୍‌ର ସଭାପତି ରମାକାନ୍ତ ସ୍ୱାଇଁ, ସମ୍ପାଦକ ଅନିରୁଦ୍ଧ ଲେଙ୍କା, ତିଳୋତ୍ତମା ପାତ୍ର ପ୍ରମୁଖ ଯୋଗଦେଇ ଶିଶୁ ମାନଙ୍କର ଶାରୀରିକ, ମାନସିକ ଓ ଶିକ୍ଷାଗତ ବିକାଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନାଚ, ଗୀତ, କୌତୁହଳ ପୋଷାକ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କୁନିକୁନି ପିଲାମାନଙ୍କ ଦ୍ୱାରା ପରିବେଶିତ ନାଚ ବେଶ୍ ଚିତ୍ତାକର୍ଷକ ହୋଇଥିଲା। କାର୍ଯ୍ୟକ୍ରମକୁ ଗୁରୁମା ଦୀପ୍ତିମୟି ସିଂହ, ରାଜଲକ୍ଷ୍ମୀ ମହାରଣା, ଅର୍ଣ୍ଣପୂର୍ଣ୍ଣା ଜେନା, ଲୁସି ସାହୁ, ତୃପ୍ତି ସୂତାର, ସୂଚିତ୍ରା ବିଶ୍ୱାଳ ପରିଚାଳନା କରିଥିଲେ।

ସେହିପରି ସେବା, କରୁଣା ଓ ସମର୍ପଣର ଭାବଧାରାରେ ଗଠିତ ମୁକ୍ତା ଫାଉଣ୍ଡେସନ ପକ୍ଷରୁ ନୀଳାଦ୍ରି ବିହାର ସ୍ଥିତ ହରେକୃଷ୍ଣ ନଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଫାଉଣ୍ଡେସନର ପ୍ରତିଷ୍ଠାତ୍ରୀ ତଥା ପରିଚାଳନା ଟ୍ରଷ୍ଟି ବନ୍ଦନା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ଯ୍ୟକ୍ରମରେ ସହ ପ୍ରତିଷ୍ଠାତ୍ରୀ ସଂଘମିତ୍ରା ପାଢୀ, ଉପଦେଷ୍ଟା ପ୍ରୀତିଛନ୍ଦା ଧଳ, ବରିଷ୍ଠ ସଦସ୍ୟା ଚନ୍ଦନା ତ୍ରିପାଠୀ, ସମାଜସେବୀ ମିଲି ରଣା, ସୁସ୍ମିତା ଶତପଥୀ, ମହିକ୍ଷିତା ମିଶ୍ର ପ୍ରମୁଖ ଯୋଗଦେଇ କୁନି କୁନି ପିଲାମାନଙ୍କ ସହିତ ହସ ଖୁସିରେ ଶିଶୁ ଦିବସ ପାଳନ କରିଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭୁବନେଶ୍ୱର ମହାନଗର ନିଗମର ସ୍ୱେଚ୍ଛାସେବୀମାନେ ପିଲାମାନଙ୍କୁ ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ସଚେତନ କରିଥିଲେ।

### ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ

## ୱାନ୍ ଷ୍ଟପ୍ ସପ୍ ହେବ ସମବାୟ ଅନୁଷ୍ଠାନ: ମନ୍ତ୍ରୀ





**ଭୁବନେଶ୍ୱର,୧୪।୧୧/ଏନ୍‌ଏନ୍‌ଏସ୍:** ଅର୍ଥନୈତିକ ପ୍ରଗତି ସହ ସାମାଜିକ ପରିବର୍ତ୍ତନର ଏକ ବଳିଷ୍ଠ ମାଧ୍ୟମ ହେଉଛି ସମବାୟ। ଗ୍ରାମୀଣ ଓଡ଼ିଶାର ସମସ୍ତ ଆବଶ୍ୟକତାକୁ ପୂରଣ କରିବା ପାଇଁ ସମବାୟ ଅନୁଷ୍ଠାନକୁ ୱାନ୍ ଷ୍ଟପ୍ ସପ୍‌ରେ ପରିଣତ କରିବାକୁ ପଡ଼ିବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି । ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ-୨୦୨୫ ପାଳନ ପରିପ୍ରେକ୍ଷୀରେ ଆଜି ସ୍ଥାନୀୟ ସମବାୟ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମବାୟ ପତାକା ଉତ୍ତୋଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ସେ ଏହା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ ଯୋଗ ଦେଇ କହିଥିଲେ ଯେ ସମୃଦ୍ଧ ଓଡ଼ିଶାର ଇଂଜିନ୍ ଭାବେ ସମବାୟ କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି। ତୃଣମୂଳ ସ୍ତରରେ ପ୍ରଭାବଶାଳୀ କାର୍ଯ୍ୟ କରିବା ପାଇଁ ନିଜ ଅଭିଭାଷଣରେ ସେ ଆହ୍ୱାନ କରିଥିଲେ। ସୂଚନଯୋଗ୍ୟ ଯେ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ପାଇଁ ଚଳିତବର୍ଷର ଥିମ୍ ହେଉଛି 'ଆତ୍ମନିର୍ଭର ଭାରତ ପାଇଁ ସମବାୟ ଏକ ମାଧ୍ୟମ।' ଆମ ରାଜ୍ୟରେ ସମବାୟ କ୍ଷେତ୍ରକୁ ଆତ୍ମନିର୍ଭର କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଆଲୋକପାତ କରିଥିଲେ। ରାଜ୍ୟସ୍ତରୀୟ ସମବାୟ ପତାକା ଉତ୍ତୋଳନ ଉତ୍ସବରେ ରାଜ୍ୟ ସମବାୟ ୟୁନିୟନର ସଭାପତି ସୁଶ୍ରୀ ପ୍ରବାସିନୀ ଷଡ଼ଙ୍ଗୀ ପୌରୋହିତ୍ୟ କରିଥିବା ବେଳେ ସମ୍ପାଦକ ବ୍ରହ୍ମାନନ୍ଦ ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମବାୟ ସପ୍ତାହ ଉପଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଆଜି ପୁରସ୍କୃତ କରାଯାଇଥିଲା। ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଏବଂ ରାଜ୍ୟ ସମବାୟ ୟୁନିୟନର ମିଳିତ ଆନୁକୂଲ୍ୟରେ ୧୪-୨୦ ନଭେମ୍ବର ପର୍ଯ୍ୟନ୍ତ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ-୨୦୨୫ ପାଳନ କରାଯିବ।

### ଏସିଆନ୍ ଆର୍ଚେରୀ ଚାମ୍ପିଅନ୍‌ଶିପ୍: ୧୮ ବର୍ଷର ମରୁଡ଼ି ସମାପ୍ତ

# ସ୍ୱର୍ଣ୍ଣ ଜିତିଲା ଭାରତୀୟ ପୁରୁଷ ରିକର୍ଭ ଟିମ୍



**ଢାକା,୧୪।୧୧/ଏଜେନ୍ସି:** ଭାରତୀୟ ପୁରୁଷ ରିକର୍ଭ ଟିମ୍ ଚମତ୍କାର ପ୍ରଦର୍ଶନ କରିବା ସହିତ ଏସିଆନ୍ ଆର୍ଚେରୀ ଚାମ୍ପିଅନ୍‌ସିପ୍‌ରେ ୧୮ ବର୍ଷର ମରୁଡ଼ି ସମାପ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛି। ଭାରତୀୟ ଟିମ୍ ଶୁକ୍ରବାର ସାଉଥ୍ କୋରିଆକୁ ଶୁଟ୍‌ଅଫ୍‌ରେ ହରାଇ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛି। ଏହା ଗତ ୧୮ ବର୍ଷରେ ଭାରତୀୟ ଟିମ୍‌ର ପ୍ରଥମ ଏସିଆନ୍ ସ୍ୱର୍ଣ୍ଣ ପଦକ। ଯଶ୍‌ଦୀପ୍ ଭୋଗେ, ଅତନୁ ଦାସ ଏବଂ ରାହୁଲଙ୍କ ତିମୂର୍ତ୍ତି ୨-୪ରେ ପଛୁଆ ରହିବା ପରେ ପ୍ରତ୍ୟାବର୍ତ୍ତନ କରି ସେଓ ମିଙ୍ଗି, କିମ୍ ୟେଚନ୍ ଏବଂ ଜଙ୍ଗ୍ ଜିହୋଙ୍କ କୋରିଆର ଦ୍ୱିତୀୟ ଶ୍ରେଣୀ ଟିମ୍ ବିପକ୍ଷରେ ୫-୪ର ନାଟକୀୟ ବିଜୟ ହାସଲ କରିଛି। ଏହା ସହିତ ୨୦୦୯ ପରଠାରୁ ଏହି ଟୁର୍ଣ୍ଣାମେଣ୍ଟରେ ରହିଆସିଥିବା କୋରିଆର ଆଧିପତ୍ୟର ଅନ୍ତ ଘଟାଇଛି। ଶୁଟ୍‌ଅଫ୍‌ରେ ଦୁଇ ଟିମ୍ ୨୯ ପଏଣ୍ଟ ହାସଲ କରିଥିଲେ। ମାତ୍ର ଦୁଇଥରର ଅଲିମ୍ପିଆନ୍ ଅତନୁ ଦାସ ନିଜ ଅନୁଭବ ବଳରେ ୧୦ ପଏଣ୍ଟର ଟାର୍ଗେଟ୍ ଶୁଟ୍ କରିଥିଲେ, ଯାହା କୋରିଆ ଆର୍ଚରଙ୍କ ଟାର୍ଗେଟ୍ ତୁଳନାରେ କେନ୍ଦ୍ରର ଅଧିକ ନିକଟତର ରହିଥିଲା। ଏହି ପ୍ରକାରେ ଭାରତୀୟ ପୁରୁଷ ଟିମ୍ ୨୦୦୭ ପରେ ପ୍ରଥମ ଥର ଏହି ଚାମ୍ପିଅନ୍‌ଶିପ୍‌ରେ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛି। ଏହି ଫଳାଫଳ ସହିତ ଚାମ୍ପିଅନ୍‌ଶିପ୍‌ରେ ଭାରତର ପଦକ ସଂଖ୍ୟା ୬ (୪ ସ୍ୱର୍ଣ୍ଣ ଓ ୨ ରୌପ୍ୟ) ହୋଇଛି।

ଏହା ବ୍ୟତୀତ ଶୁକ୍ରବାର ଅଙ୍କିତା ଭକତ୍ ମହିଳା ବ୍ୟକ୍ତିଗତ ରିକର୍ଭ ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ପ୍ୟାରିସ୍ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ସାଉଥ୍ କୋରିଆର ନାମ୍ ସୁହୟୋନ୍‌ଙ୍କୁ ପାଞ୍ଚ ସେଟ୍‌ର ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ୭-୩ରେ ହରାଇ କ୍ୟାରିୟରର ସବୁଠୁ ବଡ଼ ବିଜୟ ହାସଲ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ସଙ୍ଗୀତା ମହିଳା ରିକର୍ଭ ବ୍ରୋଞ୍ଜ୍ ପଦକ ମଧ୍ୟ ଜିତିଛନ୍ତି। ସେ ପାଞ୍ଚ ଥରର ଅଲିମ୍ପିଆନ୍ ଦୀପିକା କୁମାରୀଙ୍କୁ ୬-୫ ଶୁଟ୍‌ଅଫ୍‌ରେ ହରାଇଛନ୍ତି।

# ବରୁଣ ଚକ୍ରବର୍ତ୍ତୀ ତାମିଲନାଡୁ କ୍ୟାପ୍ଟେନ୍



**ଚେନ୍ନାଇ,୧୪।୧୧/ଏଜେନ୍ସି:** ନଭେମ୍ବର ୨୬ରୁ ଆରମ୍ଭ ହେବାକୁ ଥିବା ସୟଦ୍ ମୁସ୍ତାକ୍ ଅଲୀ ଟି-୨୦ ଟ୍ରଫି ପାଇଁ ସ୍ପିନର୍ ବରୁଣ

**ସୟଦ୍ ମୁସ୍ତାକ ଅଲୀ ଟ୍ରଫି**

ଚକ୍ରବର୍ତ୍ତୀଙ୍କ ତାମିଲନାଡୁ ଟିମ୍‌ର କ୍ୟାପ୍ଟେନ୍ ନିଯୁକ୍ତ କରାଯାଇଛି। ୱିକେଟ୍‌କିପର୍-ବ୍ୟାଟର୍ ନାରାୟଣ ଜଗଦୀଶନ୍ ତାଙ୍କ ଡେପୁଟୀ ଅଛନ୍ତି। ବରୁଣ ପ୍ରଥମ ଥର ପାଇଁ କୌଣସି ସ୍ତରରେ ଟିମ୍‌ର ନେତୃତ୍ୱ କରିବେ। ଏମ୍ ଶାହରୁଖ୍ ଖାନ୍‌ଙ୍କ ସ୍ଥାନରେ ବରୁଣଙ୍କୁ କ୍ୟାପ୍ଟେନ୍ ନିଯୁକ୍ତ କରାଯାଇଛି। ଆର୍ ସାଇ କିଶୋର ଏବଂ ଜଗଦୀଶନ୍‌ଙ୍କ ପରି ଅନୁଭବୀ ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ତାଙ୍କୁ ପ୍ରମୋଟ୍ କରି ଟିମ୍‌ର ନେତୃତ୍ୱ ଦିଆଯାଇଛି। ଟିମ୍‌ର ପେସ୍ ଆଟାକ୍‌ରେ ଟି ନଟରାଜନ୍ ଏବଂ ଗୁର୍‌ଜପନିତ୍ ସିଂହ ସାମିଲ ହୋଇଛନ୍ତି। ସେହିପରି ସ୍ପିନ୍ ବିଭାଗରେ ଆର୍ ସାଇ କିଶୋର ଏବଂ ଏମ୍ ସିଦ୍ଧାର୍ଥ ମୁଖ୍ୟ ଭୂମିକା ତୁଲାଇବେ। ଟୁର୍ଣ୍ଣାମେଣ୍ଟରେ ତାମିଲନାଡୁକୁ ଏଲାଏଡ୍ ଗ୍ରୁପ୍-ଡି'ରେ ରାଜସ୍ଥାନ, ଦିଲ୍ଲୀ, ଉତ୍ତରାଖଣ୍ଡ, କର୍ଣ୍ଣାଟକ, ତ୍ରିପୁରା, ଝାଡ଼ଖଣ୍ଡ ଏବଂ ସୌରାଷ୍ଟ୍ର ସହ ସ୍ଥାନିତ କରାଯାଇଛି। ଟିମ୍ ନିଜର ପ୍ରଥମ ମ୍ୟାଚ୍ ଅହମଦାବାଦରେ ରାଜସ୍ଥାନ ବିପକ୍ଷରେ ଖେଳିବ।

**ତାମିଲନାଡୁ ଟିମ୍:** ବରୁଣ ଚକ୍ରବର୍ତ୍ତୀ (କ୍ୟାପ୍ଟେନ୍), ଆର୍ ସାଇ କିଶୋର (ଭାଇସ୍ କ୍ୟାପ୍ଟେନ୍-ୱିକେଟ୍‌କିପର୍), ତୁଷାର ରହେଜା (ୱିକେଟ୍‌କିପର୍), ଭିପି ଅମିତ ସତ୍ୟାୱିକ୍, ଏମ୍ ଶାହରୁଖ୍ ଖାନ୍, ଆନ୍ଦ୍ରେ ସିର୍ଦ୍ଧାର୍ଥ, ପ୍ରଦୋଷ ରଞ୍ଜନ ପାଲ୍, ଶିଭମ୍ ସିଂହ, ଆର୍ ସାଇ କିଶୋର, ଏମ୍ ସିଦ୍ଧାର୍ଥ, ଟି ନଟରାଜନ୍, ଗୁରଜପନିତ୍ ସିଂହ, ଏ ଏସ୍‌କ୍କିମୁଥ, ଆର୍ ସୋନୁ ଯାଦବ, ଆର୍ ସିଲମ୍ବରାସନ୍, ଏସ୍ ରତିକ୍ ଈଶ୍ୱରନ୍ (ୱିକେଟ୍‌କିପର୍)।

### କୋଲ୍‌କାତା ଟେଷ୍ଟ: ବୁମ୍‌ରାଙ୍କୁ ୫ ୱିକେଟ୍

# ସାଉଥ୍ ଆଫ୍ରିକା ୧୫୯ ରନ୍‌ରେ ଅଲ୍‌ଆଉଟ୍

**କୋଲ୍‌କାତା,୧୪।୧୧/ଏଜେନ୍ସି:** ସ୍ଥାନୀୟ ଇଡେନ୍ ଗାର୍ଡେନ୍ସରେ ଶୁକ୍ରବାର ଆରମ୍ଭ ହୋଇଥିବା ଦୁଇ ଟେଷ୍ଟ ବିଶିଷ୍ଟ ପ୍ରଥମ ମ୍ୟାଚ୍‌ରେ ଜସ୍‌ପ୍ରୀତ୍ ବୁମ୍‌ରାଙ୍କ ନେତୃତ୍ୱରେ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ଫଳରେ ସାଉଥ୍ ଆଫ୍ରିକା ପ୍ରଥମ ଇନିଂସ୍‌ରେ ୧୫୯ ରନ୍ କରି ଅଲ୍‌ଆଉଟ୍ ହୋଇଛି। ଜବାବରେ ଭାରତ ପ୍ରଥମ ଦିନର ଖେଳ ଶେଷ ବେଳକୁ ପ୍ରଥମ ଇନିଂସ୍‌ରେ ଏକ ୱିକେଟ୍ ବିନିମୟରେ ୩୭ ରନ୍ କରିନେଇଛି। ଷ୍ଟମ୍ପ ବେଳକୁ କେଏଲ୍ ରାହୁଲ ୧୩ ଏବଂ ୱାଶିଂଟନ୍ ସୁନ୍ଦରନ ୬ ରନ୍‌ରେ ବ୍ୟାଟିଂ କରୁଥିଲେ। ପୂର୍ବରୁ ଓପ୍ନର୍ ଯଶସ୍ୱୀ ଜୟସ୍ୱାଲ୍ ୧୨ ରନ୍ କରି ମାର୍କୋ ଜାନ୍‌ସେନ୍‌ଙ୍କ ଦ୍ୱାରା ବୋଲ୍ଡ ଆଉଟ୍ ହୋଇଥିଲେ।



## ପ୍ରଥମ ଦିନ ଭାରତ ୩୭/୧

କ୍ୟାରିୟରର ୫୧ତମ ଟେଷ୍ଟ ଖେଳୁଥିବା ବୁମ୍‌ରା ଇନିଂସ୍‌ରେ ୧୬ଶ ଥର ୫ ୱିକେଟ୍ ଅକ୍ତିଆର କରି ସାଉଥ୍ ଆଫ୍ରିକା ବ୍ୟାଟରଙ୍କୁ ଅଧିକ ସମୟ କ୍ରିଜ୍‌ରେ ତିଷ୍ଠି ରହିବାର ସୁଯୋଗ ଦେଇନଥିଲେ। ସେ ସାଉଥ୍ ଆଫ୍ରିକାର ଦୁଇ ଓପ୍ନର୍ ଏଡେନ୍ ମାର୍କରମ୍ (୩୧ ରନ୍) ଏବଂ ରିୟାନ୍ ରିକେଲ୍‌ଟନ୍ (୨୩ ରନ୍)ଙ୍କୁ ଆଉଟ୍ କରି ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ। ଏହାପରେ ଲୟରେ ଥିବା ଟୋନି ଡି ଜୋର୍ଜି (୨୪ ରନ୍)ଙ୍କୁ ଏଲ୍‌ବିଡବ୍ଲ୍ୟୁ କରିଥିଲେ। ଟି' ବ୍ରେକ୍ ପରେ ବୁମ୍‌ରା ଗୋଟିଏ ଓଭର୍‌ରେ ସାଇମନ୍ ହାର୍ମର୍ (୫ ରନ୍) ଏବଂ କେଶବ ମହରାଜ (୦)ଙ୍କୁ ପ୍ୟାଭିଲିୟନ୍ ଫେରାଇ ନିଜର ପାଞ୍ଚ ୱିକେଟ୍ ପୂରଣ ସହିତ ସାଉଥ୍ ଆଫ୍ରିକା ଇନିଂସ୍‌ର ସମାପ୍ତି ଘଟାଇଥିଲେ। ବୁମ୍‌ରାଙ୍କୁ କୁଲଦୀପ୍ ଯାଦବ (୩୬/୨) ଏବଂ ମହମ୍ମଦ ସିରାଜ୍ (୪୭/୨)ଙ୍କ ଭରପୂର ସହଯୋଗ ମିଳିଥିଲା। ଅକ୍ଷର ପଟେଲ୍‌ଙ୍କୁ ଗୋଟିଏ ସଫଳତା ମିଳିଥିଲା।

ଏହାପରେ ଭାରତୀୟ ଓପ୍ନର୍ ସତର୍କତାର ସହ ଆରମ୍ଭ କରିଥିଲେ। ଖରାପ ଆଲୋକ କାରଣରୁ ଶୀଘ୍ର ଖେଳ ଶେଷ ହେବା ବେଳକୁ ଟିମ୍ ୨୦ ଓଭରରେ ୧ ୱିକେଟ୍ ହରାଇ ୩୭ ରନ୍ କରିନେଇଥିଲା। ଭାରତ ପ୍ରଥମ ଇନିଂସ୍‌ରେ ଏବେ ୧୨୨ ରନ୍ ପଛରେ ରହିଥିବା ବେଳେ କ୍ରିଜ୍‌ରେ କେଏଲ୍ ରାହୁଲ (୧୩) ଏବଂ ୱାଶିଂଟନ୍ ସୁନ୍ଦର (୬) ରହିଛନ୍ତି। ସାଉଥ୍ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ବେଳେ ମାର୍କରମ୍ ଓ ରିକେଲ୍‌ଟନ୍ ଟିମ୍‌କୁ ଭଲ ଆରମ୍ଭ ଦେଇ ପ୍ରଥମ ୱିକେଟ୍ ପାଇଁ ୫୭ ରନ୍ ଯୋଡ଼ିଥିଲେ। ଖାତା ଖୋଲିବାକୁ ମାର୍କରମ୍‌ଙ୍କୁ ୨୩ ବଲ୍ ଲାଗିଥିଲେ ମଧ୍ୟ ସେ ସୁନ୍ଦର ଷ୍ଟ୍ରେଟ୍ ଡ୍ରାଇଭ୍ ଓ କଭର୍ ଡ୍ରାଇଭ୍ ସହିତ ଆରମ୍ଭ କରିଥିଲେ। ପରେ ଅକ୍ଷର ପଟେଲ୍‌ଙ୍କ ବିରୋଧରେ ବ୍ୟାକ୍‌ୱାର୍ଡ ପଏଣ୍ଟରେ ଚମତ୍କାର ଲେଟ୍ କଟ୍ ଖେଳିଥିଲେ। ଏହି ବାମହାତୀ ସ୍ପିନରଙ୍କ ବିପକ୍ଷରେ ରିଷ୍ଟର ବ୍ୟବହାର କରି ମିଡ୍ ୱିକେଟ୍‌ରେ ଚମତ୍କାର ଛକା ମାରିଥିଲେ। ଅନ୍ୟପଟେ ରିକେଲ୍‌ଟନ୍ ୨୨ ବଲ୍‌ରେ ଚାରି ଚୌକା ସହାୟତାରେ ୨୩ ରନ୍ କରିବା ସହିତ ଭାରତୀୟ ବୋଲରଙ୍କୁ ହଇରାଣରେ ପକାଇଥିଲେ। ମାତ୍ର ବୁମ୍‌ରା ତାଙ୍କୁ ବୋଲ୍ଡ ଆଉଟ୍ କରି ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ପରବର୍ତ୍ତୀ ଓଭର୍‌ରେ ବୁମ୍‌ରାଙ୍କ ବାଉନ୍ସର୍ ମାର୍କରମ୍‌ଙ୍କ ଗ୍ଲୋଭ୍‌ସରେ ବାଜି ୱିକେଟ୍‌କିପର୍ ଋଷଭ ପନ୍ତଙ୍କ ହାତକୁ ଚାଲିଯାଇଥିଲା। ଏହାପରେ କୁଲ୍‌ଦୀପ୍ ଯାଦବ ଆଫ୍ରିକୀୟ କ୍ୟାପ୍ଟେନ୍ ଟେମ୍ବା ବାଭୁମାଙ୍କୁ ସ୍ଲିପ୍‌ରେ ଧ୍ରୁବ୍ ଜୁରେଲ୍‌ଙ୍କ ହାତରେ କ୍ୟାଚ୍ କରାଇ ଭାରତକୁ ବଡ଼ ସଫଳତା ଦେଇଥିଲେ। ବାଭୁମା ୧୧ ବଲ୍‌ରେ ମାତ୍ର ୩ ରନ୍ କରି ବିଦାୟ ନେଇଥିଲେ। ଲୟରେ ଥିବା ଡି ଜୋର୍ଜି ଏବଂ ୱିଆନ୍ ମୁଲ୍ଡର୍ ଇନିଂସ୍ ସମ୍ଭାଳି ଟିମ୍‌ର ପ୍ରତ୍ୟାବର୍ତ୍ତନ ଉଦ୍ୟମ ଚଳାଇଥିବା ବେଳେ ଦ୍ୱିତୀୟ ସେସନ୍‌ରେ କୁଲଦୀପ୍‌ଙ୍କ ବଲ୍‌କୁ ରିଭର୍ସ ସ୍ୱିପ୍ କରିବାକୁ ଯାଇ ମୁଲ୍‌ଡର୍ (୨୪) ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ଜୋର୍ଜିଙ୍କୁ ଆଉଟ୍ କରି ବୁମ୍‌ରା ସାଉଥ୍ ଆଫ୍ରିକାର ସ୍କୋର୍ ୧୨୦/୫ କରିଦେଇଥିଲେ। ପ୍ରାରମ୍ଭିକ ୬ ଓଭର୍‌ରେ ୩୪ ରନ୍ ବ୍ୟୟ କରିଥିବା ମହମ୍ମଦ ସିରାଜ୍ ନିଜର ୧୦ମ ଓଭର୍‌ରେ ଦୁଇଟି ସଫଳତା ହାସଲ ସହିତ ସାଉଥ୍ ଆଫ୍ରିକା ମିଡିଲ୍ ଅର୍ଡର୍ ଛିନ୍‌ଛତ୍ର କରିଦେଇଥିଲେ। ସେ ଚାରି ବଲ୍ ବ୍ୟବଧାନରେ କାଇଲ ଭେରେନେ (୧୬) ଏବଂ ମାର୍କୋ ଜାନ୍‌ସେନ୍ (୦)ଙ୍କୁ ଆଉଟ୍ କରିଥିଲେ। ଟି' ବ୍ରେକ୍‌ର ଠିକ୍ ପୂର୍ବରୁ କୋର୍ବିନ୍ ବଶ୍ (୩)ଙ୍କୁ ଅକ୍ଷର ପଟେଲ୍ ଏଲ୍‌ବିଡବ୍ଲ୍ୟୁ କରିବା ପରେ ବୁମ୍‌ରା ତୃତୀୟ ସେସନ୍ ଆରମ୍ଭରେ ଦୁଇ ୱିକେଟ୍ ସହିତ ଔପଚାରିକତା ପୂରଣ କରିଥିଲେ।

୨୦୧୨ରେ ଇଂଲଣ୍ଡ ବିପକ୍ଷ ନାଗପୁର ଟେଷ୍ଟ ପରେ ଭାରତ ଏହି ମ୍ୟାଚ୍‌ରେ ପ୍ରଥମ ଥର ଚାରିଜଣ ସ୍ପିନର୍ ରବୀନ୍ଦ୍ର ଜାଡ଼େଜା, କୁଲଦୀପ୍ ଯାଦବ, ଅକ୍ଷର ପଟେଲ୍ ଏବଂ ୱାଶିଂଟନ୍ ସୁନ୍ଦରଙ୍କୁ ଟିମ୍‌ରେ ସାମିଲ କରିଛି। ଅନ୍ୟପକ୍ଷରେ ସାଉଥ୍ ଆଫ୍ରିକା ମାତ୍ର ଦୁଇଜଣ ସ୍ପିନରଙ୍କୁ ଏକାଦଶରେ ସାମିଲ କରିଛି। କାଗିସୋ ରବାଡ଼ାଙ୍କ ଆହତ ହେବା ଫଳରେ ଟିମ୍‌କୁ ଧକ୍କା ଲାଗିଛି ଏବଂ ତାଙ୍କ ସ୍ଥାନରେ ଫାଷ୍ଟ ବୋଲର୍ କୋର୍ବିନ୍ ବଶ୍‌ଙ୍କୁ ସୁଯୋଗ ମିଳିଛି।

### ବୁମ୍‌ରାଙ୍କୁ ୧୬ଶ ଥର ୫ ୱିକେଟ୍

ଜସ୍‌ପ୍ରୀତ୍ ବୁମ୍‌ରା ଟେଷ୍ଟ କ୍ରିକେଟ୍‌ରେ ୧୬ଶ ଥର ୫ ୱିକେଟ୍ ସଫଳତା ହାସଲ କରିଛନ୍ତି। ସେ ୫୧ତମ ଟେଷ୍ଟରେ ଏହି କାରନାମା କରିବା ସହିତ ଭାରତର ୬ଷ୍ଠ ବୋଲର୍ ହୋଇଛନ୍ତି। ଏହା ସହିତ ସେ ଭାଗବତ ଚନ୍ଦ୍ରଶେଖରଙ୍କ ସମକକ୍ଷ ହୋଇଛନ୍ତି। ଚନ୍ଦ୍ରଶେଖର ୫୮ ମ୍ୟାଚ୍‌ରେ ୧୬ ଥର ୫ ୱିକେଟ୍ ସଫଳତା ହାସଲ କରିଥିଲେ। ଭାରତ ପାଇଁ ସର୍ବାଧିକ ୫ ୱିକେଟ୍ ସଫଳତା ରବିଚନ୍ଦ୍ରନ୍ ଅଶ୍ୱିନ୍‌ଙ୍କ ନାମରେ ରହିଛି। ସେ ୧୦୬ ଟେଷ୍ଟରେ ୩୭ ଥର ଏହି କୀର୍ତ୍ତିମାନ କରିଛନ୍ତି। ସେହିପରି ସାଉଥ୍ ଆଫ୍ରିକା ବିପକ୍ଷରେ ବୁମ୍‌ରା ଗୋଟିଏ ଇନିଂସ୍‌ରେ ଚତୁର୍ଥ ଥର ପାଞ୍ଚ ୱିକେଟ୍ ନେଇଛନ୍ତି। ଏହି ତାଲିକା ଶୀର୍ଷରେ ମଧ୍ୟ ଅଶ୍ୱିନ ରହିଛନ୍ତି। ସେ ପାଞ୍ଚଥର ଏହି କାରନାମା କରିଛନ୍ତି।

# ୨୧ରୁ ରାଜ୍ୟ ଟେବଲ୍ ଟେନିସ୍ ଚାମ୍ପିଅନ୍‌ଶିପ୍

**କଟକ,୧୪।୧୧/ଏନ୍‌ଏନ୍‌ଏସ୍:** ଓଡ଼ିଶା ଟେବଲ୍ ଟେନିସ୍ ଆସୋସିଏସନ୍ ଆନୁକୂଲ୍ୟରେ ଆସନ୍ତା ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ୩୧ତମ ଆନ୍ତଃଜିଲ୍ଲା ଓ ରାଜ୍ୟ ଟେବଲ୍ ଟେନିସ୍ ଚାମ୍ପିଅନ୍‌ଶିପ୍ ସ୍ଥାନୀୟ ସିଡିଏ ସେକ୍ଟର-୭ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ଆୟୋଜିତ ହେବ। ପୂର୍ବରୁ ଆୟୋଜିତ ବିଭିନ୍ନ ର୍‌ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ସହ ଏହି ଗୁରୁତ୍ୱପୂର୍ଣ୍ଣ ଚାମ୍ପିଅନ୍‌ଶିପ୍‌ର ପ୍ରଦର୍ଶନକୁ ଆଧାର କରି ବିଭିନ୍ନ ଜାତୀୟ ଟେବଲ୍ ଟେନିସ୍ ଚାମ୍ପିଅନ୍‌ଶିପ୍ ପାଇଁ ଓଡ଼ିଶା ସିନିୟର୍ ଏବଂ ବୟସ ବର୍ଗର ପୁରୁଷ-ମହିଳା, ବାଳକ-ବାଳିକା ଟିମ୍ ମନୋନୀତ କରାଯିବ। ଚାମ୍ପିଅପ୍‌ଶିପ୍‌ରେ ୧୫ଟି ଇଭେଣ୍ଟ ସାମିଲ ଥିବାବେଳେ କେବଳ ପୁରୁଷ ଓ ଜୁନିୟର୍ ବାଳକ ବିଭାଗରେ ଟିମ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ବ୍ୟତୀତ ସିନିୟର ପୁରୁଷ ଓ ମହିଳା, ଯୁବ ବାଳକ ଓ ବାଳିକା (୧୯ ବର୍ଷରୁ କମ୍), ଜୁନିୟର୍ ବାଳକ ଓ ବାଳିକା (୧୭ ବର୍ଷରୁ କମ୍), ସବ୍-ଜୁନିୟର୍ ବାଳକ ଓ ବାଳିକା (୧୫ ବର୍ଷରୁ କମ୍), କ୍ୟାଡେଟ୍ ବାଳକ ଓ ବାଳିକ (୧୩ ବର୍ଷରୁ କମ୍), ହୋପ୍ସ ବାଳକ ଓ ବାଳିକ (୧୧ ବର୍ଷରୁ କମ୍) ଏବଂ ଭେଟେରାନ୍ ବିଭାଗରେ ସିଙ୍ଗଲ୍ସ ଚାମ୍ପିଅନ୍‌ଶିପ୍ ଅନୁଷ୍ଠିତ ହେବ। ନଭେମ୍ବର ୧୭ ତାରିଖକୁ ଖେଳାଳିଙ୍କ ନାମ ପଠାଇବାକୁ ଶେଷ ତାରିଖ ରଖାଯାଇଛି। ଓଡ଼ିଶାର ଯେକୌଣସି ଜିଲ୍ଲା ଏବଂ ଅନୁଷ୍ଠାନର ଖେଳାଳି ଏଥିରେ ଭାଗ ନେଇପାରିବେ। ଏଥିପାଇଁ ସେମାନେ ଜିଲ୍ଲା ସଂଘ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ନଭେମ୍ବର ୧୭ ଦ୍ୱାରା ଇ-ମେଲ୍ (odishatt@gmail.com)କୁ ନାମ ପଠାଇପାରିବେ। ଯୋଗାଯୋଗ କରିବା ଠିକଣା - ଓଡ଼ିଶା ରାଜ୍ୟ ଟେବଲ୍ ଟେନିସ୍ ଆସୋସିଏସନ୍, ବାରବାଟୀ ଷ୍ଟାଡିୟମ୍, କଟକ।

# ଜାପାନ୍ ମାଷ୍ଟର୍ସ ସେମିରେ ଲକ୍ଷ୍ୟ ସେନ୍



**ଟୋକିଓ,୧୪।୧୧/ଏଜେନ୍ସି:** ଭାରତୀୟ ଷ୍ଟାର୍ ଶଟ୍‌ଲର୍ ଲକ୍ଷ୍ୟ ସେନ୍ ପୂର୍ବତନ ବିଶ୍ୱ ଚାମ୍ପିଅନ୍ ସିଙ୍ଗାପୁରର ଲୋହ କିନ୍ ୟୁ'ଙ୍କୁ ହରାଇ ଶୁକ୍ରବାର କୁମାମୋଟୋରେ ଆୟୋଜିତ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର୍ ୫୦୦ ଇଭେଣ୍ଟ ଜାପାନ ମାଷ୍ଟର୍ସର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିଅନ୍ ସପ୍ତମ ସିଡ୍ ଲକ୍ଷ୍ୟ ୩୯ ମିନିଟ୍ ମଧ୍ୟରେ ବିଶ୍ୱ ନମ୍ବର-୯ ଲୋହଙ୍କୁ ୨୧-୧୩, ୨୧-୧୭ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଏହା ସିଙ୍ଗାପୁର ଖେଳାଳିଙ୍କ ବିପକ୍ଷ ୧୦ ମ୍ୟାଚ୍‌ରେ ଲକ୍ଷ୍ୟଙ୍କ ସପ୍ତମ ବିଜୟ। ସେପ୍ଟେମ୍ବରରେ ହଂକଂ ଓପନ୍ ରନର୍ସଅପ୍ ବିଶ୍ୱ ନମ୍ବର-୧୫ ଲକ୍ଷ୍ୟ ସେମିଫାଇନାଲ୍‌ରେ ବିଶ୍ୱ ନମ୍ବର-୧୩ ଖେଳାଳି ଜାପାନର କେଣ୍ଟା ନିଶିମୋଟୋଙ୍କୁ ଭେଟିବେ।

ଆଜିର ସେମିଫାଇନାଲ୍ ମ୍ୟାଚ୍‌ରେ ଲକ୍ଷ୍ୟ ପ୍ରଭାବଶାଳୀ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ସଂଘର୍ଷ କରୁଥିବା ଲୋହଙ୍କୁ ହରାଇଥିଲେ। ମ୍ୟାଚ୍ ଆରମ୍ଭରୁ ଉଭୟ ଖେଳାଳି ୪-୪ରେ ସମାନ ସ୍ଥିତିରେ ଥିବାବେଳେ ବ୍ରେକ୍ ପୂର୍ବରୁ ସେନ୍ ୧୧-୮ର ଅଗ୍ରଣୀ ହାସଲ କରିଥିଲେ। ଏହାପରେ ଲଗାତାର ଛଅ ପଏଣ୍ଟ ହାସଲ କରିବା ସହିତ ସହଜରେ ପ୍ରଥମ ଗେମ୍ ଜିତି ନେଇଥିଲେ। ଦ୍ୱିତୀୟ ଗେମ୍‌ରେ ଲୋହ ଉନ୍ନତ ପ୍ରଦର୍ଶନ କରି ୯-୯ ସମାନ ସ୍ଥିତିରେ ରହିଥିଲେ। କିନ୍ତୁ ଭାରତୀୟ ଖେଳାଳି ପୁଣିଥରେ ୧୫-୯ରେ ଆଗୁଆ ହୋଇଥିଲେ। ଏହାପରେ ଲୋହ ବ୍ୟବଧାନକୁ ୧୭-୧୮କୁ ହ୍ରାସ କରିଥିଲେ ମଧ୍ୟ ଲକ୍ଷ୍ୟ ଗେମ୍ ସହିତ ମ୍ୟାଚ୍ ଜିତି ନେଇଥିଲେ।

### ଜୁନିୟର ପୁରୁଷ ବିଶ୍ୱକପ୍ ପାଇଁ ଟିମ୍ ଘୋଷିତ

# ରୋହିତ କ୍ୟାପ୍ଟେନ୍, ଚାରି ଓଡ଼ିଆଙ୍କୁ ସୁଯୋଗ



**ନୂଆଦିଲ୍ଲୀ,୧୪।୧୧/ଏଜେନ୍ସି:** ତାମିଲନାଡୁର ଚେନ୍ନାଇ ଓ ମଦୁରାଇରେ ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏଫ୍‌ଆଇଏଚ୍ ଜୁନିୟର୍ ପୁରୁଷ ବିଶ୍ୱକପ୍ ପାଇଁ ଶୁକ୍ରବାର ୨୦ ଜଣିଆ ଭାରତୀୟ ଟିମ୍ ଘୋଷଣା ହୋଇଛି। ଡ୍ରାଗ୍-ଫ୍ଲିକର୍ ରୋହିତଙ୍କୁ ଟିମ୍‌ର କ୍ୟାପ୍ଟେନ୍ ନିଯୁକ୍ତ କରାଯାଇଥିବା ବେଳେ ଚାରିଜଣ ଓଡ଼ିଆ ଖେଳାଳିଙ୍କୁ ଟିମ୍‌ରେ ସାମିଲ କରାଯାଇଛି। ଏହି ଚାରି ଖେଳାଳି ହେଲେ ଡିଫେଣ୍ଡର୍ ଅନମୋଲ୍ ଏକ୍କା, ମିଡ୍‌ଫିଲ୍ଡର୍ ରୋହିତ କୁଲ୍ଲୁ, ଏଡ୍ରୋହିତ ଏକ୍କା ଏବଂ ରୋଜନ କୁଜୁର। ଟିମ୍‌ରେ ବିକ୍ରମଜିତ ସିଂହ ଏବଂ ପ୍ରିନ୍ସଦୀପ୍ ସିଂହଙ୍କ ରୂପରେ ଦୁଇଜଣ ଗୋଲ୍‌କିପରଙ୍କୁ ମନୋନୀତ କରାଯାଇଛି। ତେବେ ଅରିଜିତ୍ ସିଂହ ହୁଣ୍ଡଲ୍‌ଙ୍କ ପରି ଅନୁଭବୀ ଖେଳାଳିଙ୍କୁ ଟିମ୍‌ରେ ସାମିଲ କରାଯାଇ ନାହିଁ। କାନ୍ଧରେ ଆଘାତ କାରଣରୁ ସେ ବିଶ୍ୱକପ୍ ଖେଳିପାରିବେ ନାହିଁ। ପିଆର୍ ଶ୍ରୀଜେଶ୍‌ଙ୍କ କୋଚିଂରେ ଅଭ୍ୟାସ କରୁଥିବା ଭାରତୀୟ ଟିମ୍‌କୁ ପୁଲ୍-ବି'ରେ ଚିଲି, ସ୍ୱିଜରଲାଣ୍ଡ ଏବଂ ଓମାନ୍ ସହିତ ରଖାଯାଇଛି। ପାକିସ୍ତାନ ସୁରକ୍ଷା କାରଣରୁ ଟୁର୍ଣ୍ଣାମେଣ୍ଟରୁ ଓହରିଯିବା ପରେ ଓମାନ୍‌କୁ ସାମିଲ କରାଯାଇଛି।

ଶ୍ରୀଜେଶ୍ କହିଛନ୍ତି ବହୁ ପରଖିବା ପରେ ଟିମ୍ ଚୟନ କରାଯାଇଛି। ଟିମ୍‌ର ଅଧିକାଂଶ ଖେଳାଳିଙ୍କ ଏପରି ବଡ଼ ଟୁର୍ଣ୍ଣାମେଣ୍ଟ ଖେଳିବା ଅନୁଭବ ରହିଛି। ଚୟନ ମାନଦଣ୍ଡରେ ସେମାନଙ୍କ ଶାରୀରିକ କ୍ଷମତା, କୌଶଳ ଏବଂ ଟିମ୍-ପ୍ଲେ ସାମିଲ ଥିଲା। ତେବେ ଚାପରେ ପ୍ରଦର୍ଶନ କରିବାର ସେମାନଙ୍କ ମାନସିକ କ୍ଷମତା ଉପରେ ଆମେ ଅଧିକ ଧ୍ୟାନ ଦେଇଛୁ। ଆମେ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତିରେ ଆମକୁ ଅନ୍ତର୍ଜାତୀୟ ମ୍ୟାଚ୍‌ରୁ ଉନ୍ନତ ଅନୁଭବ ମିଳିଛି। ମୋଟ ଉପରେ ଆମେ ଘରୋଇ ଦର୍ଶକଙ୍କ ସାମ୍ନାରେ ଉନ୍ନତ ପ୍ରଦର୍ଶନ ଆଶା କରୁଛୁ।

**ଭାରତୀୟ ଜୁନିୟର୍ ପୁରୁଷ ଟିମ୍:**
ଗୋଲ୍‌କିପର୍- ବିକ୍ରମଜିତ୍ ସିଂହ, ପ୍ରିନ୍ସଦୀପ୍ ସିଂହ।
**ଡିଫେଣ୍ଡର୍:** ରୋହିତ, ଆମର ଅଲୀ, ଅନମୋଲ୍ ଏକ୍କା, ରବନୀତ ସିଂହ, ତାଲେମ୍ ପ୍ରୟୋବାର୍ତ୍ତା, ସୁନୀଲ୍ ପଲାକ୍ଷପ୍ପା ବେନ୍ନୁର୍, ଶାରଦାନନ୍ଦ ତିୱାରୀ।
**ମିଡ୍‌ଫିଲ୍ଡର୍:** ଅଙ୍କିତ ପାଲ୍, ରୋହିତ କୁଲ୍ଲୁ, ଏଡ୍ରୋହିତ ଏକ୍କା, ଥୋନାଓଜାମ ଇଙ୍ଗଲେମ୍ବା ଲୁୱାଙ୍ଗ, ମନମିତ ସିଂହ, ରୋଶନ୍ କୁଜୁର୍।
**ଫରୱାର୍ଡ:** ସୌରଭ ଆନନ୍ଦ କୁଶୱାହା, ଅର୍ଶଦୀପ୍ ସିଂହ, ଅଜିତ ଯାଦବ, ଗୁରଜୋତ୍ ସିଂହ, ଦିଲ୍‌ରାଜ ସିଂହ।

### କ୍ରିକେଟ୍‌ରୁ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଅବସର

**କଟକ,୧୪।୧୧/ଏନ୍‌ଏନ୍‌ଏସ୍:** ଓଡ଼ିଶା ସିନିୟର୍ ପୁରୁଷ କ୍ରିକେଟ୍ ଟିମ୍‌ର ମିଡିୟମ୍ ଫାଷ୍ଟ ବୋଲର୍ ସୂର୍ଯ୍ୟକାନ୍ତ ପ୍ରଧାନ କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ତତ୍କାଳ ପ୍ରଭାବରେ ଅବସର ଘୋଷଣା କରିଛନ୍ତି। ଏହା ସହିତ ତାଙ୍କ ଚମତ୍କାର କ୍ୟାରିୟର୍‌ର ଅନ୍ତ ଘଟିଛି। ବହୁବର୍ଷ ଧରି ବିଭିନ୍ନ ବୟସ ବର୍ଗ ଟିମ୍‌ରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିବା ସୂର୍ଯ୍ୟକାନ୍ତ ନିଜ ସ୍ଥିର ପ୍ରଦର୍ଶନ ଏବଂ ଖେଳ ପ୍ରତି ସମର୍ପଣ ଭାବ ସହିତ ଓଡ଼ିଶା କ୍ରିକେଟ୍‌ରେ ଗୁରୁତ୍ୱପୂର୍ଣ୍ଣ



ଅବଦାନ କରିଛନ୍ତି। ସେ ୬୨ ପ୍ରଥମଶ୍ରେଣୀ ମ୍ୟାଚ୍‌ରେ ୧୯୭ ୱିକେଟ୍ ନେଇଥିବା ବେଳେ ୪୦ ରନ୍‌ରେ ୭ ୱିକେଟ୍ ତାଙ୍କର ସର୍ବଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ। ଏହା ବ୍ୟତୀତ ୩୫ ଲିଷ୍ଟ-ଏ ମ୍ୟାଚ୍‌ରେ ତାଙ୍କ ନାମରେ ୪୬ ୱିକେଟ୍ ରହିଛି। ଲିଷ୍ଟ-ଏ'ରେ ୭/୩୯ ତାଙ୍କ ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଟି-୨୦ ଫର୍ମାଟ୍‌ରେ ସେ ୫୨ ମ୍ୟାଚ୍ ଖେଳିଥିବା ବେଳେ ୪୭ ୱିକେଟ୍ ହାସଲ କରିଛନ୍ତି। ୨୦୧୩ ନଭେମ୍ବର ୨୮ରେ ସେ କର୍ଣ୍ଣାଟକ ବିପକ୍ଷରେ ନିଜ ପ୍ରଥମଶ୍ରେଣୀ ପଦାର୍ପଣ କରିଥିବା ବେଳେ ୨୦୨୪ ନଭେମ୍ବର ୧୩ରେ ମହାରାଷ୍ଟ୍ର ବିପକ୍ଷରେ ଶେଷ ମ୍ୟାଚ୍ ଖେଳିଥିଲେ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ଏହି ଅବସରରେ ଓଡ଼ିଶା କ୍ରିକେଟ୍ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ପାଇଁ ସୂର୍ଯ୍ୟକାନ୍ତଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛି। ଓସିଏ ସଭାପତି ପଙ୍କଜ ଲୋଚନା ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଏବଂ ସମସ୍ତ ପଦାଧିକାରୀଙ୍କ ସମେତ ସଦସ୍ୟମାନେ ତାଙ୍କର ଉତ୍କୃଷ୍ଟ କ୍ୟାରିୟର୍ ପାଇଁ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଅଲ୍‌କାରାଜ୍ ଦ୍ୱିତୀୟ ଥର ବର୍ଷ ଶେଷରେ ନମ୍ବର-୧

### ଏଟିପି ର୍‌ୟାଙ୍କିଙ୍ଗ୍‌ରେ ଜାନିକ୍ ସିନର୍‌ଙ୍କୁ ଟପିଲେ



**ନୂଆଦିଲ୍ଲୀ,୧୪।୧୧/ଏଜେନ୍ସି:** ସ୍ପେନ୍ ଟେନିସ୍ ଷ୍ଟାର୍ କାର୍ଲୋସ୍ ଅଲ୍‌କାରାଜ୍ ଆସୋସିଏସନ୍ ଅଫ୍ ଟେନିସ୍ ପ୍ରଫେସନାଲ୍ (ଏଟିପି) ଫାଇନାଲ୍ସର ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଲୋରେଞ୍ଜୋ ମୁସେଟ୍ଟିଙ୍କୁ ହରାଇ ଦେଇଛନ୍ତି। ଏହା ସହିତ ସେ ଦ୍ୱିତୀୟ ଥର କୌଣସି ବର୍ଷ ଶେଷରେ ବିଶ୍ୱ ନମ୍ବର-୧ ର୍‌ୟାଙ୍କିଙ୍ଗ୍ ହାସଲ କରିଛନ୍ତି। ର୍‌ୟାଙ୍କିଙ୍ଗ୍‌ରେ ସେ ଇଟାଲୀର ଜାନିକ୍ ସିନର୍‌ଙ୍କୁ ପଛରେ ପକାଇ ଦେଇଛନ୍ତି। ଏହା ପୂର୍ବରୁ ୨୨ ବର୍ଷୀୟ ଅଲ୍‌କାରାଜ୍ ୨୦୨୨ର ବର୍ଷ ଶେଷରେ ନମ୍ବର-୧ ହୋଇଥିଲେ। ସେତେବେଳେ ସେ ସର୍ବକନିଷ୍ଠ ଖେଳାଳି ଭାବେ ଏହି ଉପଲବ୍ଧି ହାସଲ କରିଥିଲେ। ସକ୍ରିୟ ଖେଳାଳିଙ୍କ ମଧ୍ୟରେ ଏହି କାରନାମା କରିବାରେ ସେ ଦ୍ୱିତୀୟ ଖେଳାଳି। ତାଙ୍କ ଆଗରେ ନୋଭାକ୍ ଜୋକୋଭିଚ୍ ରହିଛନ୍ତି। ଜୋକୋଭିଚ୍ ୮ ଥର ବର୍ଷ ଶେଷରେ ବିଶ୍ୱ ନମ୍ବର-୧ ହୋଇଥିଲେ।

ଅଲ୍‌କାରାଜ ସେପ୍ଟେମ୍ବରରେ ଆୟୋଜିତ ୟୁଏସ୍ ଓପନ୍ ଫାଇନାଲ୍‌ରେ ସିନର୍‌ଙ୍କୁ ହରାଇ ନମ୍ବର-୧ ସ୍ଥାନ ହାସଲ କରିଥିଲେ। ଏହାପରେ ନଭେମ୍ବର ୩ରେ ଜାନିକ୍ ସିନର୍ ପ୍ୟାରିସ୍ ମାଷ୍ଟର୍ସ ଜିତି ପୁଣିଥରେ ଶୀର୍ଷ ସ୍ଥାନକୁ ଫେରିଥିଲେ। ସିନର୍ ଫାଇନାଲ୍‌ରେ ଫେଲିକ୍ସ ଅଗର୍-ଆଲିୟାସିମେଙ୍କୁ ୬-୪, ୭-୬(୭/୪)ରେ ହରାଇ ପ୍ୟାରିସ୍‌ରେ ନିଜର ପ୍ରଥମ ଟାଇଟଲ୍ ଜିତିଥିଲେ।

ବିଜୟ ପରେ ଅଲ୍‌କାରାଜ୍ କହିଛନ୍ତି, ବର୍ଷ ଶେଷରେ ନମ୍ବର-୧ ରହିବା ସର୍ବଦା ମୋର ଲକ୍ଷ୍ୟ ରହିଥାଏ। ସିଜନ୍ ଆରମ୍ଭରେ ଏହା ବହୁ ଦୂରରେ ଥିବା ଲାଗୁଥିଲା, ମାତ୍ର ମଝିରେ ଉନ୍ନତ ପ୍ରଦର୍ଶନ କରି ମୁଁ ସୁଯୋଗ ହାସଲ କରିଛି। ଅଲ୍‌କାରାଜ୍ ୨୦୨୫ରେ ମୋଟ ୮ ଟାଇଟଲ୍ ଜିତିଛନ୍ତି, ଯାହା କୌଣସି ଖେଳାଳିଙ୍କ ପାଇଁ ସର୍ବାଧିକ। ଏଥିରେ ଫ୍ରେଞ୍ଚ ଓପନ୍ ଏବଂ ୟୁଏସ୍ ଓପନ୍ ପରି ଦୁଇଟି ଗ୍ରାଣ୍ଡସ୍ଲାମ୍ ମଧ୍ୟ ସାମିଲ। ସେ ଲଗାତାର ୧୭ ଏଟିପି ମାଷ୍ଟର୍ସ ମ୍ୟାଚ୍ ଜିତିଥିବା ବେଳେ ୯ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ଖେଳିଛନ୍ତି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra